# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୬/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 6/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 131 | ମୂଲ୍ୟ₹୭/-




ବ୍ଲୁ ଅରିଜିନ୍‌ର ଏନ୍‌ଏସ୍‌-୩୧ରେ ମହାକାଶକୁ ଯିବାକୁ ଥିବା ମହିଳାମାନେ।

## ମହିଳାଙ୍କୁ ନେଇ ମହାକାଶ ଯିବ ବ୍ଲୁ ଅରିଜିନ୍‌ର ଏନ୍‌ଏସ୍‌-୩୧

**ୱାଶିଂଟନ,୫।୪**

ଜେଫ୍‌ ବେଜୋସ୍‌ଙ୍କ କମ୍ପାନୀ ବ୍ଲୁ ଅରିଜିନ୍‌ର ମହାକାଶ ଯାନ ଏନ୍‌ଏସ୍‌-୩୧ ଆସନ୍ତା ୧୪ରେ କେବଳ ମହିଳାମାନଙ୍କୁ ନେଇ ମହାକାଶ ଯିବ। ଏହି ଐତିହାସିକ ମିଶନରେ ସାମିଲ ହେବାକୁ ଥିବା କ୍ରିଉମାନଙ୍କ ମଧ୍ୟରେ ରହିଛନ୍ତି ଖ୍ୟାତନାମା ପପ୍‌ଷ୍ଟାର କେଟି ପେରୀ, ଟେଲିଭିଜନ ଉପସ୍ଥାପିକା ଗେଲେ କିଙ୍ଗ, ନାସାର ପୂର୍ବତନ ରକେଟ ବିଜ୍ଞାନୀ ଐଶା ବୋୱେ, ବାୟୋଆଷ୍ଟ୍ରୋନଟିକ୍ସ ରିସର୍ଚ୍ଚ ସାଇଣ୍ଟିଷ୍ଟ ତଥା ସିଭିଲ ରାଇଟ୍ସ ଆକ୍ଟିଭିଷ୍ଟ ଆମଣ୍ଡ ଏନ୍‌ଗୁୟେନ୍‌, ଚଳଚ୍ଚିତ୍ର ନିର୍ମାତା କେରିଆନେ ଫ୍ଲିନ୍‌ ଏବଂ ଖବରଦାତା ତଥା ହେଲିକପ୍ଟର ପାଇଲଟ୍‌ ଲୌରେନ୍‌ ସାଞ୍ଚେଜ୍‌। ଏହା ବ୍ଲୁ ଅରିଜିନ୍‌ର ମହାକାଶକୁ ☞ପୃଷ୍ଠା-୪

# ୨୮ ଆସନ ହରେଇବ ବିଜେଡି: ଦେବାଶିଷ

**ସଂସଦରେ ୱକ୍‌ଫ ବିଲ୍‌ ଗୃହୀତ ହୋଇଯାଇଛି। କେନ୍ଦ୍ରରେ ଭାଜପା ପରିଚାଳିତ ସରକାର ସଂଖ୍ୟା ଖେଳରେ ଲକ୍ଷ୍ୟ ହାସଲ କରିଛନ୍ତି। କିନ୍ତୁ ଏହି ବିଲ୍‌ର ପ୍ରଭାବ ବିଜୁ ଜନତା ଦଳ (ବିଜେଡି) ଉପରେ ସର୍ବାଧିକ ପଡ଼ିଛି। ମୂଳରୁ ବିଜେଡି ବିଲ୍‌କୁ ବିରୋଧ କରୁଥିବାବେଳେ ପରବର୍ତ୍ତୀ ସମୟରେ ବିବେକାନୁମୋଦିତ ନିଷ୍ପତ୍ତି ନେବା ବିଷୟ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିବା ପରେ ଓଡ଼ିଶାରେ ରାଜନୈତିକ ହଇଚଇ ସୃଷ୍ଟି ହୋଇଛି। ଅନେକ ବିଜେଡି ନେତା ସସ୍ମିତଙ୍କୁ ସମାଲୋଚନା କରୁଥିବାବେଳେ ଅନ୍ୟତମ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଛନ୍ତି- ସସ୍ମିତ ନିର୍ଦ୍ଦେଶ ନିଅନ୍ତି, ଦିଅନ୍ତି ନାହିଁ; ଭିଲେନ ମୁଖ୍ୟ ପରାମର୍ଶଦାତା। ୱକ୍‌ଫ ବିଲକୁ ନେଇ ଯେଉଁଭଳି ସ୍ଥିତି ସୃଷ୍ଟି ହୋଇଛି ବିଜେଡି ଆଗକୁ ଉପକୂଳ ଅଞ୍ଚଳର ୨୮ଟି ଆସନରେ ହାରିବ ବୋଲି ଦେବାଶିଷ ଭବିଷ୍ୟବାଣୀ କରିଛନ୍ତି। ଏ ସବୁକୁ ଦେଖିଲେ ଦଳ ଭିତରେ ଫାଟ ଆହୁରି ବଢ଼ିବାରେ ଲାଗିଥିବା ଦେଖାଯାଉଛି।**

- ସସ୍ମିତ-ଅଶ୍ୱିନୀ ବୁଲିବୁଲି ବିଲ୍‌ ସପକ୍ଷରେ କ୍ୟାମ୍ପେନ କରୁଥିଲେ
- ସସ୍ମିତ ନିର୍ଦ୍ଦେଶ ନିଅନ୍ତି, ଦିଅନ୍ତି ନାହିଁ, ଭିଲେନ୍‌ ମୁଖ୍ୟ ପରାମର୍ଶଦାତା
- ଷଡଯନ୍ତ୍ରର ତର୍ଜମା କରିବାକୁ ନବୀନଙ୍କୁ ଚିଠି ଲେଖିଲେ ପ୍ରତାପ
- ଦଳ ଏବେ ଧର୍ମସଙ୍କଟରେ କହିଲେ ବଦ୍ରି



ଦେବାଶିଷ ସାମନ୍ତରାୟ

**ଭୁବନେଶ୍ୱର, ୫।୪(ସୁନିତ୍‌ ମିଶ୍ର)**

ଉପକୂଳ ଅଞ୍ଚଳର ୨୮ଟି ବିଧାନସଭା ଆସନରେ ସଂଖ୍ୟାଲଘୁଙ୍କ ସଂଖ୍ୟା ବହୁ ଅଧିକ ରହିଛି। ଏଥି ମଧ୍ୟରୁ ଗୋଟିଏ ଗୋଟିଏ ଆସନରେ ସଂଖ୍ୟାଲଘୁଙ୍କ ସଂଖ୍ୟା ୩୦ରୁ ୪୦ ହଜାର ପର୍ଯ୍ୟନ୍ତ ମଧ୍ୟ ରହିଛି। ୱକ୍‌ଫ ବିଲ୍‌କୁ ନେଇ ଯେଉଁଭଳି ପରିସ୍ଥିତି ସୃଷ୍ଟିକଲେ ଏହିସବୁ ଆସନରେ ବିଜେଡି ହାରିବ ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଛନ୍ତି।

ସେ ଆହୁରି କହିଛନ୍ତି, ବିଭିନ୍ନ ସମୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଥାଏ। ଗତ ପାର୍ଲାମେଣ୍ଟ ଅଧିବେଶନ ଲାଗି ଦଳର ସଂସଦୀୟ ଦଳ ବୈଠକ ମଧ୍ୟ ହୋଇଥିଲା। ଏଥିରେ ୱକଫ୍‌ ବିଲ୍‌କୁ ବିରୋଧ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏପରିକି ୨ଥର ବିରୋଧ କରିବା ଲାଗି ନିଷ୍ପତ୍ତି ହୋଇଛି। ସଂଖ୍ୟାଲଘୁମାନଙ୍କ ବୈଠକରେ ଦଳର ସଭାପତି ମଧ୍ୟ ଏକଥା କହିଥିଲେ। ଇଫ୍‌ତାର ପାର୍ଟିରେ ମଧ୍ୟ ନବୀନ ବିଲ୍‌କୁ ବିରୋଧ କରାଯିବ ବୋଲି କହିଥିଲେ। ରାଜ୍ୟ ସଭାରେ ଏମ୍‌ପି ମୁଜିବୁଲ୍ଲା (ମୁନା) ଖାନ୍‌ ୱକଫ୍‌ ବିଲ୍‌ ଆଲୋଚନାରେ ଭାଗ ନେଇ କହିଲେ, ଆମ ଦଳର ନେତା ତଥା ବିଜେଡି ସଭାପତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବାଣିଜ୍ୟ ଯୁଦ୍ଧ

**ଆଜିର ମନ୍ତବ୍ୟ**


“ଦେଶରୁ ମାଓବାଦ ହିଂସାର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ସଂକଳ୍ପ ନେଇଛନ୍ତି। ଆସନ୍ତା ଚୈତ୍ର ନବରାତ୍ରି ସୁଦ୍ଧା ବସ୍ତର ସମ୍ପୂର୍ଣ୍ଣ ମାଓବାଦୀ ହିଂସାମୁକ୍ତ ହେବା

-ଅମିତ୍‌ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ











A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ-୨୦୨୫' ପ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ମୁଖ୍ୟବକ୍ତା 'ବିଗିଜ୍ ବର୍ଗର'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

ମଞ୍ଚାସୀନ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ମୁଖ୍ୟବକ୍ତା 'ବିଗିଜ୍ ବର୍ଗର'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ।

ଅଧିକ ଫଟୋ ପୃଷ୍ଠା: ୮-୯

# ମିଳିତ ଉଦ୍ୟମ ହେଲେ ଆଗକୁ ଯାଇପାରିବା: କନକ

ଭୁବନେଶ୍ୱର,୫।୪ (ଅନୁରାଧା ମହାରଣା)

ରାଜ୍ୟରେ ଶିଳ୍ପ ତଥା ଔଦ୍ୟୋଗିକ ସମ୍ଭାବନାର ସୁଯୋଗ ରହିଛି। ମିଳିତ ଉଦ୍ୟମ ହେଲେ ଆମେ ଆଗକୁ ଯାଇପାରିବା ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଶନିବାର ଆୟୋଜିତ 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ'ର ୫ ସଂସ୍କରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିଂଦେଓ ଆହୁରି କହିଛନ୍ତି, ଦେଶରେ ଓଡ଼ିଶାକୁ ଏକ ନମ୍ବର କରିବାକୁ ହେଲେ ପ୍ରତିଟି ବ୍ୟକ୍ତି ନିଜ ନିଜ ସ୍ତରରେ ଉଦ୍ୟମ କରିବା ଉଚିତ। ଉଦ୍ୟୋଗୀମାନେ ରାଜ୍ୟ ତଥା ଦେଶର ସାମାଜିକ ଅର୍ଥନୀତିକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏପରି କି ନିଜ ପ୍ରଚେଷ୍ଟା ଓ ପରିଶ୍ରମ ବଳରେ ଏକ ବ୍ୟବସାୟିକ ସାମ୍ରାଜ୍ୟ ସୃଷ୍ଟି କରି ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇବାରେ ସଫଳ ହୋଇପାରିଛନ୍ତି। ଉଦ୍ୟୋଗୀମାନଙ୍କ କଠିନ ପରିଶ୍ରମ ଏବଂ ଅଧ୍ୟବସାୟକୁ ସମ୍ମାନିତ କରିବାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ବୋଲି ସିଂଦେଓ କହିଛନ୍ତି।




ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ 'ବିଗିଜ୍ ବର୍ଗର୍'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ ଯୋଗଦେଇ ନିଜର ଔଦ୍ୟୋଗିକ ଯାତ୍ରାର ଅନୁଭୂତି ବର୍ଣ୍ଣନା କରିବା ସହ ସମସ୍ତ ଉଦ୍ୟୋଗୀ ନିଜ ନିଜ ଉଦ୍ୟୋଗକ୍ଷେତ୍ରରେ ନିଷ୍ଠାପର ମନୋଭାବ ପୋଷଣ ପାଇଁ ମତ ଦେଇଥିଲେ। ଏକ ଛୋଟ ବ୍ୟବସାୟରୁ ଆରମ୍ଭ ହୋଇଥିବା ବିଗିଜ୍ ବର୍ଗର୍‌କୁ ଏକ ପ୍ରତିଷ୍ଠିତ ବ୍ରାଣ୍ଡରେ ପରିଣତ କରିବା ପାଇଁ ତାଙ୍କର ପ୍ରୟାସ, ତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଭାରତର ଅର୍ଥନୀତି ସୁଦୃଢ଼ କରିବା ପଛରେ କେବଳ ବଡ଼ ବଡ଼ ଶିଳ୍ପ ନୁହେଁ ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ଉଦ୍ୟୋଗୀ ଉଚ୍ଚ ସ୍ୱପ୍ନ ଦେଖିବା, ବିଶ୍ୱସ୍ତରୀୟ ସ୍ୱପ୍ନ ଦେଖିବା ଏବଂ ଏହି ସ୍ୱପ୍ନ ପୂରଣ କରିବା ଦିଗରେ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଉଦ୍ୟୋଗୀ ଭାବେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଯୁବପିଢ଼ିଙ୍କ ମାର୍ଗଦର୍ଶନ କରିଥିଲେ। ଖବରକାଗଜ ଶିଳ୍ପର ଉଦାହରଣ ଦେଇ ଅନ୍ୟ ଯେକୌଣସି ଉଦ୍ୟୋଗ ବା ଶିଳ୍ପରେ କିପରି ସଫଳତା ପାଇହେବ ସେନେଇ ମତ ଦେଇଥିଲେ। ଉଦ୍ୟୋଗୀମାନେ ବିଭିନ୍ନ ସମୟରେ ଆସୁଥିବା ସମସ୍ୟାର ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ ରହିବା ସହ ନିଜ କମ୍ପାନୀର କର୍ମଚାରୀଙ୍କୁ ଖୁସି ରଖିବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ କହିଥିଲେ, ଓଡ଼ିଶାର ଛୋଟବଡ଼ ବ୍ୟବସାୟୀଙ୍କ ପାଇଁ କୋଭିଡ୍ ମହାମାରୀ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା। ସେତେବେଳେ ଯେଉଁମାନେ ନିଜ ବ୍ୟବସାୟ ବଞ୍ଚାଇ ରଖିପାରିଥିଲେ ସେମାନେ ଆଜି ବହୁତ ଆଗକୁ ବଢ଼ିଲେଣି। ଆଇପିଏସ୍ ଓ ଆଇଏଏସ୍ ଭଳି ଚାକିରିକୁ ପୂର୍ବରୁ ସଫଳତାର ଶେଷ ପାହାଚ ବୋଲି ବିଚାର କରାଯାଉଥିବାବେଳେ ବର୍ତ୍ତମାନ ଲୋକଙ୍କ ମାନସିକତା ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲାଣି। ଉଦ୍ୟୋଗ ପ୍ରତିଷ୍ଠା କରି ମଧ୍ୟ ଜଣେ ସଫଳ ହୋଇପାରେ ତାହା ଲୋକେ ବୁଝିଲେଣି ବୋଲି ତଥାଗତ କହିଥିଲେ। ରାଜ୍ୟକୁ ଶିଳ୍ପ କ୍ଷେତ୍ରରେ ଆଗକୁ ନେବାକୁ ରାଜନୈତିକ, ସାମାଜିକ, ବ୍ୟକ୍ତିଗତ ଓ ପ୍ରଶାସନିକସ୍ତରରେ ପ୍ରୟାସ କରିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ଆଗରୁ ଓଡ଼ିଶାକୁ ବାହାର ରାଜ୍ୟ ଲୋକେ ଚିହ୍ନୁ ନ ଥିଲେ। ବର୍ତ୍ତମାନ କିନ୍ତୁ ରାଜ୍ୟ ବହୁତ ଖ୍ୟାତି ଅର୍ଜନ କଲାଣି। ଆଗକୁ ଏହି ଧାରାକୁ ବଜାୟ ରଖିବାକୁ ହେବ ବୋଲି ତଥାଗତ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ବିଭିନ୍ନ ଉଦ୍ୟୋଗରେ ସଫଳତା ହାସଲ କରିଥିବା ୨୦ଜଣ ଉଦ୍ୟୋଗପତିଙ୍କୁ ବିଜ୍‌ନେସ ଏମିନେନ୍ସ ଆୱାର୍ଡ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୋଭନା ମିଶ୍ର ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ, ଜେଏସ୍‌ପି(ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର୍), ଏମ୍‌ସିଏଲ୍(ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍), ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ପାରାଦୀପ ଫସଫେଟ୍ ଲିମିଟେଡ୍(ପିପିଏଲ), ବେଦାନ୍ତ, ଏସ୍‌ଏସ୍‌ଟି ଡେଭ୍‌ଲେପସ, ଇମ୍ପା, ଜେଏସ୍‌ଏଲ୍, ସିଭି ରମଣ ଗ୍ଲୋବାଲ ୟୁନିଭରସିଟି, ନାରାୟଣୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍, ଡ୍ରିମ୍‌ସ ୟୁନିଭରସିଟି, ନାଲ୍‌କୋ, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ସାଇସବୁରୀ ହସ୍ପିଟାଲ, ଚିରାଗ ଇଣ୍ଡଷ୍ଟ୍ରିଜ୍, ୱିଫି ଇଣ୍ଟରନେଟ୍ ଓ ଅଜନ୍ତା ଆଡଭର୍ଟାଇଜର୍ସ ପ୍ରାୟୋଜକ ଥିଲେ। ସମସ୍ତ ପ୍ରାୟୋଜକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ' ୫ମ ସଂସ୍କରଣର ସମ୍ବର୍ଦ୍ଧିତ ଉଦ୍ୟୋଗୀ

| | |
|---|---|
| ଅମ୍ବରୀଶ ଦାଶ | ପ୍ରତିଷ୍ଠାତା, ଯୁବୋଦୟ ଇନଷ୍ଟିଚ୍ୟୁଟ୍ |
| ବିଭୁପ୍ରସାଦ ରଥ | ପରିଚାଳନା ନିର୍ଦ୍ଦେଶକ, କଞ୍ଚାଲଙ୍କା |
| ବ୍ରିଜେଶ ମେହେର | ପରିଚାଳନା ନିର୍ଦ୍ଦେଶକ, ମିନରବା ଅଟୋମୋବାଇଲ୍ ପ୍ରାଇଭେଟ୍ ଲିମିଟେଡ୍ |
| ଦେବାଶିଷ ପଟ୍ଟନାୟକ | ପରିଚାଳନା ନିର୍ଦ୍ଦେଶକ, ଟ୍ରାନ୍ସଫର୍ମ ଫର୍ନିଚର ପ୍ରାଇଭେଟ୍ ଲିମିଟେଡ୍ |
| ଜୟନ୍ତ କୁମାର ଲେଙ୍କା | ପ୍ରୋପ୍ରାଇଟର, ଏମ୍/ଏସ୍ ଲିଓଟ୍ରୋନିକ୍ସ ପାୱାର ସିଷ୍ଟମ୍ |
| ଇଂ. ମନୋଜ କୁମାର ସାହୁ | ନିର୍ଦ୍ଦେଶକ, ଡିଅନ୍ ଗ୍ରୁପ୍ |
| ଡ. ଲୋକନାଥ ଦାଶ | ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ, କେୟାର ହସ୍ପିଟାଲ |
| କ୍ରିଷ୍ଣମୋହନ ଟାଟା | ନିର୍ଦ୍ଦେଶକ, ଗୀତାଞ୍ଜଳି ଆୱାର୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ |
| ମନସୁର ବକ୍ସ | ପରିଚାଳନା ନିର୍ଦ୍ଦେଶକ, ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍ |
| ନେହା ଅଗ୍ରୱାଲା | ବିନାୟକ କାସ୍ୟୁସ୍, ମ୍ୟାନେଜିଂ ପାର୍ଟନର୍ |
| ପ୍ରହ୍ଲାଦ ପଲାଇ | ପ୍ରୋପ୍ରାଇଟର, ସୋମେନ ଅଗରବତି |
| ରାଜେଶ ଗାଡୋଡିଆ | ଚେୟାରମ୍ୟାନ, ସ୍କାନ୍ ଷ୍ଟିଲ୍‌ସ ଲିମିଟେଡ୍ |
| ପୱନ କୁମାର ସୁଲତାନିଆ | ପରିଚାଳନା ନିର୍ଦ୍ଦେଶକ, ଇନ୍‌ଫିନିଟି ଭେଞ୍ଚର |
| ସାଇ ଶିବାନୀ କର | ନିର୍ଦ୍ଦେଶକ, କର ଆଣ୍ଡ ବ୍ରଦର୍ସ |
| ଶୈଳେନ୍ଦ୍ର ନାରାୟଣ ସେନାପତି | ପରିଚାଳନା ନିର୍ଦ୍ଦେଶକ, ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରାଇଭେଟ୍ ଲିମିଟେଡ୍ |
| ପ୍ରଦୀପ କୁମାର ଥାକର | ନିର୍ଦ୍ଦେଶକ, ଏସେନ୍ ଗ୍ରୁପ୍ |
| ସଞ୍ଜୀବ କୁମାର ସାହୁ | ମ୍ୟାନେଜିଂ ପାର୍ଟନର, ଜାଭେରୀ ଜେମସ୍ ଆଣ୍ଡ ଜୁଏଲର୍ସ |
| ଯୁଗବ୍ରତ କର | ପ୍ରତିଷ୍ଠାତା, ଦେଶିଆ ଇକୋ ରିସୋର୍ଟ |
| ଶ୍ୟାମସୁନ୍ଦର ସନ୍ଥୋଲିଆ | ପରିଚାଳନା ନିର୍ଦ୍ଦେଶକ, ଏସ୍ ସ୍କୋୟାର ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍ |
| ସମଶେର ସିଂ ହୁରା | ସିଇଓ ଓ ପ୍ରତିଷ୍ଠାତା, ଜାଶ୍ ହୋଣ୍ଡା |



ମୁଖ୍ୟ ଅତିଥି ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।



କାର୍ଯ୍ୟକ୍ରମର ମୁଖ୍ୟବକ୍ତା 'ବିଗିଜ୍ ବର୍ଗର'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଜାମନଗରରୁ ଦ୍ୱାରକା**

# ଅନନ୍ତ ଅମ୍ବାନୀଙ୍କ ୧୭୦ କି.ମି. ପଦଯାତ୍ରା

ଜାମନଗର,୫।୪

ଦେଶରେ ପଦଯାତ୍ରାକୁ ଭାରତୀୟ ସଭ୍ୟତାର ଐତିହ୍ୟ ରୂପେ ବିବେଚନା କରାଯାଉଥିବାବେଳେ ସବୁଠୁ ଧନୀ ପରିବାରର ଜଣେ ଦାୟାଦ ନିଜକୁ ଆଧ୍ୟାତ୍ମ ସହ ଯୋଡ଼ି ପଦଯାତ୍ରା ଆରମ୍ଭ କରିଛନ୍ତି। ୨୯ ବର୍ଷୀୟ ଅନନ୍ତ ଅମ୍ବାନୀ ତାଙ୍କ ପୈତୃକ ଘର ଥିବା ସହର ତଥା କର୍ମଭୂମି ଗୁଜରାଟର ଜାମନଗରରୁ ଦେଶର ଅନ୍ୟତମ ପବିତ୍ର ସହର ଦ୍ୱାରକା ଅଭିମୁଖେ ପଦଯାତ୍ରା କରୁଛନ୍ତି। ଅନନ୍ତ ମାର୍ଚ୍ଚ ୨୯ରେ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ସେ ଦିନକୁ ପ୍ରାୟ ୨୦ କି.ମି. ଯାତ୍ରା କରୁଛନ୍ତି। ପ୍ରତିଦିନ ରାତିରେ ସେ ୭ ଘଣ୍ଟା ପାଦରେ ଚାଲି ଚାଲି ଯାଉଛନ୍ତି। ଭାରତର ଧର୍ମ ଓ ଆଧ୍ୟାତ୍ମିକତା ସହ ଯୋଡ଼ିହୋଇ ରହିଥିବା ଦ୍ୱାରକାରେ ସେ ନିଜ ୩୦ତମ ଜନ୍ମଦିନର ଦିନକ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୮ରେ ପହଞ୍ଚିବେ।

ଅନନ୍ତ ରାସ୍ତାରେ ଯିବାବେଳେ ଅନେକ ଶ୍ରଦ୍ଧା ଓ ସଦ୍‌ଭାବନା ପାଉଥିବା ଦେଖିବାକୁ ମିଳୁଛି। କେତେଜଣ ବ୍ୟକ୍ତି ତାଙ୍କ ସହ ମିଶି ପଦଯାତ୍ରା କରୁଛନ୍ତି। ଅନନ୍ତଙ୍କ ପଦଯାତ୍ରାକୁ ଆଉ ଗୋଟିଏ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। ତାହା ହେଲା ସେ ବିରଳ ହରମୋନ୍‌ଜନିତ ଅସଙ୍ଗତି କ୍ୟୁଶିଙ୍ଗ୍ସ ସିଣ୍ଡ୍ରୋମ, ମେଦବହୁଳତା, ଶ୍ୱାସ ଓ ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ଥାଇ ଏପରି ପଦଯାତ୍ରା କରୁଛନ୍ତି। ଅନନ୍ତ ଏହି ଆଧ୍ୟାତ୍ମିକ ପଦଯାତ୍ରା ବେଳେ ହନୁମାନ ଚାଳିସା, ସୁନ୍ଦରକାଣ୍ଡ ଓ ଦେବ୍ରୀ ସ୍ତୋତ୍ର ପାଠ କରୁଛନ୍ତି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁକେଶ ଅମ୍ବାନୀଙ୍କ ସାନପୁଅ ଜଣେ ସନାତନୀ। ସେ ଅନେକ ସମୟରେ ବଦ୍ରୀନାଥ, କେଦାରନାଥ, କାମାକ୍ଷା, ନାଥଦ୍ୱାରା, କାଳୀଘାଟ ଓ କୁମ୍ଭମେଳା ଭଳି ଆଧ୍ୟାତ୍ମିକ ସ୍ଥଳ ଓ ସମାଗମରେ ସାମିଲ ହୋଇଥାଆନ୍ତି। ଅନନ୍ତ ବିଶ୍ୱର ସର୍ବବୃହତ୍ ବିଶୋଧନାଗାରର ବ୍ୟବସାୟ ସମ୍ଭାଳନ୍ତି। ଏପରି କି ଦେଶର ସବୁଠି ବଡ଼ ନ୍ୟୁ ଏନର୍ଜି ଟ୍ରାନ୍ସଫର୍ମେଶନ୍ ପ୍ରୋଜେକ୍ଟଗୁଡ଼ିକର ତତ୍ତ୍ୱାବଧାନ ଦାୟିତ୍ୱ ମଧ୍ୟ ତାଙ୍କ ହାତରେ ନ୍ୟସ୍ତ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ବନ୍ତାରା ପ୍ରାଣୀ ଆଶ୍ରୟସ୍ଥଳର ପ୍ରତିଷ୍ଠାତା ମଧ୍ୟ ଅନନ୍ତ ଅମ୍ବାନୀ। ଏକ ଆଧ୍ୟାତ୍ମିକ ପରମ୍ପରାକୁ ଅନୁସରଣ କରିବା ସହ ବ୍ୟବସାୟିକ ଜଗତରେ ଭବିଷ୍ୟତ ନିର୍ମାଣ ମଧ୍ୟ ସମ୍ଭବ, ଏହା ଅନନ୍ତ ଦର୍ଶାଉଛନ୍ତି।



# ୫୬ ହଜାରକୁ ଖସିପାରେ ସୁନା ଦର

**ବିଶେଷଜ୍ଞଙ୍କ ପୂର୍ବାନୁମାନ**

ନୂଆଦିଲ୍ଲୀ,୫।୪

ସୁନା ଦର ଏବେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବାବେଳେ ଆଗାମୀ ବର୍ଷରେ ଏହା ସମ୍ଭବତଃ ୩୮%ହ୍ରାସ ପାଇ ୫୬,୦୦୦ ଟଙ୍କାକୁ ଖସିପାରେ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଯୋଗାଣ ବୃଦ୍ଧି, ଚାହିଦା କମିବା ଏବଂ ବଜାର ପରିପୂର୍ଣ୍ଣତା କାରଣରୁ ଦର ଖସିପାରେ ବୋଲି କୁହାଯାଉଛି। ଆମେରିକାର ମର୍ନିଂଷ୍ଟାର ବିଶ୍ଳେଷକଙ୍କ ପୂର୍ବାନୁମାନ ଅନୁଯାୟୀ, ଆଗାମୀ କିଛି ବର୍ଷରେ ସୁନା ଦର ୩୮% ହ୍ରାସ ପାଇବ। ଅନ୍ତର୍ଜାତୀୟ ବଜାରରେ ୨୪କ୍ୟାରେଟ୍ ସୁନା ଦର ଆଉନ୍ସ ପ୍ରତି ୩,୧୦୦ ଡଲାର ରହିଥିବାବେଳେ ଭାରତୀୟ ବଜାରରେ ୧୦ ଗ୍ରାମ୍ ପ୍ରତି ଦର ପାଖାପାଖି ୯୦,୦୦୦ ଟଙ୍କା ରହିଛି। ଏହା ସମ୍ଭବତଃ ପାଖାପାଖି ୪୦%କୁ ହ୍ରାସ ପାଇ ୧୦ ଗ୍ରାମ ପ୍ରତି ଦର ୫୫ ହଜାର ପାଖାପାଖି ହୋଇପାରେ ବୋଲି ଜନ୍ ମିଲ୍ସ କହିଛନ୍ତି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପ୍ରତି ୧,୮୨୦ ଡଲାରକୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

ଆର୍ଥିକ ଅନିଶ୍ଚିତତା, ମୁଦ୍ରାସ୍ଫୀତି ଚିନ୍ତା ଏବଂ ଭୂରାଜନୈତିକ ଉତ୍ତେଜନା ଯୋଗୁ ସୁନା ଦର ବଢ଼ିଚାଲିଥିଲା। ସୁନାରେ ନିବେଶ କରିବାକୁ ନିବେଶକମାନେ ସୁରକ୍ଷିତ ମଣୁଥିଲେ। ତେବେ ଏକାଧିକ କାରଣ ପାଇଁ ସୁନା ଦର ହ୍ରାସ ପାଇବାକୁ ଯାଉଛି। ସୁନା ଉତ୍ପାଦନ ବଢ଼ିଥିବାବେଳେ ବୈଶ୍ୱିକ ସ୍ତରରେ ସୁନା ରିଜର୍ଭ ୯% ବୃଦ୍ଧି ପାଇ ୨,୧୬,୨୬୫ ଟନ୍‌ରେ ପହଞ୍ଚିଛି। ଅଷ୍ଟ୍ରେଲିଆ ଉତ୍ପାଦନ ବଢ଼ାଇବା ସହ ସୁନା ରିସାଇକ୍ଲିଂ କରି ଯୋଗାଣ ବୃଦ୍ଧି କରିଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଗତବର୍ଷ ୧,୦୪୫ ଟନ୍ ସୁନା କିଣିଥିବାବେଳେ ଚଳିତ ବର୍ଷ ଏହା ହ୍ରାସ ପାଇପାରେ। ୭୧% କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କ ସୁନା ଭଣ୍ଡାର କମାଇବାକୁ ଯୋଜନା କରିଥିବା ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ ସର୍ଭେରୁ ଜଣାପଡ଼ିଛି। ସେହିପରି ୨୦୨୪ରେ ସୁନା ସେକ୍ଟରରେ ମିଶ୍ରଣ ଏବଂ ଅଧିଗ୍ରହଣ ୩୨% ବଢ଼ିଥିଲା। ଏହିସବୁ କାରଣରୁ ସୁନା ଦର ହ୍ରାସ ପାଇବ ବୋଲି ମିଲ୍ସ ପୂର୍ବାନୁମାନ କରିଥିବାବେଳେ ଦର ବଢ଼ିବା ନେଇ ବ୍ୟାଙ୍କ ଅଫ୍ ଆମେରିକା ଏବଂ ଗୋଲ୍ଡମ୍ୟାନ୍ ସାକ୍ସ ପକ୍ଷରୁ ପୂର୍ବାନୁମାନ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଛେନାପୋଡ଼ ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ ସମ୍ମୁଖ ବରଗଛ ଛାଇ, ସମୟ: ସକାଳ ୭ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୨ଟା।
- ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ରର ବାର୍ଷିକ ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।

## କଟକ

- ଗଦାଧରପୁରସ୍ଥିତି ଶ୍ରୀ ରଘୁନାଥପୀଠରେ ୫୩ତମ ରାମ ନବମୀ ପାଇଁ କଳସ ଯାତ୍ରା, ସ୍ଥାନ: ଗଦାଧରପୁରସ୍ଥିତ ଖଳି ନଈ, ସମୟ: ସକାଳ ୯ଟା।
- ହିନ୍ଦୁସେନା ବଡ଼ମ୍ବା ଶାଖା ତରଫରୁ ଶ୍ରୀରାମ ଧ୍ୱଜା ଯାତ୍ରା, ସ୍ଥାନ: ବଡ଼ମ୍ବା ବୁଢ଼ା ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ରଘୁନାଥ ଜୀଉ ଶ୍ରୀରାମ ଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମଲୀଳା ଗୀତିନାଟ୍ୟ ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା, ତେଲିସାହିସ୍ଥିତ ଶ୍ରୀଶ୍ରୀ ରଘୁନାଥ ଦେବଙ୍କ ମଠ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ଶ୍ରୀରାମ ମନ୍ଦିର ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ବିଶ୍ୱନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।
- ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ହନୁମାନଙ୍କ ୨ୟ ବାର୍ଷିକ ଉତ୍ସବ, କଳସଯାତ୍ରା, ସ୍ଥାନ: ଶରଧାପୁର, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ବ୍ରାହ୍ମଣ ସାହି, ସମୟ: ରାତି ୮ଟା।

## ବାଲେଶ୍ୱର

- ମା' ବାସନ୍ତୀ ଦୁର୍ଗା ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: କୁଲିଗାଁ କଲେଜ ପଡ଼ିଆ, ରେମୁଣା, ସମୟ: ଦିବସବ୍ୟାପୀ।
- ମା' ବାସନ୍ତୀ ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୁପସା, ସମୟ: ଦିବସବ୍ୟାପୀ।
- ଭାଜପାର ୪୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସଦର ଭାଜପା କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ନବମୀ ଅବସରରେ ବିଶାଳ ପଦଯାତ୍ରା ଓ ଶ୍ରୀରାମ ଦରବାର ଝାଙ୍କି, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଶ୍ରୀରାମ ନବମୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାମ ମନ୍ଦିର, ତିହିଡ଼ି, ସମୟ: ସକାଳ ୮ଟା।
- ରାମନବମୀ ପାଳନ, ସ୍ଥାନ: ପଟାପୋଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: ଟିଲୋ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସାରସ୍ୱତ ସମାବେଶ ଓ ବାର୍ଷିକ ଉତ୍ସବ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଭିନେତା ମନୋଜ କୁମାରଙ୍କ ସ୍ମୃତିସଭା, ସ୍ଥାନ: ବାଇପାସ୍ ହରେକୃଷ୍ଣ ସଦ୍‌ଭାବନା ଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କମିଟି ପକ୍ଷରୁ ପୂଜାର୍ଚ୍ଚନା, ମେଢ଼ ନଗର ପରିକ୍ରମା ଓ ବିସର୍ଜନ, ସ୍ଥାନ: ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାମ ନବମୀ ନଗର ସଂକୀର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ନେହେରୁ ଷ୍ଟାଡିୟମ୍‌ରୁ ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ, ସ୍ଥାନ: କଚେରୀ ବଜାର, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ମହାଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା ଉଦ୍‌ଯାପନୀ, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାଡିପାଲା ପରିବେଷଣ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ନବମୀ ପୂଜା, ଶ୍ରୀରାମ ଚରିତ ମାନସ ଓ ପ୍ରବଚନ, ସ୍ଥାନ: ଲକ୍ଷ୍ମୀଦାସପୁର ଅଯୋଧ୍ୟା, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରାମ ନବମୀ ଉତ୍ସବ, ସ୍ଥାନ: ଚମ୍ପୁଆ ବଜାର, ସମୟ: ସକାଳ ୯ ଟା।
- ରାମ ନବମୀ ପୂଜା କମିଟି ତରଫରୁ ରାମ ନବମୀ ଉତ୍ସବ,ସ୍ଥାନ: ଦଳେଇ ସାହି, ଢ଼େଙ୍କିକୋଟ୍, ସମୟ: ସକାଳ ୯ ଟା।
- ରାମାନବମୀ ପୂଜା, ସ୍ଥାନ: ବିରିଡ଼ିହା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ରାଜାଲୋକା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ, ଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ରାଜାଲୋକା, ସାରସକଣା, ସମୟ: ସକାଳ ୬ଟା ୩୦।
- ଶ୍ରୀରାମନବମୀ ମହୋତ୍ସବ,ସ୍ଥାନ: ପୁରୁଣାପାଣି, ଉଦଳା, ସମୟ, ସକାଳ ୬ଟା ୩୦।
- ଅଷ୍ଟମ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ତାଡ଼କି, ଢୁକୁରା, ଖୁଣ୍ଟା, ସମୟ: ସକାଳ ୭ଟା।
- ଶ୍ରୀରାମ ନବମୀ ଅବସରରେ ବାଇକ୍ ରାଲି,ସ୍ଥାନ:ହନୁମାନ ଛକ ବଙ୍ଗାଳିଡାହି ବୈଶିଙ୍ଗା, ବେତନଟୀ, ସମୟ: ସକାଳ ୭ଟା।
- ଶ୍ରୀରାମନବମୀ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୭ଟା।
- ୫୨ତମ ମା' ବାସନ୍ତୀ ପୂଜାର ମହାନବମୀ ଓ ସନ୍ଧି ପୂଜା, ସ୍ଥାନ:ଭୀମଦା, ବଡ଼ସାହି, ସମୟ:ସକାଳ ୮ଟା।
- ମା'ଭୈରବୀଙ୍କ ପୀଠରେ ମହାନବମୀ ଓ ସନ୍ଧି ପୂଜା, ସ୍ଥାନ: ମଧୁବନ ବାରିପଦା, ସମୟ:ସକାଳ ୮ଟା।
- ୧୩ତମ ବାସନ୍ତୀ ପୂଜାର ମହାନବମୀ ଓ ସନ୍ଧି ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର, ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୮ଟା।
- ୭୨ତମ ବାସନ୍ତୀ ପୂଜାର ମହାନବମୀ ଓ ସନ୍ଧି ପୂଜା, ସ୍ଥାନ: ଶୃନଗଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ବାସନ୍ତୀ ପୂଜାର ମହାନବମୀ ଓ ସନ୍ଧି ପୂଜା, ସ୍ଥାନ: ବୀରେଶ୍ୱରପୁର, ବଡ଼ସାହି, ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀ ପୂଜା ଓ ହୋମଯଜ୍ଞ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ଜଗଦ୍ଧାତ୍ରୀ ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସକାଳ ୯ଟା।
- ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସପ୍ଲାଇ ଛକ, ହଳଦୀପାଳ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ମହୋତ୍ସବ ସମିତି, ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରସାଦ ସେବନ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ଜଗଦ୍ଧାତ୍ରୀ ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ପ୍ରସାଦ ସେବନ, ସ୍ଥାନ: ଚିତ୍ରଡ଼ା, ପାଟପୁର, ମୋରଡ଼ା, ସମୟ: ଅପରାହ୍ନ ୧ଟା।
- ଶ୍ରୀରାମ ନବମୀ ଶୋଭାଯାତ୍ରା, ସ୍ଥାନ: ମଧୁବନ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୩ଟା।
- ପୋଡ଼ାଅସ୍ତିଆ ବଜରଙ୍ଗ ଦଳ ପକ୍ଷରୁ ଶ୍ରୀରାମନବମୀ ଶୋଭାଯାତ୍ରା,ସ୍ଥାନ: କରଞ୍ଜିଆ, ଶିବ ମନ୍ଦିର ପରିସର, ଶାମାଖୁଣ୍ଟା, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ନବମୀରେ ପଦଯାତ୍ରା ଓ ଶୋଭାଯାତ୍ରା,ସ୍ଥାନ:ବେତନଟୀ,ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ:ମାଣତ୍ରୀ ଶୈବପୀଠ, ବଡ଼ସାହି,ସମୟ:ଅପରାହ୍ନ ୩ଟା।
- ରାମନବମୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ:ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମୋରଡ଼ା,ସମୟ: ଅପରାହ୍ନ ୫ଟା।
- ଆମ ସୀମାନ୍ତ ମହୋତ୍ସବର ଉଦ୍‌ଯାପନୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ଝାରପୋଖରିଆ, ସମୟ: ସନ୍ଧ୍ୟା ୬ଟା।
- କରଞ୍ଜିଆ ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଳନ ପଡ଼ିଆ, କରଞ୍ଜିଆ, ସମୟ: ସନ୍ଧ୍ୟା ୬ଟା।
- ବିଜିପୁର ଗ୍ରାମୀଣ ମହୋତ୍ସବ, ସ୍ଥାନ: ବିଜିପୁର ବାସନ୍ତୀ ପଡ଼ିଆ, ଜିବିନଗର, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଶ୍ରୀରାମ ନବମୀ ଉତ୍ସବ ପାଳନ, ସ୍ଥାନ: କଦମ୍ବ ମଠ ବୁଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ଶ୍ରୀରାମ ନବମୀରେ ବିଶାଳ ବାଇକ ଶୋଭାଯାତ୍ରା, ସ୍ଥାନ: ଦାରିଙ୍ଗବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣରୁ କିରିକୁଟି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଅଷ୍ଟାଦଶ ବାର୍ଷିକ ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ବଳରାମ ମନ୍ଦିର ପରିସର ସମୟ–ସକାଳ ୭ଟା।

## ଜଗତ୍‌ସିଂହପୁର

- ଶ୍ରୀରାମ ନବମୀ ଉପଲକ୍ଷେ ବଜରଙ୍ଗ ଦଳ ପାରାଦୀପ ଶାଖା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଗଡ ବଜାର, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ 'ଶବ୍ଦ ସମୁଦ୍ର', ସ୍ଥାନ: ବିଜୁ ମେମୋରିଆଲ ଟ୍ରଷ୍ଟ ପରିସର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ମା'ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା'ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ:ନାଉକୋଣା, ରାଜନଗର, ସମୟ:ସକାଳ ୬ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- ରାମନବମୀ ମହୋତ୍ସବ, ସ୍ଥାନ:ତିନିମୁହାଣୀ ମନ୍ଦିର, କେନ୍ଦ୍ରାପଡା, ସମୟ:ସକାଳ ୬ଟା।
- ମା'ବାସନ୍ତୀ ଦୁର୍ଗାପୂଜା, ସ୍ଥାନ: ଓଳିହା, ଦେଉଳିପଡ଼ା, ମହାକାଳପଡା, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀ ସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ:ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଓଡ଼ିଶା ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ, ସମୟ: ସକାଳ ୮ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଶାନ୍ତି ବଜାର ନିକଟ ମିଡ୍ରୋଜ୍ କୋଟୱାର୍ଡ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ କମିଟି ପକ୍ଷରୁ ଗୀତା ଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ ଅରଖପଦା ନଦୀପଠା ବଟମୂଳ, ସମୟ: ସକାଳ ୬ଟା।

## ନୟାଗଡ଼

- ରାମ ନବମୀ ଅବସରରେ ସାଇବାବାଙ୍କ ସ୍ନାନ ପର୍ବ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁରସ୍ଥ ସାଇବାବାଙ୍କ ପୀଠ, ସମୟ: ସକାଳ ୭ଟା।
- ରାମ ନବମୀ ଯାତ୍ରା, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁରସ୍ଥ ସାଇବାବାଙ୍କ ପୀଠ, ସମୟ: ସକାଳ ୮ଟା।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ଶେଷ ଦିବସରେ ନବଦିନାତ୍ମକ ଦେବୀ ଯଜ୍ଞ ସମାପନ ଓ କନ୍ୟା ପୂଜନ, ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ, ସମୟ:ସକାଳ ୮ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଶେଷ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ପ୍ରଭୁ ଶ୍ରୀରାମଙ୍କର ରାଜ୍ୟାଭିଷେକ ଓ ରାବଣ ବଧ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ଅପରାହ୍ନ ସାଢ଼େ ୫ଟା।
- ୧୫ ଦିନିଆ ଦଣ୍ଡପର୍ବର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ବାସନ୍ତୀକ ଦୁର୍ଗାପୂଜାର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦର ଦରଦା ଗାଁ, ସମୟ: ପୂର୍ବାହ୍ନ ୯ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଶୁଭାରମ୍ଭ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସକାଳ ୬ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାରେ ଶ୍ରୀରାମ ଜନ୍ମ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ପୂଜାନୀତି ମଧ୍ୟାହ୍ନ ୧୨ ଓ ମୁଖା ରାମଲୀଳା ରାତି ୧୧ଟା।
- ନୟାଗଡ଼ ରଘୁନାଥଙ୍କ ରାମନବମୀ ଯାତ୍ରା ଅବସରରେ ପାରାୟଣ, ସ୍ଥାନ: ନୟାଗଡ଼ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଶୁଭାରମ୍ଭରେ ରାମ ଜନ୍ମ କର୍ମାଙ୍ଗ ନୀତିରେ ମଙ୍ଗଳ ଆରତୀ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଶୁଭାରମ୍ଭରେ ରାମ ଜନ୍ମ କର୍ମାଙ୍ଗ ନୀତି, ସ୍ଥାନ:ଓଡଗାଁ ରଘୁନାଥ ମନ୍ଦିର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଶୁଭାରମ୍ଭରେ ନବଦିନ ସନ୍ଧ୍ୟା ବେଶରେ ଜନ୍ମ ନାରାୟଣ ବେଶ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ପ୍ରାସାଦ ଓ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ଦିବସ ଉତ୍ସବରେ ପୂର୍ଣ୍ଣାହୁତି, ସ୍ଥାନ:ନୟାଗଡ଼ ବ୍ଲକ ମୁକ୍ତାପୁର ରଘୁନାଥ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ଓଡିଶା ପ୍ରସିଦ୍ଧ ୫୩ ତମ ଲଙ୍କାପୋଡି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ର ଶୁଭାରମ୍ଭ, ସ୍ଥାନ:ଗଣିଆ ରଘୁନାଥ ଜୀଉ ମନ୍ଦିର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ରାମ ଜନ୍ମ ଉତ୍ସବ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗରର ରଘୁନାଥ ମନ୍ଦିର, ସମୟ: ପୂର୍ବାହ୍ନ ୮ଟା।
- ୭ ଦିନିଆ ଦଣ୍ଡପର୍ବର ଶୁଭାରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ପୂର୍ବାହ୍ନ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସିଦ୍ଧମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୮ଟା।

## ରାୟଗଡ଼ା

- ଶ୍ରୀରାମ ନବମୀ ଉତ୍ସବ ପାଳନ ଏବଂ ହୋମଯଜ୍ଞ, ସ୍ଥାନ: ହାଟ ମୁନିଗୁଡା ଶ୍ରୀରାମ ମନ୍ଦିର, ବିଷମକଟକ, ଟିକିରି, ସମୟ: ସକାଳ ୯ ଟା।
- ଯୁବ ବଜରଙ୍ଗୀ ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: କ୍ଷୀନଖିନ ପାହାଡ଼, ପିଏଚଡି ହନୁମାନ ମନ୍ଦିର, ରାୟଗଡା, ସମୟ: ସକାଳ ୯ ଟା।
- ରାମନବମୀ ଉପଲକ୍ଷେ ପ୍ରବଚନ, ସ୍ଥାନ: ପଦ୍ମପୁର ଶ୍ରୀରାମ ମନ୍ଦିର, ସମୟ: ସକାଳ ୯ ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ନଗର ପରିକ୍ରମା, ସ୍ଥାନ: କଦଣ୍ଡ ରାମ ମନ୍ଦିରରୁ ଭେଙ୍କଟେଶ୍ୱର ମନ୍ଦିର, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ଡ଼. ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ରେଲୱେ ଏସ୍‌ଟି, ଏସ୍‌ସି କର୍ମଚାରୀ ଆସୋସିଏଶନ୍ ଅଫିସ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ବଜରଙ୍ଗ ଦଳ ତରଫରୁ ଶୋଭାଯାତ୍ରା, ସ୍ଥାନ: ମୁନିଖୋଲସ୍ଥିତ ହନୁମାନ ବାଟିକାରୁ ଗୋବର୍ଦ୍ଧନସ୍ଥିତ ହନୁମାନ ମନ୍ଦିର, ମୁନିଗୁଡା, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ଶ୍ରୀରାମ ମନ୍ଦିର, ସମୟ: ଅପରାହ୍ନ ୪ ଟା।
- ରାମ ସୀତାଙ୍କ ବିବାହ, ସ୍ଥାନ: ଭେଙ୍କେଟେଶ୍ୱର ମନ୍ଦିର, ଜେକେପୁର, ସମୟ: ସନ୍ଧ୍ୟା ୬ ଟା ।

## ନବରଙ୍ଗପୁର

- ଭାଜପାର ପ୍ରତିଷ୍ଠା ଦିବସ, ସ୍ଥାନ: ନବରଙ୍ଗପୁର ମାଝୀଗୁଡ଼ାସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- କ୍ରିକେଟ ଖେଳାଳିଙ୍କ ପଞ୍ଜିକରଣ, ସ୍ଥାନ: ନବରଙ୍ଗପୁର ଷ୍ଟାଡ଼ିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ଉତ୍ସବରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ଅପରାହ୍ନ ୪ଟା।
- ରାମ ନବମୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ରାମ ନବମୀ ପାଳନ, ସ୍ଥାନ: ଜୟପୁର ରଘୁନାଥ ମନ୍ଦିର, ସମୟ: ସକାଳ ୭ଟା।
- ମା ମଙ୍ଗଳା ପୂଜା କମିଟି ପକ୍ଷରୁ ଦଣ୍ଡଯାତ୍ରା ସ୍ଥାନ: ଓସିସି ନଗର, ସେମିଳିଗୁଡ଼ା, ସମୟ: ସକାଳ ୮ ଟା।
- କୋରାପୁଟରେ ସ୍ୱେଚ୍ଛାକୃତ ରକ୍ତଦାନ, ଥାଲସାମିୟା, ସିକେଲସେଲ ନେଇ ଜାତୀୟ କର୍ମଶାଳା ଉଦ୍‌ଯାପନ, ସ୍ଥାନ: ମ୍ୟୁନିସିପାଲିଟି ଅଡିଟୋରିଅମ, କୋରାପୁଟ, ସମୟ: ସକାଳ ୯ ଟା।
- ରାମ ନବମୀ ଉତ୍ସବ, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ସୀତା ରାମ ବିବାହ, ସ୍ଥାନ: ନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଚଳନ୍ତି ପ୍ରତିମାଙ୍କ ନଗର ଶୋଭାଯାତ୍ରା, ସ୍ଥାନ: ନନ୍ଦପୁର, ସମୟ: ଅପରାହ୍ନ ୨ଟା।
- ଶ୍ରୀରାମନବମୀ ପାଇଁ ବିଶାଳ ଶୋଭାଯାତ୍ରା, ସ୍ଥାନ: ଦଶମନ୍ତପୁର ବ୍ଲକ ମାଥାଲପୁଟ ହାଟପଦାରୁ ହନୁମାନ ବାଟିକା, ସମୟ: ଅପରାହ୍ନ ୩ଟା।
- ରାମ ନବମୀ ଶୋଭାଯାତ୍ରା, ସ୍ଥାନ: ଜୟପୁର ପାୱାର ହାଉସ ଛକ, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ମନ୍ଦିର ସେବା ସଂସ୍ଥା ପକ୍ଷରୁ ଶ୍ରୀରାମ ନବମୀ ସହ ବାର୍ଷିକ ଉତ୍ସବ ଉଦଯାପିତ, ସ୍ଥାନ: ଏଇଏଫ କଲୋନୀ,ସୁନାବେଡ଼ା, ସମୟ: ସନ୍ଧ୍ୟା ୭ ଟା ୩୦।

## ମାଲକାନଗିରି

- ରାମମନ୍ଦିର ଭୂମିପୂଜନ କାର୍ଯ୍ୟକ୍ରମ, ସ୍ଥାନ:ବାଲିମେଳା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯାହା କିଛି କରିବାକୁ ଚାହୁଁଛନ୍ତି, ସେଥିପାଇଁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ତୃତୀୟସ୍ଥ ଚନ୍ଦ୍ର ହେତୁ ମନ ଦୁର୍ବଳ ରହିଲେ ମଧ୍ୟ ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସହକର୍ମୀଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟ, କଚେରି ମାମଲା ଇତ୍ୟାଦିରୁ ଶୁଭଫଳ ପାଇବେ।

**ବୃଷ** ଏକାଧିକ ଗ୍ରହ ମଧ୍ୟରେ ଶୁକ୍ର ଥିବାରୁ ଦୈହିକ ସୁସ୍ଥତା କ୍ଷୁଣ୍ଣ ହୋଇପାରେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ ଆଜି ପାଇଯିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅଭିଯୋଗ ଆସିପାରେ। ବ୍ୟବସାୟ, ଶିଳ୍ପ ଓ ଏଜେନ୍‌ସିପର ଉନ୍ନତି ହେତୁ ସାମୟିକ ଖୁସି ରହିବେ। ଆଜି ଦିନଟିରେ ବିବାଦୀୟ ଘଟଣାରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** ରବିଙ୍କ ସୁପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରି କାର୍ଯ୍ୟ ହାସଲ କରିବେ। ଧନାଧିପ ଚନ୍ଦ୍ର ରାଶିରେ ଅବସ୍ଥାନ କରିଥିବାରୁ ଆର୍ଥିକ ଉନ୍ନତି ଘଟିବ। ଭୁଲ୍ ବୁଝାମଣା କାରଣରୁ ସତର୍କରେ ନ ଚଳିଲେ ସାଧାରଣ କଥାରେ କଳହର ସମ୍ଭାବନା ରହିଛି। ବ୍ୟବସାୟରେ ଉନ୍ନତି କରିବେ ଏବଂ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ।

**କର୍କଟ** ଭାଗ୍ୟାଧିପ ଲାଭ ସ୍ଥାନରେ ରହିଥିବାରୁ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିଲେ ମଧ୍ୟ ନିୟନ୍ତ୍ରଣରେ ରହିବ। ପୂର୍ବ ରାଗ ଶୁଝାଇବାକୁ ଯାଇ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ ପାଇଁ ଚିନ୍ତା କରିପାରନ୍ତି।

**ସିଂହ** ଅଷ୍ଟମସ୍ଥ ଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟହାନି, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। ପାରିବାରିକ କ୍ଷେତ୍ରରେ କୌଣସି ବ୍ୟତିକ୍ରମ କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ଖର୍ଚ୍ଚ ବହୁମାତ୍ରରେ ବଢ଼ିଯିବ। ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ, ଅତଏବ ସତର୍କତାର ସହ କାମ କରିବା ଭଲ ହେବ।

**କନ୍ୟା** ଚନ୍ଦ୍ରଙ୍କ ପ୍ରଭାବରେ ସ୍ଥଗିତ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ବିଦେଶ ଯାତ୍ରା, ଧର୍ମକାର୍ଯ୍ୟରେ ବ୍ୟୟ କରିବାକୁ ବାଧ୍ୟ ହେବେ। ଚିତ୍ରା ନକ୍ଷତ୍ରର କାର୍ଯ୍ୟରେ ବିଳମ୍ବଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ସଭାସମିତିରେ ବିପକ୍ଷ ବ୍ୟକ୍ତିମାନେ କୌଣସି କଥାକୁ ଭୁଲ୍ ରୂପେ ପରିବେଷଣ କରିପାରନ୍ତି ।

**ତୁଳା** କର୍ମାଧିପ ଭାଗ୍ୟ ସ୍ଥାନରେ ରହିଥିବାରୁ ହାତକୁ ନେଇଥିବା କାମ ସୁବିଧାରେ ହୋଇଯିବ। ନିଜର ବୁଦ୍ଧି ଓ କୌଶଳ ପ୍ରୟୋଗ କରି ସାମାଜିକ ପ୍ରତିଷ୍ଠା ଲାଭ କରିବେ। ପଦସ୍ଥ ବ୍ୟକ୍ତିଙ୍କ ନିମନ୍ତ୍ରଣ କ୍ରମେ ସଭାସମିତିରେ ଯୋଗ ଦେଇ ଲକ୍ଷ୍ୟ ହାସଲ କରିବେ। ବନ୍ଧୁ ଗହଣରେ ପରିସ୍ଥିତିରେ ପଡ଼ି ହାତରୁ ଖାଇ ପର ପାଇଁ ଖଟିପାରନ୍ତି।

**ବିଛା** ରାଶ୍ୟାଧିପତି ମଙ୍ଗଳ ଭାଗ୍ୟସ୍ଥାନରେ ରହି ବଳହୀନ ଯୋଗୁ ନିଜ ଲୋକଙ୍କ ଦ୍ୱାରା ଉପେକ୍ଷିତ ହେବେ। ଯାନବାହନ ଚଳାଚଳରେ ସତର୍କତା କିମ୍ବା ଅନ୍ୟମନସ୍କତା କାରଣରୁ ଅସୁବିଧାରେ ପଡ଼ିପାରନ୍ତି। ଆଜି ବନ୍ଧୁତ୍ୱ ସ୍ଥାପନ ସକାଶେ ମନ ବଳାଇବେ। ଅଭାବକୁ ପୂରଣ ସକାଶେ ଧାର ଆଣିବା ପାଇଁ ଆଲୋଚନା କରିପାରନ୍ତି।

**ଧନୁ** ଦେବଗୁରୁ କର୍ମସ୍ଥାନ ପ୍ରତି ଦୃଷ୍ଟି ଦେଉଥିବାରୁ ମନସ୍କାମନା ପୂରଣ ହେବ। ଅର୍ଥ, ସମ୍ମାନ, ବନ୍ଧୁଙ୍କ ସଦିଚ୍ଛା, କାର୍ଯ୍ୟସିଦ୍ଧି, ବ୍ୟବସାୟିକ ସଫଳତା ଓ କଚେରି ମାମଲାରେ ବିଜୟୀ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇଲେ ମଧ୍ୟ ଅସୁବିଧା ହେବ ନାହିଁ। ସାମୟିକ ରୋଗ କଷ୍ଟ ପାଇପାରନ୍ତି।

**ମକର** ଚତୁର୍ଥାଧିପତିଙ୍କ ଦୁର୍ବଳତାଜନିତ ଯାତ୍ରା, କର୍ମାରମ୍ଭ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ସନ୍ତାନଙ୍କ ଶିକ୍ଷା ଏବଂ କନ୍ୟାଙ୍କ ବିବାହଜନିତ ସମସ୍ୟାରେ ଚିନ୍ତିତ ରହିପାରନ୍ତି। ଆଜିର ଫେରନ୍ତା ବାଟରେ ବନ୍ଧୁତା ଜମେଇ ପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦି କ୍ଷେତ୍ରରେ ଥିବା ସମସ୍ୟା ଦୂରୀଭୂତ ହୋଇଯିବ।

**କୁମ୍ଭ** ଅଷ୍ଟମ ସ୍ଥାନକୁ ଗ୍ରହଦୃଷ୍ଟି ହେତୁ ବିଭିନ୍ନ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବାର ଆଶଙ୍କା ରହିଛି। ଆଜି ଘରକୁ ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି। ଆଲୋଚନା ପରିସରରେ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରୁ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** ରାଶିରେ ଏକାଧିକ ଗ୍ରହ କାର୍ଯ୍ୟକ୍ଷେତ୍ରରେ ସଫଳତା ଆଣିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇ ଦେଇପାରେ। ଅଫିସିଆଲି କିଛି ପ୍ରୋବ୍ଲେମ୍ ହେତୁ ଟେନସନ୍ ବଢ଼ିଯିବାର ସୂଚନା ରହିଛି। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ ଶ୍ରୀରାମ ନବମୀ ରବିବାର, ମୃଣ୍ମୟୀ ଦେବୀଙ୍କ ବାସନ୍ତିକ ନବମୀ ପୂଜା, ପୀଠେ ବିଶ୍ରାମ ପୂଜା, ଏପ୍ରିଲ ୬ ତାରିଖ। ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୯ ଗତେ ଘ.୦୯।୪୬ ମଧ୍ୟେ, ଘ.୦୧।୨୧ ଗତେ ଘ.୦୧।୫୨ ମଧ୍ୟେ, ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୬ ଗତେ ଘ.୦୫।୫୮ ମଧ୍ୟେ ରାହୁକାଳ ॥

ପ୍ରଥମ ପୃଷ୍ଠାରୁ...

## ୨୮ ଆସନ...

ନିଷ୍ପତ୍ତି ନେଇଛନ୍ତି ଏହି ବିଲ୍‌କୁ ବିଜେଡି ସମର୍ଥନ କରିବ ନାହିଁ। ରାତି ୧୨ଟା ସମୟରେ ବିଲ୍ ଉପରେ ଭୋଟିଂ ହେବାର ଥିଲା। ସନ୍ଧ୍ୟା ୬ଟା ସମୟରେ ଏମ୍‌ପି ସସ୍ମିତ ପାତ୍ର ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟକରି କହିଲେ, ଏହି ବିଲ୍ ଉପରେ ସମସ୍ତେ ବିବେକ ଅନୁଯାୟୀ ଭୋଟ ଦେବେ, ଏହା ଉପରେ ଦଳର କିଛି ହୁଇପ୍ ନାହିଁ। ଏଭଳି ନିଷ୍ପତ୍ତି ବ୍ୟକ୍ତିଗତ ଭାବେ ଆଶ୍ଚର୍ଯ୍ୟ କଲା। ବିଜେଡି ଗୋଟେ ସେକ୍ୟୁଲାର ଦଳ ଭାବେ ନିଜର ପରିଚୟ ରଖିଛି। ଦିଲ୍ଲୀରେ ଦେଖିବାକୁ ମିଳିଲା ସସ୍ମିତ ଏବଂ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଲି ବୁଲି ବିଲ୍ ସପକ୍ଷରେ ଭୋଟଦେବାକୁ ପ୍ରଚାର କରୁଛନ୍ତି। ସେଇଠୁ ଜଣାପଡ଼ିଗଲା କିଛି ଗୋଟେ ବଡ଼ ଡିଲ୍ ହୋଇଗଲା। ଏହା ପୂର୍ବରୁ ମଧ୍ୟ ସମସ୍ତେ ଜାଣନ୍ତି ଜଣେ ଆଇଏଏସ୍ ଅଫିସରଙ୍କ ୨ ଦିନ ଭିତରେ ଭିଆର୍‌ଏସ୍ ଆବେଦନ ଗ୍ରହଣ କରାଗଲା। ସସ୍ମିତ ପାତ୍ର ଏହି ଘଟଣାରେ ଭିଲେନ୍ ନୁହନ୍ତି। ମୁଖ୍ୟ ପରାମର୍ଶଦାତା ହିଁ ଏହା ପଛରେ ଅଛନ୍ତି। ସଭାପତିଙ୍କୁ ଅନୁରୋଧ କରୁଛି ଯେଉଁମାନଙ୍କ ପରାମର୍ଶରେ ଏହି ନିଷ୍ପତ୍ତି ନିଆଯାଇଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସସ୍ମିତ ଭିଲେନ୍ ନୁହନ୍ତି। ସେ ନିର୍ଦ୍ଦେଶ ନିଅନ୍ତି, ଦିଅନ୍ତି ନାହିଁ। ମୁଖ୍ୟ ପରାମର୍ଶଦାତା ରାଜନୀତିରେ ନ ଥାଇ ରାଜନୀତିକୁ କଣ୍ଟ୍ରୋଲ କରିବାକୁ ଚେଷ୍ଟା କରୁଛନ୍ତି। ସେହି ମୁଖ୍ୟ ପରାମର୍ଶଦାତା କିଏ ସେକଥା ସମସ୍ତେ ଜାଣିଛନ୍ତି ବୋଲି ଦେବାଶିଷ କହିଛନ୍ତି।

ବିଜେଡି ନେତା ପ୍ରତାପ ଜେନା ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି, ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସ୍ୱାର୍ଥ ଲାଗି ଦୀର୍ଘ ୨୪ ବର୍ଷ ହେଲା କାମ କରୁଛି। ହେଲେ ୱକଫ୍ ସଂଶୋଧନ ବିଲ୍ ୨୦୨୫ ରାଜ୍ୟ ସଭାରେ ଭୋଟିଂ ପାଇଁ ଆସିଥିବାବେଳେ ଏହା ଉପରେ ସସ୍ମିତଙ୍କ ସୋସିଆଲ ମିଡିଆ ପୋଷ୍ଟ ଦଳ ବିରୋଧୀ ଥିଲା। ବିଲ୍‌କୁ ବିରୋଧ କରାଯିବ ବୋଲି ପ୍ରଥମରୁ ନିଷ୍ପତ୍ତି କରିଥିଲେ। ଏହାପରେ ସସ୍ମିତ କିପରି ଦଳ ବିରୋଧୀ ଆଭିମୁଖ୍ୟ ରଖିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପଛରେ ଗଭୀର ଷଡ଼ଯନ୍ତ୍ର ଥିବା ହୃଦ୍‌ବୋଧ ହେଉଛି। ଏହି ଷଡ଼ଯନ୍ତ୍ର ପଛରେ କିଏ ତାହା ତର୍ଜମା ହେବା ଦରକାର। ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବେ ବୋଲି ନବୀନଙ୍କୁ ଚିଠି ଜରିଆରେ ଜେନା କହିଛନ୍ତି। ଅନ୍ୟପଟେ ବିଧାୟକ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ସସ୍ମିତ କେମିତି ଏତେ ବଡ଼ ସାହସ କଲେ। ଦଳ ସମଦୂରତା ନୀତି ରଖି ଚାଲୁଥିଲା। କିନ୍ତୁ ଏହି ନିଷ୍ପତ୍ତି ଅନୁରୂପ ହେଲା ନାହିଁ। କିଏ ଗୋଟିଏ ଖେଳ କରିଦେଲା। କେଉଁଠି ଖେଳ ହେଲା ସେକଥା ଜାଣିବା ଦରକାର। ଦଳ ଏବେ ଧର୍ମସଙ୍କଟରେ ଅଛି ବୋଲି ବଦ୍ରି କହିଛନ୍ତି। ସସ୍ମିତ ପାତ୍ର କହିଛନ୍ତି, ରାଜ୍ୟରେ ଯେଉଁ ଚର୍ଚ୍ଚା ଆରମ୍ଭ ହୋଇଛି ସେ ତାସ୍‌କେଣ୍ଟରୁ ଫେରିବା ପରେ ପ୍ରତିକ୍ରିୟା ରଖିବେ। ସଂସଦ ପ୍ରତିନିଧିମାନଙ୍କ ସହ ସେ ତାସ୍‌କେଣ୍ଟ ଗସ୍ତରେ ଅଛନ୍ତି ବୋଲି ସେ କହିଛନ୍ତି।

ୱକ୍‌ଫ ବିଲ୍‌କୁ ନେଇ ବିଜେଡି ଭିତରେ ଆରମ୍ଭ ହୋଇଥିବା ବିସ୍ଫୋରକ ସ୍ଥିତି ଦିନକୁ ଦିନ ଉଗ୍ରରୂପ ନେବାରେ ଲାଗିଛି। ବିଜେଡି ନେତାମାନେ ଏହି ଘଟଣା ପରଠାରୁ ସିଧାସଳଖ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଚ୍ୟାଲେଞ୍ଜ କରିବା ଭଳି ସାହସ ଜୁଟାଇ ସାରିଥିବା ଦେଖିବାକୁ ମିଳିଛି। କାହିଁକି ୱକଫ୍ ବିଲ୍‌କୁ ନେଇ ଦଳ ନିଜର ଆଭିମୁଖ୍ୟ ବଦଳାଇଲା ଯେଉଁଥିଲାଗି ବିଜେଡିର ବ୍ୟାପକ କ୍ଷତି ଘଟିଲା ତା'ର ସ୍ପଷ୍ଟୀକରଣ ନବୀନ ଦିଅନ୍ତୁ ବୋଲି ନେତାମାନେ ଦାବି କଲେଣି। ଏଥିପାଇଁ ଯିଏ ଦାୟୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମଧ୍ୟ ଖୋଲାଖୋଲି ନେତାମାନେ କହିଲେଣି। ନବୀନଙ୍କ ଘନିଷ୍ଠ ସହଯୋଗୀ ବୋଲି ଯିଏ ଦୀର୍ଘଦିନ ହେଲା ବିଜେଡିକୁ ନିୟନ୍ତ୍ରଣରେ ରଖିଛନ୍ତି ତାଙ୍କୁ ବିଦା ନ କଲେ ନେତାମାନେ ଆଉ ଦଳୀୟ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ମଧ୍ୟ ସିଧାସଳଖ କହିଲେଣି। ଏଭଳି ସ୍ଥିତିରେ ୱକ୍‌ଫ ବିଲ୍‌କୁ ନେଇ ଶେଷ ମୁହୂର୍ତ୍ତରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଲାଗି ନବୀନଙ୍କ ମୁଖ୍ୟ ପରାମର୍ଶଦାତା ଦାୟୀ ବୋଲି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଥିବା ବେଳେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଚିଠି ଲେଖି ଏହି ଘଟଣା ପଛର ଷଡ଼ଯନ୍ତ୍ରର ତର୍ଜମା କରିବାକୁ ନବୀନଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କାହା ନିର୍ଦ୍ଦେଶରେ ୱକଫ୍ ବିଲ୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟିକଲେ ସେକଥା ଲୋକଲୋଚନକୁ ଆସୁ ବୋଲି ଦଳୀୟ ନେତାମାନେ ଜିଦ୍ ଧରିବା ଆରମ୍ଭ କଲେଣି।

ବିଜେଡିର ଏଭଳି ସ୍ଥିତି ନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ବିଜେଡିର ନେତୃତ୍ୱ ସଙ୍କଟରେ। ଦଳର ଭବିଷ୍ୟତ ଅନ୍ଧାରରେ। ଦଳର ଯିଏ ଡାଇରେକ୍ଟର ଥିଲେ ସେ ଏବେ ଭାରତ ଛାଡ଼ିବା ଉଦ୍ଦେଶ୍ୟରେ ଅଛନ୍ତି। ତାଙ୍କ ଦଳର ବରିଷ୍ଠ ନେତାମାନେ କହିବା ଆରମ୍ଭ କଲେଣି, ନବୀନ ବୟସାଧିକ କାରଣରୁ ପାଣ୍ଡିଆନ୍ ହେଲିକପ୍ଟର ଧରି ରାଜ୍ୟ ସାରା ବୁଲୁଥିଲେ। ଏକୁଟିଆ ମଞ୍ଚରେ ଠିଆହୋଇ ଭାଷଣ ଦେଉଥିଲେ, ତାଙ୍କ ଦଳ ନେତାଙ୍କୁ ତଳେ ଠିଆ କରୁଥିଲେ ତାମିଲନାଡୁ ଷ୍ଟାଇଲ୍‌ରେ। ହେଲେ ସେ ଓଡ଼ିଶା ମାଟିକୁ ଜାଣିପାରିନାହାନ୍ତି। ଓଡ଼ିଶା ମାଟିରେ ବହୁ ବିଜ୍ଞ ଲୋକ ଅଛନ୍ତି। ଓଡ଼ିଶାକୁ ଲୁଟ୍ କରି କିଏ ପଳାଇବ ତାହା ଚଳିବନି, ଆଜି କାର୍ଯ୍ୟାନୁଷ୍ଠାନ ହେଉନି କାଲି ନିଶ୍ଚୟ ହେବ । ଓଡ଼ିଶାକୁ ଯିଏ ବି ଲୁଟିବାକୁ ଚେଷ୍ଟା କରିବ ତାକୁ ଛଡ଼ାଯିବ ନାହିଁ। ନବୀନଙ୍କ କଣ୍ଟ୍ରୋଲ ବାହାରକୁ ଦଳ ଚାଲିଗଲାଣି ଏକଥା ସ୍ପଷ୍ଟ ହୋଇସାରିଲାଣି। ପାଣ୍ଡିଆନ୍ ଯେଉଁ ଲୁଟ୍ କରିଛନ୍ତି କେବେ ବି ଆକ୍ସନ ହେବ ସେକଥା ଜାଣିବିଦେଶ ପଳାଇବାକୁ ଯୋଜନା କରୁଛନ୍ତି ବୋଲି ପାତ୍ର କହିଛନ୍ତି।

ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ବିଜୁ–ପାଣ୍ଡିଆନ୍‌ଙ୍କ ଲୋକ ଭିତରେ ବିଜେଡିରେ ଟଣାଟଣି ଆରମ୍ଭ ହେଲାଣି। ମୁସ୍‌ଲିମ୍ ଭୋଟ ସବୁବେଳେ ବିଜେଡିକୁ ଯାଉଥିଲା। ମୁସଲିମ ଲୋକଙ୍କୁ ନବୀନବାବୁ ବିଶ୍ୱାସ ଦେଇଥିଲେ ୱକ୍‌ଫ ବିଲ୍‌କୁ ସମର୍ଥନ କରିବେ ନାହିଁ। ବିଜେଡି ସବୁବେଳେ ଭାଜପା ସହିତ ଏକାଠି ଅଛି। ସେମାନେ କେବଳ ଡ୍ରାମା କରୁଛନ୍ତି ବୋଲି ତାରା କହିଛନ୍ତି।

## ମହିଳାଙ୍କୁ ନେଇ ମହାକାଶ ...

୧୧ତମ ମାନବ ପ୍ରେରଣ। ଏନ୍‌ଏସ୍–୩୧ ମିଶନ୍‌ର ରକେଟ ୧୧ ମିନିଟ୍‌ରେ ପୃଥିବୀ ପୃଷ୍ଠରୁ ପ୍ରାୟ ୬୫ ମାଇଲ ଉଚ୍ଚରେ ପହଞ୍ଚିବ। ତେବେ କ୍ରିଉମାନେ କକ୍ଷ ମଧ୍ୟରେ ପ୍ରବେଶ କରିବେ ନାହିଁ। ସେମାନେ ୬୨ ମାଇଲ୍ ଉଚ୍ଚରେ ଥିବା କାର୍‌ମାନ ଲାଇନ ଅତିକ୍ରମ କରିବେ, ଯାହାକୁ ପୃଥିବୀ ବାୟୁମଣ୍ଡଳ ଏବଂ ବାହ୍ୟ ମହାକାଶ ମଧ୍ୟରେ ସୀମା ଭାବେ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିଛି। ଏହା ପ୍ରଥମ ଯାନ, ଯାହା କେବଳ ମହିଳାମାନଙ୍କୁ ନେଇ ମହାକାଶକୁ ଯିବ। ୧୯୬୩ରେ ରୁଷିଆ ମହାକାଶ ଯାନ ଏକମାତ୍ର ମହାକାଶଚାରୀ ଭାଲେଣ୍ଟିନା ତେରେସ୍କୋଭାଙ୍କୁ ମହାକାଶକୁ ନେଇଥିଲା। ଲଞ୍ଚ୍ ପୂର୍ବରୁ କ୍ରିଉମାନେ ଟେକ୍ସାସ୍‌ର ଭାନ୍ ହର୍ନରେ ପହଞ୍ଚିବେ, ଯେଉଁଠି ସେମାନଙ୍କୁ ଚୂଡ଼ାନ୍ତ ପ୍ରଶିକ୍ଷଣ ଦିଆଯିବ।

## ୮୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୫।୪(ଦୁର୍ଯ୍ୟୋଧନ ପାତ୍ର)–ମାଓବାଦୀ ସଙ୍ଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଥିବା ବେଳେ ଏହା ମଧ୍ୟରେ ବହୁ ସ୍ଥାନରେ ପୋଲିସ ସହ ଗୁଳି ବିନିମୟ ଘଟି ଗତ ୩ ମାସ ମଧ୍ୟରେ ୩୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ନିହତ ହୋଇଥିବା ବେଳେ ବହୁ ସଂଖ୍ୟକ ଗିରଫ ହୋଇଛନ୍ତି। ସେହିପରି ବହୁ ଆତ୍ମସମର୍ପଣ କରିଛନ୍ତି। ଏଥିସହ ସଂଗଠନର ବଡ ବଡ କ୍ୟାଡରଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଫଳରେ ସଂଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ତେଲଙ୍ଗାନା ରାଜ୍ୟ କୋତାଗୁଡେମ ରାମଚନ୍ଦ୍ରପୁରମ୍ ପୋଲିସ ମୁଖ୍ୟାଳୟରେ ଭଦ୍ରାଦ୍ରୀ କତାଗୁଡେମ୍ ମଲ୍ଟି ଜୋନ୍–୧ ଆଇଜି ଚନ୍ଦ୍ରଖେଖର ରେଡ୍ଡୀଙ୍କ ନିକଟରେ ଶନିବାର ୮୬ ଜଣ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଛତିଶଗଡ଼ ସୁକ୍‌ମା ଜିଲାର ବିଭିନ୍ନ ସଙ୍ଗଠନରେ କାର୍ଯ୍ୟ କରୁଥିବା ଜଣାପଡିଛି। ଏହି ୮୬ଜଣଙ୍କ ମଧ୍ୟରୁ ୬୬ ପୁରୁଷ ଓ ୨୦ ମହିଳା ମାଓବାଦୀ ଅଛନ୍ତି। ଆଇଜି ଚନ୍ଦ୍ରଶେଖର କହିଛନ୍ତି, ତେଲଙ୍ଗାନା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅପରେଶନ ଚେୟୁତା ଅଭିଯାନ ସମୟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି।


ଅଶୋକାଷ୍ଟମୀ ଅବସରରେ ଶନିବାର ଭୁବନେଶ୍ୱରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଭକ୍ତମାନେ ଟାଣି ନେଉଛନ୍ତି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

# ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା

ବାଲେଶ୍ୱର, ୫।୪(ବାଞ୍ଛାନିଧି ଦେ)

ଓଡ଼ିଶା ଖଣି ନିଗମ ସହ ସହଯୋଜିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ୍ ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ ଦାସ ଶନିବାର ଆବେଦନର ଶୁଣାଣି କରି ଖାରଜ କରିଛନ୍ତି। ଫଳରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜାଙ୍କ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯିବ ବୋଲି ତାଙ୍କ ଓକିଲ କହିଛନ୍ତି। ଗତ ଗୁରୁବାର ରାଜା ଚକ୍ରଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ପରେ ଜାମିନ ପିଟିସନ୍ ଉପରେ ଶୁଣାଣି ହୋଇଥିଲା। କୋର୍ଟଙ୍କ ପକ୍ଷରୁ ମଗାଯାଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଇଓଡବ୍ଲ୍ୟୁ ତଦନ୍ତକାରୀ ଅଧିକାରୀ ଉପସ୍ଥାପନ କରିପାରି ନ ଥିଲେ। ଫଳରେ କୋର୍ଟ ରାଜାଙ୍କ ଜାମିନ ଶୁଣାଣିକୁ ସ୍ଥଗିତ ରଖିବା ସହ ୫ ତାରିଖକୁ ଶୁଣାଣି ଧାର୍ଯ୍ୟ କରିଥିଲେ।

## ରାଜାଙ୍କ ଫାର୍ମ ହାଉସ୍‌ରେ କ୍ରାଇମବ୍ରାଞ୍ଚ ଟିମ୍

### ରାଜସ୍ୱ, ବନ ବିଭାଗ ଉପସ୍ଥିତିରେ ମାପ ହେଲା

କେନ୍ଦୁଝର,୫।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଶୁଆକାଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତତା ମାମଲାରେ ଗିରଫ ରାଜା ଚକ୍ରଙ୍କ ଫାର୍ମ ହାଉସରେ ଶନିବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ର ଏକ ଟିମ୍ ଯାଞ୍ଚ କରିଛି। ରାଜାଙ୍କ ଗୋପାଳପୁରସ୍ଥିତ ଫାର୍ମ ହାଉସରେ ରାଜସ୍ୱ ଓ ବନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ମାପ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତତାକୁ ନେଇ ଏଜେନ୍ସିର କର୍ମକର୍ତ୍ତାଙ୍କ ସମେତ ବିଜେଡି ନେତା ରାଜା ଚକ୍ରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ବିଭିନ୍ନ ସ୍ଥାନରେ ଚଢ଼ାଉକରି ତାଙ୍କର ଗାଡ଼ି, ମେସିନ, ଘରବାଡ଼ି ଆଦି ଯାଞ୍ଚ କରିବା ସହ ଜବତ କରୁଛି। ଶନିବାର ବାଲେଶ୍ୱର କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହୋଇଥିବା ବେଳେ କେନ୍ଦୁଝର ଗୋପାଳପୁରସ୍ଥିତ ତାଙ୍କ ଫାର୍ମ ହାଉସରେ ଅର୍ଥନୈତିକ ଅପରାଧ ଶାଖାର ଏକ ଟିମ୍ ପହଞ୍ଚି ଘରବାଡ଼ି ମାପ ରୁପ କରିଥିଲେ। ଏହି ମାପଚୁପର ସବିଶେଷ ରିପୋର୍ଟ କୋର୍ଟରେ ଦାଖଲ କରାଯିବ ବୋଲି ଟିମ୍ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଫାର୍ମ ହାଉସରେ ଆମ୍ବ ଓ ଅନ୍ୟ ଫଳ ଗଛ ସହ ଜଳାଶୟ, ଘର ଆଦି ନିର୍ମାଣ ହୋଇଛି। ତେବେ ଉକ୍ତ ଫାର୍ମ ହାଉସ ପଡ଼ାଭୁକ୍ତ ଜମିରେ ରହିଥିବା ବେଳେ ରାଜସ୍ୱ, ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ନିର୍ମାଣ ହୋଇଥିବା ଘରର ସ୍ଥିତି ଓ ପରିସୀମା ଟିମ୍ ଯାଞ୍ଚ କରିଛି। ସେଠାରେ କୌଣସି ସଂରକ୍ଷିତ ଜଙ୍ଗଲ ନାହିଁ। ଇଓଡବ୍ଲ୍ୟୁ ଟିମ୍ ରାଜସ୍ୱ ଓ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଯାଞ୍ଚକରି ଫେରିଥିବା ସଦର ରେଞ୍ଜ ଅଧିକାରୀ ଅଜିତ୍ ଦାସ କହିଛନ୍ତି।

# ବାଲିଯାତ୍ରା ପଡ଼ିଆରେ 'ଆୟୁଷ୍ମାନ ଯୋଜନା'ର ଶୁଭାରମ୍ଭ କରିବେ ନଡ୍ଡା

- ଉପକୃତ ହେବେ ୩.୪୬ କୋଟି ହିତାଧିକାରୀ: ସ୍ୱାସ୍ଥ୍ୟମନ୍ତ୍ରୀ
- ୭୦ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା
- ଦେଶର ୨୯ହଜାର ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା
- ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ମୁକେଶ

ଭୁବନେଶ୍ୱର/କଟକ,୫।୪ (ରବିନାରାୟଣ ଜେନା/ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟବାସୀଙ୍କୁ ଉତ୍ତମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ହାତପାଆନ୍ତାରେ ଯୋଗାଇ ଦେବାପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତମାସ ୧୧ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। କଟକର ଐତିହାସିକ ବାଲିଯାତ୍ରା ଉପର ପଡ଼ିଆରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ। ଏଥିରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ନୂତନ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଜିଜେଏଖାଇ ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ନିଜର ଆଧାରକାର୍ଡ ଦେଇ ଚିକିତ୍ସା ସେବା ପାଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ଶନିବାର ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ କହିଥିଲେ, ଏହି କାର୍ଯ୍ୟକ୍ରମ ପାଇଁ କଟକ ବାଲିଯାତ୍ରା ପଡ଼ିଆରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଉପସ୍ଥିତ ରହିବେ। ଏହି ଅବସରରେ ହିତାଧିକାରୀଙ୍କୁ ଉଭୟ 'ଆୟୁଷ୍ମାନ ଭାରତ' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' କାର୍ଡ ବିତରଣ କରାଯିବ। ସେ କହିଥିଲେ, ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳୁଥିଲା। କିନ୍ତୁ ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ ମିଳିବ। ସେହିପରି ପୂର୍ବରୁ କେବଳ ୧୬ଟିରାଜ୍ୟରେ ୯୦୦ ତାଲିକାଭୁକ୍ତ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ସେବା ମିଳୁଥିବାବେଳେ ଏବେ ମିଳିତ ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ସାରା ଦେଶରେ ୨୯ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ସେବା ମିଳିବ। ବୟୋବନ୍ଦନା ଯୋଜନା ଅନ୍ତର୍ଭୁକ୍ତ ବରିଷ୍ଠ ନାଗରିକଙ୍କୁ ମଧ୍ୟ ଏହି ସମସ୍ତ ହସ୍ପିଟାଲରେ ଚିକିତ୍ସା ସେବା ମିଳିବ। ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କ ପୁରୁଷ ଓ ମହିଳାମାନେ ଚିକିତ୍ସା ସୁବିଧା ପାଇପାରିବେ। ୭୦ ବର୍ଷରୁ ଅଧିକ ବୟସ୍କ ପୁରୁଷମାନେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା ପାଇବାକୁ ରହିଥିବାବେଳେ ୭୦ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନେ ସର୍ବାଧିକ ଚିକିତ୍ସା ସୁବିଧା ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଇପାରିବେ। ମାତ୍ର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଡ. ମୁକେଶ କହିଥିଲେ, ଯେଉଁ ହିତାଧିକାରୀମାନେ ଏହି ସ୍ୱାସ୍ଥ୍ୟକାର୍ଡ କରି ନାହାନ୍ତି ସେମାନେ ଯୋଜନାର ଶୁଭାରମ୍ଭ ତଥା ୧୧ ତାରିଖ ପରେ ଜନ ସେବା କେନ୍ଦ୍ର ମାଧ୍ୟମରେ କିମ୍ବା ନିର୍ଦ୍ଧାରିତ ପୋର୍ଟାଲ ଜରିଆରେ ନିଜେ ନୂତନ କାର୍ଡ ପାଇଁ ଆବେଦନ କରିପାରିବେ। ହିତାଧିକାରୀମାନଙ୍କ ପାଇଁ ଇ-କେୱାଇସି ସହିତ କାର୍ଡ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ। ତେବେ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗରେ କୌଣସି ହସ୍ପିଟାଲ ଏପର୍ଯ୍ୟନ୍ତ ସରକାରଙ୍କ ସହିତ ସହଯୋଜିତ ହୋଇପାରି ନାହାନ୍ତି ବୋଲି ଡ. ମହାଲିଙ୍ଗ କହିଥିଲେ।


କଟକ ବାଲିଯାତ୍ରା ପଡ଼ିଆରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ଥିତି ସମୀକ୍ଷା କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କଟକ ଗସ୍ତକରି ବାଲିଯାତ୍ରା ଉପର ପଡ଼ିଆରେ ଆୟୋଜନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସିଲେଇସର୍କିଟ ହାଉସ କୁଟାରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ମହାଲିଙ୍ଗ କଟକ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ସମେତ ଅନ୍ୟ ଅଧିକାରୀଙ୍କ ସହ ଟ୍ରାଫିକ୍ ବ୍ୟବସ୍ଥା, ଜଳ, ବିଦ୍ୟୁତ୍, ପାର୍କିଂ ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମହାଲିଙ୍ଗ କହିଥିଲେ, ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଥିଲେ। ହେଲେ ରାଜନୈତିକ କାରଣ ଯୋଗୁ ଓଡ଼ିଶାରେ ଏହା ଲାଗୁ ହୋଇ ପାରି ନ ଥିଲା। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି। ଏହି କାର୍ଯ୍ୟକ୍ରମ ପାଇଁ ଗ୍ରାଉଣ୍ଡ ଜିରୋରେ ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଉଛି। ଏହି ଆୟୁଷ୍ମାନ ଯୋଜନା କାର୍ଡରେ ଭାରତର କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଲୋକମାନେ ସୁବିଧା ପାଇବେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓ, ବିଧାୟକ ବିଜୟ ଦଳବେହେରା, ଛବି ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଭାଜପା ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ଏସ୍ ପ୍ରାନ୍ତୀୟ ପ୍ରଚାର ପ୍ରମୁଖଙ୍କ ମା'ଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି

ବାହାନଗା,୫।୪(ଅରୂପ କୁମାର ଦାସ)


ଶ୍ରଦ୍ଧାଞ୍ଜଳି ସଭାରେ ମନ୍ତ୍ରୀ, ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ାସ୍ଥିତ କସପାଇସୁରୁ ପଞ୍ଚାୟତ ଜିରିତାଳ ଗ୍ରାମର ଆର୍‌ଏସ୍‌ଏସ୍ ପ୍ରାନ୍ତୀୟ ପ୍ରଚାରକ ପ୍ରମୁଖ ସୁଧିର ବିଶ୍ୱାଳଙ୍କ ମା'ପଦ୍ମାବତୀଙ୍କ ଦ୍ୱାଦଶାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ଆରଏସଏସ୍ କର୍ମୀ ଓ ନେତୃବୃନ୍ଦଙ୍କ ସମେତ ଜିଲାର ଭାଜପା ବିଧାୟକ, ବାଲେଶ୍ୱର ଏମ୍‌ପି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଶୁକ୍ରବାର ଏକାଦଶାହ ଦିନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ତାଙ୍କ ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ କିଛି ସମୟ ରହିବା ପରେ ଫେରିଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ବାଲେଶ୍ୱରରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ତଥା ବିଧାନସଭାର ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷା ବାସନ୍ତୀ ପରିଡ଼ା ସମେତ କସପାଇସୁରୁ ପଞ୍ଚାୟତର ସମିତିସଭ୍ୟ, ଖନ୍ତାପଡ଼ା ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାଲେଶ୍ୱରସ୍ଥିତ ଚାଣ୍ଡିପୁର ଆଇଟିଆର ପରିସରରେ ଓହ୍ଲାଇଥିଲେ। ସେଠାରେ ଭାଜପାର ଦଳୀୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ କାର୍ ଯୋଗେ ବାଲେଶ୍ୱରରୁ ଜିରିତାଳ ଗ୍ରାମକୁ ଆସିଥିଲେ। ଗ୍ରାମର ମହିଳାମାନେ ସ୍ୱାଗତ କରିବା ସହିତ ବନ୍ଦାପନା କରିଥିଲେ। ମୁଖ୍ୟମନ୍ତ୍ରୀ ୨ ଘଣ୍ଟା ବିଳମ୍ବରେ ଜିରିତାଳ ଗ୍ରାମରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ କୌଣସି ସରକାରୀ କାର୍ଯ୍ୟକ୍ରମରେ ଆସି ନ ଥିବାରୁ କୌଣସି ଖବରଦାତାଙ୍କୁ ସୁଧିର ବିଶ୍ୱାଳଙ୍କ ଘର ମଧ୍ୟକୁ ଛଡ଼ାଯାଇ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଗ୍ରାମର ମହିଳାମାନେ ଖୁସି ବ୍ୟକ୍ତ କରିଥିଲେ।

# ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ, ବର୍ତ୍ତିଗଲେ ପୁଅ

ପାଣିକୋଇଲି,୫।୪(ବିକାଶ ମଲ୍ଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସେପ୍ତି ଛକ ନିକଟରେ ଶନିବାର ସକାଳ ପ୍ରାୟ ୮ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାନପୁଅ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ, କୋରେଇ ଥାନା ଅନ୍ତର୍ଗତ ଅସନବର ପଞ୍ଚାୟତ ସୋଲବଗୀ ଗ୍ରାମର ସୁକାନ୍ତ ମଲ୍ଲିକ ତାଙ୍କ ସ୍ତ୍ରୀ ଝୁମୁ ଓ ସାନ ପୁଅ ସହ କଟକପୁର ମା' କାଳୀଙ୍କ ଦର୍ଶନ ସାରି ବାଇକ(ଓଡି୩୪ସି୮୦୧)ରେ ଘରକୁ ଫେରୁଥିଲେ। ଏହି ସମୟରେ ଅଜଣା ଗାଡ଼ି ବାଇକକୁ ସାଇଡ୍ ମାରିଥିଲା। ଫଳରେ ଦମ୍ପତି ବାଇକରୁ ଛିଟିକି ପଡ଼ିଥିଲେ। ଏକିବେଳେ ପଛରୁ ଦ୍ରୁତବେଗରେ ଆସୁଥିବା ଅନ୍ୟ ଏକ ଗାଡ଼ି ଝୁମୁଙ୍କ ଉପରେ ଚଢ଼ିଯିବା ସହ ସୁକାନ୍ତଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପାଣିକୋଇଲି ପୋଲିସ ଓ ଆମେ ଆପଣଙ୍କ ପାଇଁ ହେଲ୍ପିଂ ଗ୍ରୁପ ସଦସ୍ୟ ପହଞ୍ଚି ସୁକାନ୍ତଙ୍କୁ ପୋଲିସ ପାଟ୍ରୋଲିଂ ଭ୍ୟାନ୍ ଓ ଝୁମୁଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୁକାନ୍ତଙ୍କ ବଡ଼ଭାଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଗହମ ଗ୍ରାମରେ ଝାଡ଼ାବାନ୍ତି, ଶତାଧିକ ଅସୁସ୍ଥ


ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି।

ପବିତ୍ରନଗର,୫।୪(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କହିଁଆ ବ୍ଲକ ପରାବିଲ ପଞ୍ଚାୟତ ଗହମ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ଗୁରୁତର ଅସୁସ୍ଥ ଥିବା ୧୦ରୁ ଅଧିକ ରୋଗୀଙ୍କୁ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ଡାକ୍ତରଟିମ୍ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରୁଥିବା ବେଳେ ଅନୁଗୋଳ ଉପିଏଚ୍ ଧନଞ୍ଜୟ ବେହେରା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରାନ୍ତମାନଙ୍କୁ ଔଷଧ, ଓଆର୍‌ଏସ୍ ବଣ୍ଟନ ସହିତ ପରିସ୍ଥିତି ଉପରେ ଡାକ୍ତରୀ ଟିମ୍ ନଜର ରଖିଛନ୍ତି। ସରକାରଙ୍କ ପକ୍ଷରୁ ପାଇପ ଯୋଗେ ଗାଁକୁ ପାନୀୟ ଜଳ ଯୋଗାଣ ହେଉଥିବାବେଳେ ମଧ୍ୟ ବ୍ରାହ୍ମଣୀ ନଦୀରୁ ଆସୁଥିବା ପାଣିକୁ ଉଭରହେଡ୍ ଟାଙ୍କିରେ ଠିକ୍ ଭାବେ ବିଶୋଧନ କରା ନ ଯିବା କିମ୍ବା ଗ୍ରାମୀୟ ପାଣ୍ଠରୁ ନିର୍ଗତ ପାଇଁଶ ଓ ବର୍ଜ୍ୟବସ୍ତୁ ମିଶି ବ୍ରାହ୍ମଣୀ ନଦୀ ପାଣିକୁ ଦୂଷିତ କରିବା କାରଣରୁ ଝାଡ଼ାବାନ୍ତି ବ୍ୟାପାଇଥିବାପରେ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଡିପିଏଚ୍‌ଙ୍କ କହିବା ଅନୁଯାୟୀ, କେଉଁ କାରଣରୁ ଝାଡ଼ାବାନ୍ତିରେ ଏତେ ଲୋକ ଆକ୍ରାନ୍ତ ହୋଇଛନ୍ତି ତାହା ଜଣାପଡ଼ିନାହିଁ। ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ଏହା ସ୍ପଷ୍ଟ ହେବ।

# ରାଜ୍ୟ ସରକାରଙ୍କୁ ଜବାବ ତଲବ

## ପାଠାଗାର ସମସ୍ୟାକୁ ନେଇ ହାଇକୋର୍ଟରେ ମାମଲା

କଟକ,୫।୪(କାର୍ତ୍ତିକ ସାହୁ)

ରାଜ୍ୟର ପାଠାଗାରଗୁଡ଼ିକରେ ରହିଥିବା ସମସ୍ୟାକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ଶନିବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଏନେଇ ଜବାବ ତଲବ କରିଛନ୍ତି। ଆସନ୍ତା ମେ' ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ ୨୦୦୧ ପ୍ରଣୀତ ହେବାର ବହୁବର୍ଷ ପରେ ଓଡ଼ିଶା ସାର୍ବଜନିକ ପାଠାଗାର ନିୟମାବଳୀ ୨୦୧୬ ପ୍ରଣୟନ ହୋଇଥିଲା। ୨୦୨୩ ଅକ୍ଟୋବରରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଥିଲେ। କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅବହେଳା କଲେ। ଅଧିନିୟମର ଧାରା-୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା-୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠନ ହେଲା ନାହିଁ। ଏପରି କି ଧାରା-୧୨ ଅନୁସାରେ ଓଡ଼ିଶା ପାଠାଗାର ପାଣ୍ଠି ପ୍ରତିଷ୍ଠା ହୋଇନାହିଁ। ଏହାବାଦ ଜିଲାସ୍ତରରେ ସାର୍ବଜନିକ ପାଠାଗାର କମିଟି ମଧ୍ୟ ଗଠନ ହୋଇନାହିଁ। ରାଜ୍ୟର ସାର୍ବଜନିକ ପାଠାଗାରସମୂହରେ ଅନେକ ଅନୁମୋଦିତ ପଦବୀ ଖାଲି ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ୫୮ଟି ଅନୁମୋଦିତ ପଦବୀ ମଧ୍ୟରୁ ୪୩ଟି ପଦବୀ ଖାଲି ପଡ଼ିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାର୍ବଜନିକ ପାଠାଗାର ଅଧିନିୟମ ଓ ନିୟମାବଳୀକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ରାଜ୍ୟସ୍ତରୀୟ ପାଠାଗାର ପରିଷଦ, ପାଠାଗାର କର୍ତ୍ତୃପକ୍ଷ, ପାଠାଗାର ପାଣ୍ଠି ପ୍ରତିଷ୍ଠା, ଜିଲା ପାଠାଗାର କମିଟି ଗଠନ କରିବା, ରାଜ୍ୟ ପାଠାଗାର ସମେତ ରାଜ୍ୟର ସମସ୍ତ ସାର୍ବଜନିକ ପାଠାଗାରରେ ଖାଲି ପଦବୀ ପୂରଣ କରିବାକୁ ଆବେଦନକାରୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଦାବର ପିଟିଶନରେ ପ୍ରାର୍ଥନା କରିଛନ୍ତି। ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଏବଂ ସାର୍ବଜନିକ ପାଠାଗାର ନିର୍ଦ୍ଦେଶକଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ଲୁଟ କରିବାକୁ ଆସି ବୃଦ୍ଧାଙ୍କୁ ହତ୍ୟା

- ଆକ୍ରମଣରେ ଝିଅ ଗୁରୁତର
- ୨ ଅଟକ, ପୋଲିସ ତଦନ୍ତ ଜାରି

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୫।୪ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)


ମା' କୌଶଲ୍ୟା ପତି


ଝିଅ ମମତା ପତି

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିରିଥିଆ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୁ ଲୁଟ କରିବାକୁ ଆସିଥିବା ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ଝିଅ ଗୁରୁତର ହୋଇଛନ୍ତି। ମୃତା ହେଲେ କୌଶଲ୍ୟା ପତି(୭୫)। ଗୁରୁତର ହେଲେ ମମତା ପତି। ଏନେଇ ଶନିବାର ଥାନାରେ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା ନଂ.୬୯/୨୫ ରୁଜୁକରିବା ସହ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨ଟାରେ ମା' ଓ ଝିଅ ପରିସ୍ରା କରିବାକୁ ବାହାରକୁ ଉଠିଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା କେତେଜଣ ଦୁର୍ବୃତ୍ତ କୌଶଲ୍ୟାଙ୍କ ଘରୁ ଚୋରି କରିବା ପାଇଁ ପଶିଥିଲେ। ସେମାନଙ୍କୁ କୌଶଲ୍ୟା ଦେଖି କିଏ କିଏ ବୋଲି ଡାକି ପାଟି କରିଥିଲେ। ଏଥିସହିତ ସେମାନଙ୍କୁ କାବୁ କରିବାକୁ ଘର ଭିତରକୁ ପଶିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଧରିହେବା ମାରଣାସ୍ତ୍ରରେ କୌଶଲ୍ୟାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ମମତା ଏହା ଦେଖି ଚିତ୍କାର କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମମତାଙ୍କ ହାତ ଭାଙ୍ଗି ଯାଇଥିଲା। ମମତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ପଡ଼ୋଶୀ ମା' ଓ ଝିଅଙ୍କୁ ଉଦ୍ଧାର କରି ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟ ଓ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର କୌଶଲ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମମତା ଦୁର୍ବୃତ୍ତମାନଙ୍କୁ ଚିହ୍ନିପାରିଥିଲେ। ସେମାନେ ଗ୍ରାମର କିଛି ଦୂରରେ ରହୁଥିବା ମମତା କହିଥିଲେ। ଏହାପରେ ବାଲିଚନ୍ଦ୍ରପୁର ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗ୍ରା ମ ବା ସୀ ଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ମା' ଓ ଝିଅ ଖଡ଼ଗପ୍ରସାଦସ୍ଥିତ ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। ସେମାନେ ବ୍ୟାଙ୍କରୁ କିଛି ଟଙ୍କା ଉଠାଇ ଆଣିଥିବା ସନ୍ଦେହ କରି ଏହି ଦୁର୍ବୃତ୍ତମାନେ ରାତିରେ ତାଙ୍କ ଘରେ ପଶିଥିଲେ। ମା' ଓ ଝିଅ ସେମାନଙ୍କୁ ଚିହ୍ନିଦେବାରୁ ଧରା ପଡ଼ିଯିବା ଭୟରେ ଆକ୍ରମଣ କରିଥିଲେ। ପରିଚୁଣ୍ଡ ଶୁଣି ଗ୍ରାମବାସୀ ଉଠି ଆସିବାରୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

ରାମନବମୀ



# ବାଣିଜ୍ୟ ଯୁଦ୍ଧ



ଆକାର ପଟେଲ

ବାଣିଜ୍ୟ ଯୁଦ୍ଧ କେମିତି ଶେଷ ହୁଏ ? ଏହାର ଉତ୍ତର ପାଇବାକୁ ହେଲେ ନିଜକୁ ପ୍ରଶ୍ନ ପଚାରିବା ଦରକାର ଯେ ହିଂସାତ୍ମକ ଯୁଦ୍ଧ କିପରି ଶେଷ ହୁଏ ? ଉଭୟ ପାଇଁ ସରଳ ଉତ୍ତର ହେଉଛି ଥରେ ଯୁଦ୍ଧ ଆରମ୍ଭ ହେଲେ ସହଜରେ ଶେଷ ହୁଏ ନାହିଁ। ଦେଖାଯାଏ ଯୁଦ୍ଧ ଶେଷ କରିବାକୁ ନେତାମାନଙ୍କ ମଧ୍ୟରେ ହେଉଥିବା ମହତ୍ତ୍ୱହୀନ 'ଶିଖର ସମ୍ମିଳନୀ' ବୈଠକକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦର୍ଶାଯାଉଛି। ଏହିସବୁ ବୈଠକ ପରେ ଅସନ୍ତୋଷ ରହିପାରେ କିନ୍ତୁ ସ୍ଥିତାବସ୍ଥା ବଜାୟ ରଖିବାର ଏକ ବିକଳ୍ପ ରହିଛି ଯାହା ଉପରେ ଅଧିକ ଭରସା ରଖିବା ଦରକାର। ହିଂସା ଆଡ଼କୁ ବଢ଼ିବା ଅନୁଚିତ। ଏହା ହେଲେ ନିୟନ୍ତ୍ରଣ କଷ୍ଟକର ହୋଇଯାଏ। ମୁଷ୍ଟିଯୋଦ୍ଧା ମାଇକ ଟାଇସନ କହିଛନ୍ତି, ପ୍ରତ୍ୟେକଙ୍କ ପାଖରେ ଏକ ଯୋଜନା ଥାଏ ଯେପର୍ଯ୍ୟନ୍ତ ସେମାନଙ୍କ ମୁହଁରେ ଶକ୍ତ ମୁଥ ବାଜି ନ ଥାଏ। ଅର୍ଥାତ୍ ନ ହାରିବା ଯାଏ ଯୁଦ୍ଧ ଯୋଜାନା ଚାଲିଥାଏ। ଯୁଦ୍ଧ ଶେଷ ହୁଏ ଯେତେବେଳେ ଉଭୟ ପକ୍ଷ ଅତ୍ୟଧିକ କ୍ଷତିର ସମ୍ମୁଖୀନ ହୋଇଥାନ୍ତି କିମ୍ବା ଗୋଟିଏ ପକ୍ଷ ଅନ୍ୟଠାରୁ ଅଧିକ ମଜଭୁତ ଥାଏ ଓ ଆତ୍ମସମର୍ପଣ କରିବାକୁ ବାଧ କରେ। ଯୁଦ୍ଧ ଓ ବାଣିଜ୍ୟ ଯୁଦ୍ଧର ଆଉ ଏକ ଦିଗ ରହିଛି, ଯାହା ପାଇଁ ସେଗୁଡ଼ିକୁ ନିୟନ୍ତ୍ରଣ କରିବା କଷ୍ଟକର ଏବଂ ଏହାର ଗମ୍ଭୀରତା ଆକଳନ ବି ଅସମ୍ଭବ। ତାହା ହେଉଛି ଜାତୀୟ ଗୌରବ ଓ ଜାତୀୟ ଅସ୍ତିତ୍ୱ। ସେଥିପାଇଁ ବାଣିଜ୍ୟ ଓ କୂଟନୀତି ଜନସାଧାରଣଙ୍କ ଦୃଷ୍ଟି ଆଢୁଆଳରେ କରାଯାଏ। ସେସବୁ ଯେତେବେଳେ ବାହାର ଆଲୋଚନାର ଅଂଶ ହୋଇଯାଏ ଏବଂ ଜନସାଧାରଣ ଭାଗ ନିଅନ୍ତି ସେତେବେଳେ କ୍ରୋଧ ସୃଷ୍ଟି ହୁଏ ଏବଂ ସବୁକିଛି ପରିବର୍ତ୍ତନ ଘଟିଥାଏ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ସେ ଟାରିଫ୍ ମାଧ୍ୟମରେ ଚାଇନାକୁ ଦଣ୍ଡ ଦେଉଛନ୍ତି ଏବଂ ଏହାର ପ୍ରତିକାର ସ୍ୱରୂପ କିଛି ପଦକ୍ଷେପ ନ ନେବାକୁ ଚେତାବନୀ ଦେଇଛନ୍ତି, କାରଣ ସେ ତା'ଉପରେ ଆହୁରି ଅଧିକ ଟାରିଫ୍ ଲଗାଇବେ। ତତ୍କ୍ଷଣାତ ପ୍ରତିକ୍ରିୟା ସ୍ୱରୂପ ଆମେରିକା ଉପରେ ଚାଇନା ସମାନ ପ୍ରକାର ଟାରିଫ୍ ଲଗାଇଛି। କେତେଜଣ ଯୁକ୍ତି କରନ୍ତି, ଟାରିଫ୍ ଲଗାଇଥିବା ଦେଶର ପ୍ରାୟତଃ କ୍ଷତି ହୋଇଥାଏ, କାରଣ ତାହାର ଉପଭୋକ୍ତାମାନେ ଆମଦାନୀ ଶୁଳ୍କ ଦିଅନ୍ତି। ଏହାକୁ ବାଣିଜ୍ୟ ଯୁଦ୍ଧ କୁହାଯାଏ । ବିନା ଗୁଳିରେ ଏହା ଚାଲେ । ବାଣିଜ୍ୟ ଯୁଦ୍ଧରେ ଗୋଟିଏ ପକ୍ଷ ଅନ୍ୟର ସକ୍ରିୟ ଭାବେ କ୍ଷତି କରିବାକୁ ଚେଷ୍ଟା କରୁଛି। ଫଳରେ ଅନ୍ୟ ପକ୍ଷ ଏହାର ଜବାବ ଦେବାକୁ ବାଧ ହେଉଛି। ଡୋନାଲ୍ଡ ଟ୍ରମ୍ପ୍ କାନାଡା ଉପରେ ଟାରିଫ୍ ଲାଗୁ କରିବା ପରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ଯେ, କାନାଡାର ଗଭର୍ନର ଟ୍ରୁଡୁଙ୍କୁ ଦୟାକରି ବୁଝାଇଦିଅ ଯେ ଆମେରିକାକୁ ଅସୁବିଧାରେ ପକାଇବା ଲାଗି ଯଦି ସେ ରିଟାଲିଏଟୋରି ଟାରିଫ୍ ଲାଗୁ କରନ୍ତି ତେବେ ଆମର ରିସିପ୍ରୋକାଲ ଟାରିଫ୍ ସେହି ସମାନ ପରିମାଣରେ ବୃଦ୍ଧି ପାଇବ। କାନାଡା ଏହାର ପ୍ରତିକ୍ରିୟା ଜଣାଇଲା ଏବଂ ଚାଇନା ଏବେ ତାହା କରିଛି। ତେବେ ଟ୍ରମ୍ପଙ୍କ ପାଇଁ ବିକଳ୍ପ ଅଛି। ଯାହା କରିବେ ବୋଲି କହିଥିଲେ ତାହା କରିବେ ଅର୍ଥାତ୍ ସେମାନଙ୍କ ଉପରେ ଟାରିଫ୍ ଲଗାଇବେ ନା ପଛକୁ ଫେରିବେ। ଯଦି ସେ ଏହା ନ କରନ୍ତି ତେବେ ଟ୍ରମ୍ପ୍ ହାରିଗଲେ ବୋଲି ଗଣାଯିବ ଏବଂ ତାଙ୍କ ବିଶ୍ୱସନୀୟତା ହ୍ରାସ ପାଇବ। ସେଥିପାଇଁ ଯୁଦ୍ଧ ଥରେ ଆରମ୍ଭ ହୋଇଗଲେ ତାହାକୁ ବନ୍ଦ କରିବା କଷ୍ଟକର। ଏହି କାରଣରୁ ବାଣିଜ୍ୟ ଯୁଦ୍ଧ କିଛିଦିନ ଆମମାନଙ୍କ ସହ ରହିବ।

ଭାରତରେ ଆମେମାନେ ଏହା ଉପରେ ଚିନ୍ତା କରିବା ଦରକାର। ଦେଖାଯାଏ ୨୦୦୪ରୁ ୨୦୧୪ ମଧ୍ୟରେ ବୃହତ କ୍ଷେତ୍ରଗୁଡ଼ିକରେ ଭାରତ ଦ୍ରୁତ ଅଭିବୃଦ୍ଧି ହାସଲ କରିଥିଲା, କାରଣ ସେହି ଦଶନ୍ଧିରେ ଏହାର ବିକ୍ରିଯୋଗ୍ୟ ସାମଗ୍ରିର ରପ୍ତାନି ବାର୍ଷିକ ୫୦ ବିଲିୟନ ଆମେରିକୀୟ ଡଲାରରୁ ୩୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ସେହି ସମୟରେ ବିଶ୍ୱ ବାଣିଜ୍ୟରେ ବୃଦ୍ଧି ଘଟିଥିବାରୁ ଏହା ସମ୍ଭବ ହୋଇଥିଲା । ବିଶ୍ୱ ବିତ୍ତୀୟ ସଙ୍କଟ ପରେ ଯେତେବେଳେ ବାଣିଜ୍ୟ ମାନ୍ଦା ରହିଥିଲା ସେତେବେଳେ ଆମ ଅଭିବୃଦ୍ଧି ହ୍ରାସ ପାଇଥିଲା। ଏହାର ଦଶବର୍ଷ ପରେ ଏବେ ବିକ୍ରିଯୋଗ୍ୟ ସାମଗ୍ରୀର ରପ୍ତାନି ୪୦୦ ବିଲିୟନ ଡଲାର ରହିଛି। ଅର୍ଥାତ୍ ଦ୍ରୁତ ଅଭିବୃଦ୍ଧି ହାର ଅପସରି ଯାଇଛି। ବାସ୍ତବ କଥା ହେଉଛି, ବିଶ୍ୱ ବାଣିଜ୍ୟରେ ବୃଦ୍ଧି ଭାରତ ପାଇଁ ଭଲ ଏବଂ ବାଣିଜ୍ୟ ଯୁଦ୍ଧ ଆମ ପାଇଁ କ୍ଷତିକାରକ। ଏଣୁ ଭାରତ ଏହି ଯୁଦ୍ଧର ସମାଧାନ କରିବା ପାଇଁ ନେତୃତ୍ୱ ନେବା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆଶାବାଦୀ ହେବା ଦରକାର। କାରଣ ଏହା ପଛରେ ଅନେକ କାରଣ ଅଛି। ଗଣତାନ୍ତ୍ରିକ ଦେଶଗୁଡ଼ିକ ଅନ୍ୟର ସହଯୋଗ ବିନା ନିଜକୁ ସୁଧାରି ନିଅନ୍ତି ଏବଂ ଆମେରିକା ଏଥିପ୍ରତି ଅଧିକ ଗୁରୁତ୍ୱଦେବା ଦରକାର। ଏହାର ପାର୍ଲାମେଣ୍ଟ ଲେଜିସ୍‌ଲେଟରଙ୍କ ଦ୍ୱାରା ଚାଲିଥାଏ, ଯେଉଁମାନଙ୍କୁ ପ୍ରତି ଦୁଇବର୍ଷରେ ନିର୍ବାଚନ ସାମନା କରିବାକୁ ପଡ଼ିଥାଏ। ଆଗାମୀ କିଛି ସପ୍ତାହ କିମ୍ବା ମାସରେ ବିଶେଷକରି ଟାରିଫ୍‌ଗୁଡ଼ିକ ଯଦି ବାଧକ ସାଜେ ଏବଂ ଜନସାଧାରଣ ଅଶାନ୍ତି ହୁଅନ୍ତି ତେବେ ନଭେମ୍ବର ୨୦୨୬ର ନିର୍ବାଚନରେ ଭାଗ ନେବାକୁ ଯାଉଥିବା ନେତାମାନେ ସେମାନଙ୍କ ରାଷ୍ଟ୍ରପତି ସୃଷ୍ଟି କରିଥିବା ଅସ୍ଥିର ସ୍ଥିତିକୁ ହ୍ରାସ କରିବା ଲାଗି ତାଙ୍କ ଉପରେ ଚାପ ପକାଇବା ଆରମ୍ଭ କରିବେ। ଟ୍ରମ୍ପଙ୍କ ଯୋଜନାରୁ ଜଣାପଡୁଛି ଯେ, ସେ ଦୀର୍ଘ ସମୟ ଧରି କାମ କରିବେ ଏବଂ ତାଙ୍କ ଉପରେ ଏହି ଚାପ ବ୍ୟର୍ଥ ହୋଇପାରେ। ନିଜକୁ ସୁଧାରି ନେବା ଏପରି କି ଯୁଦ୍ଧ ପାଇଁ ଏହି ଚାପ ସ୍ୱତନ୍ତ୍ର ପ୍ରଭାବ ପକାଇବ। ହେଲେ ଆମେରିକାର ଇତିହାସ ଦର୍ଶାଏ, ଏହା ଭୁଲ୍ କରିଚାଲିବ ଓ ଯୁଦ୍ଧ ନିଜର କ୍ଷତି କଲେ ମଧ୍ୟ ତାହାକୁ ଅନୁସରଣ କରିବ। ଭିଏଟନାମ ଓ ଇରାକ ଯୁଦ୍ଧରୁ ଏହା ସ୍ପଷ୍ଟ ହୁଏ। ଆଫଗାନିସ୍ତାନରେ ଲଗାତର ଭାବେ ଆମେରିକା ଭୁଲ୍ କରିଆସୁଛି ଓ ସେଥିରୁ କିଛି ବି ଶିକ୍ଷା ପାଇନାହିଁ। ଆତ୍ମସମର୍ପଣ କରିବା ପୂର୍ବରୁ ୨୦ ବର୍ଷ ଧରି ନିଜର ଓ ତା'ପ୍ରତିପକ୍ଷର କ୍ଷତି କରିଛି। ନିଜ ଦେଶର ନାଗରିକଙ୍କ ଜୀବନ ଯିବା ଓ ବିପୁଳ ଅର୍ଥ ଖର୍ଚ୍ଚ ହେବା ଭଳି ଦୀର୍ଘଦିନର ଯନ୍ତ୍ରଣାଦାୟକ ସ୍ଥିତିରେ ଆମେରିକା ନାଗରିକମାନେ ଠିକ୍ ଥିଲେ। କାରଣ ସେମାନେ ଭାବୁଥିଲେ ତାହା ସେମାନଙ୍କ ଜାତୀୟ ସ୍ୱାର୍ଥ ପାଇଁ ହେଉଥିଲା। ଟ୍ରମ୍ପ୍‌ଙ୍କ ବାଣିଜ୍ୟ ଯୁଦ୍ଧ ପାଇଁ ଏହା ସତ୍ୟ ନୁହେଁ।

Email:aakar.patel@gmail.com

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | | | | 8 | |
| | | | | 3 | 4 | | 7 | |
| 6 | | | | | 1 | | 9 | 5 |
| | | | 4 | 9 | 3 | | 5 | 2 |
| | | | 2 | | | | | 3 |
| | | | | | | | | 7 |
| 5 | 7 | | | | 9 | | | |
| | | 2 | 5 | 6 | | | | |
| | | 3 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 7 | 4 | 9 | 6 | 8 | 3 |
| 9 | 3 | 4 | 2 | 8 | 6 | 7 | 1 | 5 |
| 6 | 8 | 7 | 1 | 5 | 3 | 2 | 9 | 4 |
| 4 | 1 | 9 | 3 | 2 | 7 | 5 | 6 | 8 |
| 3 | 6 | 5 | 8 | 9 | 1 | 4 | 7 | 2 |
| 8 | 7 | 2 | 4 | 6 | 5 | 9 | 3 | 1 |
| 1 | 5 | 3 | 9 | 7 | 4 | 8 | 2 | 6 |
| 2 | 9 | 6 | 5 | 3 | 8 | 1 | 4 | 7 |
| 7 | 4 | 8 | 6 | 1 | 2 | 3 | 5 | 9 |

ଗତକାଲିର ଉତ୍ତର

# ୟୁପିଆଇ ବ୍ୟବସ୍ଥାରେ ଟଙ୍କା ପ୍ରେରଣ




ଡ. ତପନ କୁମାର ପାଲ

ବର୍ତ୍ତମାନ ସମୟରେ ଟଙ୍କା ଦେଣନେଣର ସବୁଠାରୁ ସୁବିଧାଜନକ ବ୍ୟବସ୍ଥା ହେଉଛି ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ଯାହାକୁ ସମସ୍ତେ ଲୋକପ୍ରିୟ ଭାବରେ ୟୁପିଆଇ ବୋଲି ବୁଝନ୍ତି। ବହୁ ସମୟରେ ଅନେକେ ଏହି ବ୍ୟବସ୍ଥାରେ ଅଜାଣତରେ ଭୁଲ୍ ନମ୍ବରକୁ ଟଙ୍କା ପଠାଇ ଦିଅନ୍ତି, ଯାହା ପରବର୍ତ୍ତୀ ସମୟରେ ଅସୁବିଧା ସୃଷ୍ଟି କରିଥାଏ। ଅନେକ ଉଦାହରଣ ଅଛି ଯେଉଁଠି ଜଣେ ଆପଣଙ୍କ ପରିଚୟ ଓ ଅନେକ ଅନୁରୋଧ ପାଇ ମଧ୍ୟ ଟଙ୍କା ଆଉ ଫେରସ୍ତ କରି ନ ଥାନ୍ତି। ତେବେ ଆପଣ ଜାଣି ଖୁସି ହେବେ ଜଣେ ଭୁଲ୍ ୟୁପିଆଇ ଠିକଣାରେ ଟଙ୍କା ପଠାଇଥିଲେ ଏହା ଫେରି ଆସିବାର ଅନେକ ସୁବିଧା ସୁଯୋଗ ରହିଛି। ଏ ନେଇ ବ୍ୟାଙ୍କିଙ୍ଗ ସେବା ସହଜ ବ୍ୟବସ୍ଥାରେ ଆପଣଙ୍କୁ କିଛି ସୂଚିତ କରୁଛୁ।

ଆପଣ ଯଦି ଅଜାଣତ ବଶତଃ କିମ୍ବା ଅସାବଧାନତା ଭାବରେ ଭୁଲ୍ ୟୁପିଆଇ ନମ୍ବର ବା ଠିକଣାକୁ ଟଙ୍କା ପ୍ରେରଣ କରିଛନ୍ତି ସର୍ବପ୍ରଥମେ ମାନସିକ ଭାବେ ଧୈର୍ଯ୍ୟବାନ୍ ହୁଅନ୍ତୁ। ଆଦୌ ଭୟଭୀତ ନ ହୋଇ ଯଦି ଆପଣ ଏବଂ ଟଙ୍କା ପଠାଇଥିବା ନମ୍ବରର ଗ୍ରାହକ ଗୋଟିଏ ବ୍ୟାଙ୍କର ଆକାଉଣ୍ଟଧାରୀ ହୋଇଥାନ୍ତି ତେବେ ଶତପ୍ରତିଶତ ଭରସା ରଖନ୍ତୁ ଅତି ବେଶିରେ ଦୁଇଦିନ ଭିତରେ ନିଶ୍ଚିତ ଭାବରେ ଆପଣ ଟଙ୍କା ଫେରିପାଇବେ। ତେବେ ଅନ୍ୟ ବ୍ୟାଙ୍କ ହୋଇଥିଲେ ଏହା ଟିକେ ବିଳମ୍ବ ହୋଇପାରେ। ଆପଣଙ୍କର ଏହି ଅଜାଣତ ବଶତଃ ତ୍ରୁଟି ହୋଇଥିଲେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗାଇଡ୍ ଲାଇନ ଅନୁଯାୟୀ ସର୍ବପ୍ରଥମେ ଆପଣ ଭୁଲ୍‌ରେ ପଠାଇଥିବା ନମ୍ବରର ପ୍ରାପକ ବା ପାଇଥିବା ଲୋକଟି ସହିତ ଆପଣଙ୍କ ଉପଯୁକ୍ତ ଓ ପର୍ଯ୍ୟାପ୍ତ ପରିଚୟ ପ୍ରଦାନ କରି ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ କାରବାରର ବିବରଣୀ ତାଙ୍କୁ ଦିଅନ୍ତୁ। ଯଦି ଆପଣଙ୍କ ଦ୍ୱାରା ସେହି ପ୍ରାପକଙ୍କ ସହ ସମ୍ପର୍କ ଯୋଡ଼ି ନ ହୋଇପାରେ ବା ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଆପଣ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆରେ ଆପଣଙ୍କ କାରବାରର ବିବରଣୀ ସମସ୍ତ ସୂଚନା ଓ ଆବଶ୍ୟକ ପ୍ରମାଣ ଦାଖଲ କରି ଅଭିଯୋଗ କରନ୍ତୁ। ସେହିପରି ଯେଉଁ ବ୍ୟାଙ୍କରେ ଏହି ଆର୍ଥିକ କାରବାର କରିଛନ୍ତି ଆପଣଙ୍କ ତ୍ରୁଟି ବିଷୟରେ ତୁରନ୍ତ ବିବରଣୀ ଦାଖଲ କରିବା ସହ ସୂଚନା ପ୍ରଦାନ କରନ୍ତୁ। ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବ୍ୟାଙ୍କର ଶାଖା ପକ୍ଷରୁ ରିଫଣ୍ଡ ପାଇଁ ଏକ ଚାର୍ଜ ବ୍ୟାଗ ବ୍ୟବସ୍ଥା ଆରମ୍ଭ ହୋଇଥାଏ। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ ଆପଣଙ୍କ ଭୁଲ୍ ୟୁପିଆଇ କାରବାର ସମସ୍ୟା ପାଇଁ ଏକ ସହାୟକ ଟୋଲ ଫ୍ରି ନମ୍ବର ରହିଛି। ୧୮୦୦-୧୨୦-୧୭୪୦ ନମ୍ବରଟି ଚବିଶ ଘଣ୍ଟିଆ କାର୍ଯ୍ୟ କରିଥାଏ।

ସେହିପରି ଅର୍ଥ କାରବାର କରିଥିବା ବା ଟଙ୍କା ପ୍ରେରଣ କରିଥିବା ଆପଣଙ୍କ ପେମେଣ୍ଟ ବ୍ୟବସ୍ଥା ଯଥା ପେଟିଏମ୍ ହେଉ ବା ଗୁଗଲ ପେ' କିମ୍ବା ଫୋନ ପେ' ସେମାନଙ୍କୁ ଏକ ଅଭିଯୋଗ ବିଧିବଦ୍ଧ ଭାବେ ପ୍ରଦାନ କରନ୍ତୁ। ସେହିପରି ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆର ୱେବ୍‌ସାଇଟକୁ ଅନୁଧ୍ୟାନ କରି ଏଥିରେ ରହିଥିବା ଡିସ୍‌ପୁଟ୍ ରିଡ୍ରେସାଲ ମେକାନିଜମ୍ ବ୍ୟବସ୍ଥା ଅନୁଯାୟୀ ଅନଲାଇନରେ ଫର୍ମ ଦାଖଲ କରନ୍ତୁ। ଯେଉଁଥିରେ ଆପଣ ଟଙ୍କା ପ୍ରେରଣ କରିଥିବା ଠିକଣା ବା ଆଇଡି, କାରବାର ହୋଇଥିବା ତାରିଖ, ଇ-ମେଲ୍ ଆଇଡି, ଭର୍ଚ୍ଚୁଆଲ ପେମେଣ୍ଟ ଠିକଣା, ଆମାଉଣ୍ଟ ଟ୍ରାନ୍ସଫର ରସିଦ ଓ ଆପଣ ତଥା ପ୍ରାପକଙ୍କ ମୋବାଇଲ ନମ୍ବର ଏହି ବିବରଣୀ ସହିତ ସବିଶେଷ ଭାବେ ଯୋଡ଼ନ୍ତୁ। ଏହା ସହିତ ଡିଉକ୍ସନ ଦର୍ଶାଇ ଆପଣଙ୍କର ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଅପଲୋଡ୍ କରନ୍ତୁ। ସେହିପରି ଆଉ ଏକ କଥା ବିଶେଷ ଭାବେ ମନେରଖନ୍ତୁ। ଆପଣଙ୍କର ଅଜାଣତରେ ଏହି ଯେଉଁ ତ୍ରୁଟିଟି ହୋଇଛି ଏହା ପାଇଁ ଅଭିଯୋଗ ସାଇଟ୍‌ରେ 'ଇନକରକ୍ଟେଲି ଟ୍ରାନ୍ସଫର ଟୁ ଆନାଦର ଆକାଉଣ୍ଟ'କୁ ବାଛନ୍ତୁ। ଯଦି ଆପଣଙ୍କ ପ୍ରାଥମିକ ଅଭିଯୋଗର ସମାଧାନ ନ ହୁଏ ତେବେ ଆପଣ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ଏ କ୍ଷେତ୍ରରେ ଅନେକ ବିକଳ୍ପ ରହିଛି। ପ୍ରଥମେ ଥାର୍ଡ ପାର୍ଟି ଆପ୍ଲିକେଶନ ପ୍ରୋଭାଇଡର, ଦ୍ୱିତୀୟରେ ପେମେଣ୍ଟ ସର୍ଭିସ ପ୍ରୋଭାଇଡର ବ୍ୟାଙ୍କ, ତୃତୀୟରେ ବ୍ୟାଙ୍କ ଶାଖା ଏବଂ ଶେଷରେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆକୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଲେ ନିଶ୍ଚିତ ସୁଫଳ ପାଇବେ।



ତେବେ ଗୋଟିଏ ମାସ ପରେ ଯଦି ସମସ୍ୟାର ସମାଧାନ ହୋଇ ନ ପାରେ କିମ୍ବା ସେମାନଙ୍କ ଉତ୍ତର ବା ବ୍ୟବସ୍ଥାରେ ସନ୍ତୁଷ୍ଟ ନୁହନ୍ତି ତେବେ ଏହି ଡିଜିଟାଲ କାରବାର ବ୍ୟବସ୍ଥା ସମ୍ପର୍କରେ ଆପଣଙ୍କର ଏହି ୟୁପିଆଇରେ ଭୁଲ୍ ଆଇଡିକୁ ଟଙ୍କା ପଠାଇବାର ଅସୁବିଧାଜନକ ସମସ୍ୟା ନିମିତ୍ତ ଏହି ମାମଲାର ବିଚାର କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ଓମ୍ବୁଡ୍ସମ୍ୟାନଙ୍କୁ ସବିଶେଷ ଅଭିଯୋଗ ଜଣାନ୍ତୁ।

ଆଜିର ସମୟରେ ଆଖିପିଛୁଳାକେ ପୃଥିବୀର ଯେ କୌଣସି ସ୍ଥାନକୁ, ଯେ କୌଣସି ସମୟରେ ଏବଂ ଯେ କୌଣସି ପରିସ୍ଥିତିରେ ଏହି ୟୁପିଆଇ କାରବାର ଦ୍ୱାରା ଟଙ୍କା ଦେଣନେଣ ହୋଇପାରୁଥିବାବେଳେ ଲୋକଙ୍କ ଭିତରେ ଏହାର ବ୍ୟବହାର ଅଧିକ ବଢ଼ିଯାଇଛି। ଡିଜିଟାଲ ଆରେଷ୍ଟ ନାମରେ ଠକମାନେ ଅନେକ ଲୋକଙ୍କ କୋଟି କୋଟି ଟଙ୍କା ଆଖିପିଛୁଳାକେ ଲୁଟ କରିବାକୁ ପଛାଉ ନାହାନ୍ତି। ଜଣେ ଜଣେ ସର୍ବସ୍ୱାନ୍ତ ହୋଇଯାଉଛନ୍ତି । ତେବେ ଆପଣ ୟୁପିଆଇ କାରବାର କରୁଥିବାବେଳେ ଟଙ୍କା ପଠାଇବା ପୂର୍ବରୁ ୟୁପିଆଇ ଆଇଡିକୁ ଭଲ ଭାବରେ ବୁଝି ଏବଂ ନମ୍ବରଟି ଜାଣି ଟଙ୍କା ପଠାନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଭାବରେ ଆପଣ ଯାହାଙ୍କ ପାଖକୁ ଟଙ୍କା ପଠାଉଛନ୍ତି ତାଙ୍କ ନାମ ଠିକ୍ ଭାବେ ଦେଖାଉଛି କି ନାହିଁ ଏ ଦିଗଟିକୁ ଭଲ ଭାବେ ଦେଖନ୍ତୁ। ସେହିଭଳି ଜୁଆଡ଼କୁ ଚାହିଁବେ ଦେଣନେଣ ବ୍ୟବସ୍ଥା ଭିତରେ ଛତୁ ଫୁଟିଲା ପରି କ୍ୱିଆର କୋଡ୍ ସ୍କାନ ବ୍ୟବସ୍ଥା ସବୁ ରହିଛି। ଏହି ବ୍ୟବସ୍ଥାରେ ଟଙ୍କା ପଠାଇବା ପୂର୍ବରୁ ଭଲ ଭାବେ ସ୍କାନର ପରିଷ୍କାରତା ବା ଯେପରି ସ୍ୱଚ୍ଛ ଦେଖାଯାଉଥିବ ସେ ଦିଗକୁ ଦେଖନ୍ତୁ। ସେହିପରି ଫିସିଙ୍ଗ ସ୍କାମ୍ ପ୍ରତି ଅଧିକ ସତର୍କ ହୁଅନ୍ତୁ। କାରଣ ଆଜିକାଲି ଅନେକ ଠକ ନକଲି କ୍ୱିଆର୍ କୋଡ୍ କିମ୍ବା ଲିଙ୍କ୍ ବ୍ୟବହାର କରି ଭୁଲ୍ ୟୁପିଆଇ ଆଇଡିରେ କାରବାର କରି ଆପଣଙ୍କ ଟଙ୍କା ଲୁଟି ନେବାରେ ସକ୍ଷମ ହେଉଥିବାରୁ ସାବଧାନତା ଓ ସତର୍କତା ଅତ୍ୟନ୍ତ ଜରୁରୀ। କାଁ ଭାଁ ଏପରି ସବୁ ଅଘଟଣ ଘଟୁଥିଲେ ମଧ୍ୟ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ ବା ୟୁପିଆଇ ଆଜି ଅତ୍ୟନ୍ତ ଲୋକପ୍ରିୟ ଆର୍ଥିକ କାରବାର ବ୍ୟବସ୍ଥା ହୋଇଛି । କିନ୍ତୁ ଆପଣ ସତର୍କ ଓ ସଚେତନ ରହିଲେ ଆପଣଙ୍କ ପାଇଁ ଏହା କୌଣସି ସମସ୍ୟାର କାରଣ ହେବନାହିଁ। ଆଉ ଗୋଟିଏ କଥା ଭଲ ଭାବରେ ମନେରଖନ୍ତୁ ଆପଣଙ୍କର ସାମାନ୍ୟତମ ଟିକିଏ ବି ତ୍ରୁଟି ବିଚ୍ୟୁତି ଦ୍ୱାରା ବ୍ୟାଙ୍କ ଶାଖା ଭାରତର ଆର୍ଥିକ ବ୍ୟବସ୍ଥାର ଓ ଏଥିରେ ଜଡ଼ିତ ଥିବା ରିଜର୍ଭ ବ୍ୟାଙ୍କର ବହୁ ମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମୟ ନଷ୍ଟ ହୋଇଥାଏ। ଜଣେ ଜାଗ୍ରତ ଓ ସଚେତନ ନାଗରିକ ଭାବରେ ଏ କ୍ଷେତ୍ରରେ ଆପଣଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଯେ ରହିଛି ତାହା ଭୁଲନ୍ତୁ ନାହିଁ।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ କଲୋନୀ,
ଦେଉଳସାହି, ତୁଳସୀପୁର, କଟକ
ମୋ: ୯୯୩୭୭୬୫୮୩୬୨

# ମୋ ପାଖରେ ମାଆ ଅଛି



ଡ. ମନୋରଞ୍ଜନ ପ୍ରଧାନ

'ମୋ ପାଖରେ ମାଆ ଅଛି' ବାକ୍ୟଟି ଅତ୍ୟନ୍ତ ପ୍ରେରଣାଦାୟୀ ଓ ଉତ୍ସାହପୂର୍ଣ୍ଣ। କିନ୍ତୁ ଏ ବାକ୍ୟର ଦୁଇଟି ଅର୍ଥ ଅଛି। ପ୍ରଥମ ଅର୍ଥଟି ସକାରାତ୍ମକ ଓ ଶକ୍ତି ସଞ୍ଚାରକାରୀ। କିନ୍ତୁ ଦ୍ୱିତୀୟଟି ଅହଙ୍କାର ଓ ଆତ୍ମଗର୍ବର ପ୍ରତିଫଳନ, ଯେଉଁଠି ନିଜର ଦାତାପଣିଆର ଦୁର୍ଗନ୍ଧ ବାରି ହୁଏ। ଆସନ୍ତୁ ଅର୍ଥ ଦ୍ୱୟକୁ ସରଳ ଭାବରେ ଫେଣେଇବା। ଯେତେବେଳେ ସନ୍ତାନଟିଏ (ପୁଅ ହେଉ ବା ଝିଅ) ଦୃଢ଼ତାର ସହ କହେ କି ମୋ ପାଖରେ ମାଆ ଅଛି। ଏହାର ଅର୍ଥ ମୋ ମାଆ ହେଉଛି ମୋର ଶକ୍ତି ଓ ସାମର୍ଥ୍ୟ। ଯେହେତୁ ସେ ମୋ ପାଖେ ପାଖେ ଅଛି, ତେଣୁ କୌଣସି ଦୁଷ୍ଟ ବା ଆସୁରିକ ଶକ୍ତି ମୋର କିଛି କରିପାରିବ ନାହିଁ। କାରଣ ତା'ର ପଣତକାନି ମୋ ପାଇଁ ସୁରକ୍ଷା ବଳୟ। ତା'ର ସ୍ନେହବୋଳା ହାତର ସ୍ପର୍ଶ ମୋ ପାଇଁ ସଞ୍ଜୀବନୀ। ସେ ମୋ ପାଖରେ ଥିବାଯାଏଁ ମୋର ମଙ୍ଗଳ ହିଁ ମଙ୍ଗଳ ହେବ। ଆଉ ତା'ର କଳ୍ପବୃକ୍ଷ ରୂପୀ ଛାୟାରେ ମୋର ସଂପୂର୍ଣ୍ଣ ପରିବାର ନିରାପଦ। ଏହି ଅର୍ଥରେ ମାଆ ସନ୍ତାନ ସନ୍ତତିମାନଙ୍କ ପାଇଁ ଶକ୍ତି, ଆତ୍ମବଳ, ସୁରକ୍ଷା ବଳୟ ଓ ଜୀବନ୍ତ ଦିବ୍ୟ ଜନନୀ ସ୍ୱରୂପା।

କିନ୍ତୁ ଏହି ବାକ୍ୟର ଦ୍ୱିତୀୟ ଅର୍ଥଟି ଅହଂକାରୀ ମନୋବୃତ୍ତିର ପରିପ୍ରକାଶ ବୋଲି କୁହାଯିବ। ଏ ଦୃଷ୍ଟିରୁ 'ମୋ ପାଖରେ ମାଆ ଅଛି'ର ଅର୍ଥ ହେଉଛି 'ମୁଁ ମାଆକୁ ରଖିଛି ବା ମୋ ପାଖରେ ମାଆ ରହୁଛି'। ଆହୁରି ସରଳ ଭାବରେ କହିଲେ ବୃଦ୍ଧ କାଳରେ ମୁଁ ମାଆକୁ ରଖିଛି। ଅନ୍ୟମାନେ (ଭାଇ/ଭଉଣୀମାନେ) ତାକୁ ରଖୁନାହାନ୍ତି, କିନ୍ତୁ ମୁଁ ରଖିଛି କିମ୍ବା କେତେବେଳେ ପରିବାରର ସଦସ୍ୟଙ୍କ ସମ୍ବନ୍ଧୀୟ ଅନ୍ୟର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଜାଣତରେ ବା ଅଜାଣତରେ କହୁ କି ସ୍ତ୍ରୀ ପିଲାଛୁଆଙ୍କ ସହ ମାଆ ମୋ ପାଖରେ ରହୁଛି ବା ମୁଁ ମାଆକୁ ରଖିଛି। ତେବେ ପ୍ରଶ୍ନ ହେଉଛି ଆମେ ମାଆକୁ ରଖିଛେ ନା ଆମେ ମାଆ ପାଖରେ ରହୁଛେ ନା ସେ ଆମକୁ ରଖିଛି? ମାଆ ସୁସ୍ଥ ଓ ସୁରକ୍ଷିତ ଭାବରେ ଆମକୁ ସଂସାରକୁ ଆଣି ନ ଥିଲେ ତାଙ୍କୁ ଆମେ ରଖିବାର ସୁଯୋଗ ପାଇଥାନ୍ତେ କି? ଆଜି ଆମେ ଯେଉଁ ରୋଜଗାର କରୁଛେ ଏବଂ ସେ ଟଙ୍କାରେ ମାଆଙ୍କୁ ରଖିଛେ ବୋଲି ପ୍ରତ୍ୟକ୍ଷ ବା ପରୋକ୍ଷରେ ଅହମିକା ପ୍ରଦର୍ଶନ କରୁଛେ, ସେ ରୋଜଗାର ମାଆଙ୍କ ଦାନ ନୁହେଁ କି? ମାଆ ସ୍ତନ୍ୟପାନ କରିନଥିଲେ ଆମେ ଏତେ ସ୍ୱାସ୍ଥ୍ୟବାନ୍ ହୋଇ ପାରିଥାନ୍ତେ କି? ଜନ୍ମ ପୂର୍ବରୁ ବା ପରେ ସେ ଯଦି ଆମକୁ ନିପାତ ପାଇଁ ସାମାନ୍ୟ ଚେଷ୍ଟା କରିଥାନ୍ତେ, ଆମେ ଏ ସ୍ଥିତିକୁ ଆସିଥାନ୍ତେ କି? ସୌନ୍ଦର୍ଯ୍ୟ ନାମରେ ସେ ଯଦି ସ୍ତନ୍ୟପାନ କରାଇ ନଥା'ନ୍ତେ, ଆମେ ରୁଗ୍ଣ ହୋଇ ଅଭିଶପ୍ତ ଜୀବନ ବିତାଇ ନଥା'ନ୍ତେ କି? ନିଜର ସୁଖ ଆନନ୍ଦ ଭୁଲି ଆମକୁ ବଡ଼ କରିନଥିଲେ, ଆମେ ଆଜି ଏଭଳି କହିବାକୁ ସାହସ କରନ୍ତେ କି? ଅର୍ଥାତ୍ ଆଜି ଆମେ ଯାହା ଅଛୁ, ସେଥିପାଇଁ ମାଆଙ୍କ ଅବଦାନ, ସମର୍ପଣ ଓ ବଳିଦାନ ବେଶି। ତେଣୁ 'ମୋ ପାଖରେ ମାଆ ରହୁଛି' ବା 'ମୁଁ ମାଆକୁ ରଖିଛି' ନ କହି ମୁଁ ମାଆ ପାଖରେ ରହୁଛି କହିଲେ ଅତ୍ୟନ୍ତ ଯୁକ୍ତିଯୁକ୍ତ, ଶିକ୍ଷଣୀୟ ଓ ଆତ୍ମ-ସନ୍ତୋଷଯୁକ୍ତ ହୋଇପାରନ୍ତା କି? ବିଚାର ଆପଣମାନଙ୍କର।



କିନ୍ତୁ ଆଜି ପରିସ୍ଥିତି ଅତ୍ୟନ୍ତ ପ୍ରତିକୂଳ। ବୃଦ୍ଧାବୃଦ୍ଧ ସମୟରେ ମା'ବାପା ଅତ୍ୟନ୍ତ ଅବହେଳିତ ଓ ପିଲାମାନଙ୍କର ଦୟା ତଥା କରୁଣାର ପାତ୍ର। ଅନେକ ସମୟରେ ସେମାନେ ନିର୍ଯାତିତ ବା ପ୍ରତ୍ୟାଖ୍ୟାତ। ଅନେକଙ୍କ ପାଇଁ ବୟୋବୃଦ୍ଧ ମା'ବାପା ଏକ ବୋଝ ବା ଅଲୋଡ଼ା। ଏ ସମ୍ବନ୍ଧରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରକାଶିତ ଗୋଟିଏ ହୃଦୟ ବିଦାରକ ସ୍ଥିରଚିତ୍ର ମନେପଡୁଛି। ଚିତ୍ରରେ ଦୁଇଟି ଦୃଶ୍ୟ ଦର୍ଶାଯାଇଛି। ପ୍ରଥମ ତଥା ଉପରି ଭାଗରେ ଥିବା ସ୍ଥିର ଚିତ୍ରରେ ମାଆ ଅଳ୍ପ ବୟସ୍କା ଓ ଦୁଇ ସନ୍ତାନ ଛୋଟ ଅଛନ୍ତି। ଉଭୟେ ମାଆକୁ ମୋ ମାଆ ବୋଲି ଦାବି କରୁଥିବାର ଦେଖାଯାଇଛି। କିନ୍ତୁ ଠିକ୍ ତା' ତଳେ ଯେଉଁ ସ୍ଥିର ଚିତ୍ର ଦିଆଯାଇଛି, ସେଥିରେ ମାଆକୁ ନେବାକୁ କେହି ରାଜି ନୁହନ୍ତି। କାରଣ ସେତେବେଳେ ମାଆ ବୃଦ୍ଧା ଏବଂ ପିଲାମାନେ କୈଶୋରାବସ୍ଥାରେ ପୁଣି ରୋଜଗାରିଆ। ଅର୍ଥାତ୍ ପିଲାବେଳେ ଆବଶ୍ୟକ ଥିବା ହେତୁ ମାଆ ଉଭୟଙ୍କର ପ୍ରିୟ, ତେଣୁ ଉଭୟଙ୍କ ଭିତରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା। କିନ୍ତୁ ପିଲାମାନଙ୍କ ଖୁସି ପାଇଁ ମାଆ ଯେତେବେଳେ ସର୍ବସ୍ୱ ତ୍ୟାଗ କରି ଦୁର୍ବଳ ବୃଦ୍ଧାବସ୍ଥାରେ ପଦାର୍ପଣ କରିଛନ୍ତି, ସେତେବେଳେ ସେ ସମସ୍ତଙ୍କ ପାଇଁ ଅଲୋଡ଼ା, ଅଦରକାରୀ ଓ ବୋଝ ପାଲଟିଯାଉଛି। କିନ୍ତୁ ଆମେ ସମସ୍ତେ ଅନୁଭବ କରିବା ଉଚିତ୍ ଯେ, ମାଆ ସବୁବେଳେ ସନ୍ତାନର ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ ହୋଇଥାଏ। ରୋଗଶଯ୍ୟାରେ ଶୋଇଥିଲେ ବି ସେ ସନ୍ତାନର ମଙ୍ଗଳ କାମନା କରେ। ଏପରିକି ଆମ ସଂସ୍କୃତି ଅନୁସାରେ ଶରୀର ତ୍ୟାଗ ପରେ ମଧ୍ୟ ମାଆ ସନ୍ତାନମାନଙ୍କୁ ନିଜ ସୁରକ୍ଷା ବଳୟରେ ରଖିଥାଏ। ତେବେ ଆପଣମାନେ ବିଚାର କରନ୍ତୁ, ଆପଣଙ୍କ ପାଖରେ ମାଆ ରହୁଛି ନା ଆପଣ ମାଆଙ୍କ ପାଖରେ ରହୁଛନ୍ତି! ଆପଣ ମାଆକୁ ରଖିଛନ୍ତି ନା ମାଆ ପାଇଁ ଆପଣ ରହିଛନ୍ତି! ବୃଦ୍ଧ କାଳରେ ମାଆ ବାପାଙ୍କୁ ଅନାଦର କରିବା ମହାପାପ। ସେମାନଙ୍କୁ ଯଥେଷ୍ଟ ସ୍ନେହ ସମ୍ମାନ କରିବା ସମସ୍ତ ସନ୍ତାନ ସନ୍ତତିଙ୍କ ଐଶ୍ୱରୀୟ କାର୍ଯ୍ୟ। ସେଥିପାଇଁ କୁହାଯାଇଛି 'କିଆଁ ପୂଜିବି ପଥର କିଆଁ ଯିବି ମୁଁ ମନ୍ଦିର, ମୋ ପାଇଁ ମୋ ମାଆବାପା ଚଳନ୍ତି ଠାକୁର'।

ସହକାରୀ ପ୍ରଫେସର, ବିକ୍ରମଦେବ
ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ: ୯୪୩୭୯୧୪୮୧୮

## ଏଇ ଭାରତରେ

ସମୟ ଥିଲା ମହିଳାମାନେ ଘରକାମରୁ ସମୟ ବାହାର କରି ସୂତା କିମ୍ବା ଉଲ୍‌ରେ ହାତବୁଣା ସ୍ୱେଟର, ମଫ୍‌ଲର, କିମ୍ବା ଆକର୍ଷଣୀୟ ଘରସଜ୍ଜା ଜିନିଷ ତିଆରି କରୁଥିଲେ। କାଳକ୍ରମେ ତାହା ପ୍ରାୟତଃ ଲୋପ ପାଇ ଯାଇଥିବାବେଳେ କେତେକ ଅଞ୍ଚଳରେ ଏହି କାମ ମହିଳାମାନେ ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରେ ମୁମ୍ବାଇର ହିନା ପଟେଲ ଅନ୍ୟତମ, ଯିଏ ହାତ ତିଆରି ଜିନିଷ ପ୍ରସ୍ତୁତ କରି ତାହାକୁ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ଆଣିବାରେ ସକ୍ଷମ ହୋଇଛନ୍ତି। ସେ ସୂତା, ଉଲ୍‌ର ପୋଷାକ ତିଆରି କରି ତାଙ୍କ ବ୍ୟବସାୟିକ କାରବାରକୁ ୮.୫ କୋଟି ଟଙ୍କାରେ ପହଞ୍ଚାଇ ପାରିଛନ୍ତି। ପ୍ରଥମେ ସେ ଏହି ବ୍ୟବସାୟରେ ୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ହିନା ହାତବୁଣା କାର୍ଯ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ହିନାଙ୍କ ଦ୍ୱାରା ପ୍ରସ୍ତୁତ 'ମ୍ୟାଜିକ ନିଡଲ' ବ୍ରାଣ୍ଡର ଜିନିଷ ୩୫ଟି ଦେଶରେ ଆଦୃତିଲାଭ କରିପାରିଛି। ୨୦୧୩ରେ ହିନା ଗର୍ଭବତୀ ଥିବା ସମୟରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଏହାକୁ ବଢ଼ାଇବା ଲାଗି ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପରେ ୨୦୨୨ରେ ସେ ପ୍ରଥମେ ହବି ନାମକ ଷ୍ଟୋର ଆରମ୍ଭ କରି ଜିନିଷ ବିକ୍ରି କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୭୬

- କାମ୍ବୋଡିଆର ରାଷ୍ଟ୍ରମୁଖ୍ୟ ଯୁବରାଜ ନରୋତ୍ତମ ସିହାନୁକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ପରିବାର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଅସ୍ତ୍ରୋପଚାରିତ ହେଉଥିବା ବ୍ୟକ୍ତିଙ୍କୁ ମାଗଣା ବାସଗୃହ ଯୋଗାଇବା ନେଇ କେନ୍ଦ୍ରୀୟ ଯୋଜନା ଉଦ୍‌ଘାଟିତ।
- ଆସାମର ତଳ ଅଞ୍ଚଳ ଦକ୍ଷିଣ ସାଲମରାରେ ଡିଙ୍କିଲାମ ନଦୀରେ ଏକ ଯାତ୍ରୀବାହୀ ବସ୍ ଓଲଟିପଡ଼ିବା ଫଳରେ ୫୦ ଜଣଙ୍କ ମୃତ୍ୟୁ।

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶାରେ ରାମାୟଣର ସ୍ମୃତିକୁ ଗୁରୁତ୍ୱ ଦିଆଯାଉନାହିଁ

ମହାଶୟ,

ବନବାସ କାଳରେ ଉତ୍ତର ଭାରତରୁ ଦକ୍ଷିଣ ଭାରତ ଆଡ଼କୁ ଯିବା ସମୟରେ ଶ୍ରୀରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ବର୍ତ୍ତମାନର ଓଡ଼ିଶାର ଅନେକ ସ୍ଥାନ ଭ୍ରମଣ କରିଥିବା ବଳରାମ ଦାସଙ୍କ ରାମାୟଣରେ ସୂଚନା ଅଛି। କେନ୍ଦୁଝର ଜିଲାର ମନୋହରପୁର ପଞ୍ଚାୟତ ଅନ୍ତର୍ଗତ ସୀତାବିଞ୍ଝ ଗାଁରେ ମହର୍ଷି ବାଲ୍ମୀକିଙ୍କର ଆଶ୍ରମ ଥିଲା। ଏହି ଆଶ୍ରମରେ ସୀତା ତାଙ୍କର ଯାଆଁଳା ସନ୍ତାନ ଲବ ଓ କୁଶଙ୍କୁ ଜନ୍ମ ଦେଇଥିଲେ। ଏହି ସୀତାବିଞ୍ଝର ଯେଉଁ ଗୁମ୍ଫାରେ ଲବକୁଶ ଜନ୍ମ ହୋଇଥିଲେ ତାହାକୁ ଶହ ଶହ ବର୍ଷ ଧରି ସ୍ଥାନୀୟ ଲୋକେ ତୀର୍ଥକ୍ଷେତ୍ର ଭାବେ ଗ୍ରହଣ କରିନେଇଛନ୍ତି । ପୁରାଣର କଥାବସ୍ତୁ ଅନୁଯାୟୀ ରାମ, ଲକ୍ଷ୍ମଣ, ଜାନକୀ ଚିତ୍ରୋତ୍ପଳା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ପ୍ରାଚୀ, ଋଷିକୁଲ୍ୟା ଆଦି ବିଭିନ୍ନ ନଦୀରେ ସ୍ନାନ କରିଛନ୍ତି। ଯାଜପୁରର ବିରଜାକ୍ଷେତ୍ର, ଚନ୍ଦ୍ରଭାଗାର ଅର୍କକ୍ଷେତ୍ର, ପ୍ରାଚୀ ନଦୀର ରାମଘାଟ, କୋଣାର୍କ ପୁରୀ ବେଳାଭୂମିର ରାମଚଣ୍ଡୀ, ରାମେଶ୍ୱର, ବେଲେଶ୍ୱର, ଲକ୍ଷ୍ମଣଚଣ୍ଡୀ ଆଦିଙ୍କ ସହିତ ସେମାନଙ୍କ ବନବାସର ମଧ୍ୟ ସମ୍ପର୍କ ରହିଛି। ଭୁବନେଶ୍ୱରର ବିନ୍ଦୁ ସରୋବରରେ ଏମାନେ ସ୍ନାନ କରିଥିବା ଓ ଏକାମ୍ରକ୍ଷେତ୍ରରେ ସୀତାମଠ ସ୍ଥାପନ ବି ଓଡ଼ିଶା ସହ ରାମାୟଣର ସ୍ମୃତିକୁ ଦର୍ଶାଏ। ଏଠାରେ ଥିବା ରାମେଶ୍ୱର, ଲକ୍ଷ୍ମଣେଶ୍ୱର ଓ ଭରତେଶ୍ୱର ମନ୍ଦିରର ପୁରାଣ ଯୁଗ ସହ ସମ୍ପର୍କ ରହିଥିବା କୁହାଯାଏ। ଶ୍ରୀକ୍ଷେତ୍ର ପୁରୀ ସହିତ ବି ଶ୍ରୀରାମଚନ୍ଦ୍ରଙ୍କ ସମ୍ପର୍କ ଜଡ଼ିତ। ଏଗୁଡ଼ିକ ଛଡ଼ା ଓଡ଼ିଶାରେ ରାମାୟଣର ସ୍ମୃତି ବହନ କରୁଥିବା ଆଉ ଅନେକ ସ୍ଥାନ ରହିଛି। ରାମ ଭକ୍ତମାନେ କହୁଛନ୍ତି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଦେଶର ଅନ୍ୟ ସ୍ମାରକୀ ସ୍ଥଳୀଗୁଡ଼ିକୁ ଯେଉଁଭଳି ଗୁରୁତ୍ୱ ଦିଆଗଲା ଓଡ଼ିଶାକୁ କିନ୍ତୁ ତାହା ମିଳିପାରିଲା ନାହିଁ।

**- ଇନ୍ଦୁ ଭୂଷଣ ଭୂୟାଁ,** ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

## ଚିରନ୍ତନୀ

ସ୍କନ୍ଧେ କର ଭିଡ଼ି ନିବିଡ଼େ
ତନୁରେ ତନୁ ବଜାଇ ଧୀରେ
ନ ଚାହିଁ ଫେରି ଯା'ନ୍ତି ଚଳି
କାନନ ପଥ ଛୁଇଁ,
ଜୀବିତ କରି ନିଦାଘ ବନଭୂଇଁ!
(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମଣିପୁର ବିବାଦର ସମାଧାନ ପାଇଁ ମେଇତି-କୁକି ଗୋଷ୍ଠୀ ସହ କେନ୍ଦ୍ରର ଆଲୋଚନା

ନୂଆଦିଲ୍ଲୀ,୫।୪(ପି.ଟି.)

ମଣିପୁର ବିବାଦର ସମାଧାନ କରି ସ୍ଥାୟୀ ଶାନ୍ତି ଆଣିବାର ଉଦ୍ୟମ ସ୍ୱରୂପ କେନ୍ଦ୍ର ସରକାର ଶନିବାର ମେଇତି ଏବଂ କୁକି ସମ୍ପ୍ରଦାୟର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ୨୦୨୩ ମେ'ରୁ ୨ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଏହାର ସମାଧାନର ସୂତ୍ର ବାହାର କରିବା ପାଇଁ କେନ୍ଦ୍ରର ଉଦ୍ୟମ କ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ମେଇତି ଏବଂ କୁକିଙ୍କ ମଧ୍ୟରେ ବିଶ୍ୱାସ ଏବଂ ସହଯୋଗ ବଢ଼ାଇବା ସହିତ ମଣିପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇଆଣିବା ପାଇଁ ଦିଶାନିର୍ଦ୍ଦେଶ ବାହାର କରିବା ବୈଠକର ଉଦ୍ଦେଶ୍ୟ। ମେଇତିର ୬ ଜଣିଆ ପ୍ରତିନିଧିଙ୍କ ମଧ୍ୟରେ ଅଲ୍ ମଣିପୁର ୟୁନାଇଟେଡ୍ କ୍ଲବ୍ସ ଅର୍ଗାନାଇଜେଶନ (ଏଏମ୍ୟୁସିଓ) ଏବଂ ଫେଡେରେଶନ ଅଫ୍ ସିଭିଲ୍ ସୋସାଇଟି ଅର୍ଗାନାଇଜେଶନ (ଏଫ୍ଓସିଏସ୍)ର ପ୍ରତିନିଧି ରହିଥିବାବେଳେ କୁକି ତରଫରୁ ୯ ଜଣ ପ୍ରତିନିଧି ବୈଠକରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ତରଫରୁ ଗୋଇନ୍ଦା ବ୍ୟୁରୋର ଅବସରପ୍ରାପ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏ.କେ. ମିଶ୍ରାଙ୍କ ସମେତ ଅନ୍ୟ ମଧ୍ୟସ୍ଥମାନେ ଉପସ୍ଥିତ ଥିଲେ। ପୂର୍ବରୁ ମେଇତି ଏବଂ କୁକି ସମ୍ପ୍ରଦାୟର ନେତାମାନଙ୍କ ସହ ଅଲଗା ଅଲଗା ଆଲୋଚନା ହୋଇଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ମିଳିତ ବୈଠକ ଡାକିବ ବୋଲି ଗତ ଗୁରୁବାର ବିଭାଗୀୟ ମନ୍ତ୍ରୀ ଅମିତ୍ ଶାହା ଲୋକ ସଭାରେ କହିଥିଲେ।

### ୱାକ୍‌ଫ ବିଲ୍‌କୁ ସୁପ୍ରିମକୋର୍ଟରେ ଆପ୍ ବିଧାୟକ, ଏନ୍‌ଜିଓର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୫।୪

ୱାକ୍‌ଫ ସଂଶୋଧନ ବିଲ୍‌କୁ ଶୁକ୍ରବାର କଂଗ୍ରେସ ଏବଂ ଏଆଇଏମ୍ଆଇଏମ୍ ନେତା ଅସାଦୁଦ୍ଦିନ ଓ୍ୱାଇସି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ଅମାନତୁଲ୍ଲା ଖାନ୍ ବିବାଦୀୟ ବିଲ୍‌କୁ ବିରୋଧ କରି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏନ୍‌ଜିଓ ଆସୋସିଏଶନ ଫର୍ ଦି ପ୍ରୋଟେକ୍‌ଶନ ଅଫ୍ ସିଭିଲ୍ ରାଇଟ୍ସ (ଏପିସିଆର୍) ମଧ୍ୟ ବିଲ୍‌ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛି।

୧୯୯୫ର ୱାକ୍‌ଫ ସମ୍ପତ୍ତି ପରିଚାଳନା ଆଇନରେ ସଂଶୋଧନ ପାଇଁ ଅଣାଯାଇଥିବା ବିଲ୍‌କୁ ନେଇ ବିରୋଧୀ ଦଳଗୁଡ଼ିକ ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରସ୍ତାବିତ ଆଇନ ମୁସଲମାନଙ୍କ ପ୍ରତି ପକ୍ଷପାତ ଏବଂ ସେମାନଙ୍କୁ ଟାର୍ଗେଟ କରାଯାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି। ସରକାରଙ୍କ ହସ୍ତକ୍ଷେପ ଦ୍ୱାରା ଧର୍ମୀୟ ଏବଂ ଦାତବ୍ୟ ଅନୁଷ୍ଠାନ ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ଦୁର୍ବଳ ହେବ ବୋଲି ଆପ୍ ବିଧାୟକ ପିଟିଶନ୍‌ରେ ଦର୍ଶାଇଛନ୍ତି। ଉକ୍ତ ବିଲ୍ ସମ୍ବିଧାନର ଅନୁଚ୍ଛେଦ ୧୪, ୨୫, ୨୬ ଏବଂ ୩୦୦ଏ'ର ସିଧାସଳଖ ଉଲ୍ଲଂଘନ କରିବା ସହ ପ୍ରସ୍ତାବନା ମୂଲ୍ୟବୋଧର ଉଲ୍ଲଂଘନ ବୋଲି ଏନ୍‌ଜିଓ କହିଛି। ଏନ୍‌ଜିଓ ପକ୍ଷରୁ ଆଦିଲ ଅହମଦ ଉକ୍ତ ପିଟିଶନ ଦାଏର କରିଛନ୍ତି।


### ଦକ୍ଷିଣ କୋରିଆ ରାଷ୍ଟ୍ରପତି ବହିଷ୍କୃତ


ୟୁନ୍ ସୁକ୍ ୟେଓଲ

ସିଓଲ,୫।୪

ଦକ୍ଷିଣ କୋରିଆର ସାମ୍ବିଧାନିକ ଅଦାଲତ ଦେଶର ରାଷ୍ଟ୍ରପତି ପଦରୁ ୟୁନ୍ ସୁକ୍ ୟେଓଲଙ୍କୁ ଶୁକ୍ରବାର ବହିଷ୍କାର କରିଛନ୍ତି। ତାଙ୍କ ରାଷ୍ଟ୍ରପତିତ୍ୱ କାର୍ଯ୍ୟକାଳ ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ନିର୍ବାଚନ ହେବାକୁ ଯାଉଛି। ୪ ମାସ ପୂର୍ବରୁ ଦେଶରେ ସାମରିକ ଅଇନ ଘୋଷଣା କରିବାରୁ ୟୁନ୍‌ଙ୍କ ବିରୋଧରେ ବିରୋଧୀ ଦଳ ମହାଭିଯୋଗ ପ୍ରସ୍ତାବ ଗୃହୀତ କରାଇଥିଲା। ଫଳରେ ତାଙ୍କ ହାତରୁ କ୍ଷମତା କାଢ଼ିନିଆଯାଇଥିଲା। ସାମ୍ବିଧାନିକ ଅଦାଲତର ୮ ଜଣିଆ ବେଞ୍ଚ ୟୁନ୍‌ଙ୍କ ଇମ୍ପିଚ୍‌ମେଣ୍ଟକୁ କାଏମ୍ ରଖିଥିବା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମୁନ୍ ହ୍ୟୁଙ୍ଗ୍-ବାଏ ରାୟ ଘୋଷଣା କରିଛନ୍ତି। ଦେଶରେ ସାମରିକ ଶାସନ ଲାଗୁକରି ୟୁନ୍ ସମ୍ବିଧାନ ଏବଂ ଅନ୍ୟାନ୍ୟ ଆଇନର ଗୁରୁତର ଉଲ୍ଲଂଘନ କରିଥିବା ଅଦାଲତ କହିଛନ୍ତି।

## ଟ୍ରମ୍ପ୍ ମସ୍କ





# ହ୍ୟାଣ୍ଡସ ଅଫ୍

### ଆମେରିକାର ୫୦ ରାଜ୍ୟ, ଅନ୍ୟ ୬ ଦେଶରେ ମୁଣ୍ଡ ଟେକିଲା ବିଶାଳ ବିକ୍ଷୋଭ

ୱାଶିଂଟନ୍,୫।୪

୨୦୨୫ ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରଠୁ ତାଙ୍କ ପ୍ରଶାସନ ଅନେକ ବିବାଦୀୟ ନୀତି ଆପଣାଇଛି। ଏହି ନିଷ୍ପତ୍ତିଗୁଡ଼ିକ ଯୋଗୁ ଆମେରିକୀୟମାନେ ବହୁଳ ପ୍ରଭାବିତ ହୋଇଥିବା ଦର୍ଶାଇ ବିରୋଧରେ ରାଷ୍ଟ୍ରପତି ଟ୍ରମ୍ପ୍ ଏବଂ ବିବାଦୀୟ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମୁଖ୍ୟ ଏଲନ୍ ମସ୍କଙ୍କ ଉଦ୍ଦେଶ୍ୟରେ ଦେଶବ୍ୟାପୀ 'ହ୍ୟାଣ୍ଡସ ଅଫ୍' ଆନ୍ଦୋଳନ ଚଳାଇଛନ୍ତି। ବିଶେଷକରି ଏପ୍ରିଲ ୫ ଶନିବାର ପୂର୍ବାହ୍ନ ୧୧ଟାରୁ ଏହାକୁ ୫୦ ରାଜ୍ୟରେ ବ୍ୟାପକ କରାଯାଇଛି। ସବୁ କଥାରେ ସରକାରୀ ହସ୍ତକ୍ଷେପକୁ ରୋକିବା ପାଇଁ ସେମାନେ ସ୍ଲୋଗାନ ଦେଉଛନ୍ତି 'ହ୍ୟାଣ୍ଡସ ଅଫ୍'। ଆମେରିକାର ବିଭିନ୍ନ ସହର ଓ ଅନ୍ୟ ୬ ଦେଶରେ ଏକକାଳୀନ ୧,୨୦୦ ବିକ୍ଷୋଭର ଆୟୋଜନ କରାଯାଇଛି। ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଏହା ହେଉଛି ତାଙ୍କ ବିରୋଧରେ ଗୋଟିଏ ଦିନରେ ସବୁଠୁ ବଡ଼ ବିକ୍ଷୋଭ।

ଟ୍ରମ୍ପ୍ ପ୍ରଶାସନର ପଦକ୍ଷେପ ଯୋଗୁ ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ସେହିପରି ଅନେକ କ୍ଷେତ୍ରରେ ମାନବାଧିକାର ମଧ୍ୟ ଉଲ୍ଲଂଘନ ହେଉଛି। ଏହାର ପ୍ରତିବାଦରେ ହ୍ୟାଣ୍ଡସ ଅଫ୍ ବିକ୍ଷୋଭ ଆୟୋଜିତ ହୋଇଛି। ରାଷ୍ଟ୍ରପତିଙ୍କ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଯୋଗୁ ପ୍ରଭାବିତ ହୋଇଥିବା ଆମେରିକାର ସାମ୍ପ୍ରତିକ ବହିର୍ବ୍ୟାପାର ଏବଂ ଘରୋଇ ନୀତିବିରୋଧରେ ଟ୍ରମ୍ପ୍‌ଙ୍କ ବିରୋଧୀମାନଙ୍କୁ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନୀତି ବିରୋଧରେ ନ୍ୟୁୟର୍କ ସିଟିରେ ବିକ୍ଷୋଭ।

ନିଜ ନିଜ ଅସନ୍ତୋଷ ବ୍ୟକ୍ତ କରିବାକୁ ଏହା ଏକ ସୁଯୋଗ ଦେଇଛି। ଏହା ଏକ ବିଶାଳ ବିକ୍ଷୋଭ, ଯାହାକି ମସ୍କ ଓ ଟ୍ରମ୍ପ୍‌ଙ୍କୁ ସେମାନଙ୍କ ନୀତିଗୁଡ଼ିକର ପୁନର୍ବିଚାର ପାଇଁ ବାଧ କରିବ ବୋଲି ମନେକରାଯାଉଛି।




#### ବିକ୍ଷୋଭ ଶୋଭାଯାତ୍ରା

ୱାଶିଂଟନ୍ ଡିସି, ନ୍ୟୁୟର୍କ, ଲସ୍‌ଏଞ୍ଜେଲ୍ସ, ଆଟଲାଣ୍ଟା, ଶିକାଗୋ ସମେତ ମାସାଚ୍ୟୁସେଟ୍ସ, ଫ୍ଲୋରିଡା ଓ ଅନ୍ୟ ଇଷ୍ଟ୍ କୋଷ୍ଟ ରାଜ୍ୟର ସହରଗୁଡ଼ିକରେ ସମନ୍ୱିତ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଲଣ୍ଡନ, ବର୍ଲିନ୍, ଟରଣ୍ଟୋ ଓ ମେକ୍ସିକୋ ସିଟିରେ ମଧ୍ୟ ଏହା ସମର୍ଥନରେ ଅନ୍ତର୍ଜାତୀୟ ସ୍ତରର ରାଲି କରାଯାଇଛି।

#### 'ହ୍ୟାଣ୍ଡସ ଅଫ୍' ପଛରେ କିଏ

ଏହି ବିଶାଳ ବିକ୍ଷୋଭ ପଛରେ ପ୍ରଗତିଶୀଳ ଗୋଷ୍ଠୀଗୁଡ଼ିକର ଏକ ମେଣ୍ଟ ବଡ଼ ଭୂମିକା ନେଇଛି। ଏଥିରେ ପ୍ଲାନ୍‌ଡ ପ୍ୟାରେଣ୍ଟହୁଡ୍ ଆକ୍ସନ, ଦି ୫୦୫୦୧ ମୁଭ୍‌ମେଣ୍ଟ, ୱିମେନ୍ସ ମାର୍ଚ୍ଚ ଭଳି ମହିଳା ସଂଗଠନ, ଜଳବାୟୁ କର୍ମୀ ଓ ପରିବେଶବିତ୍, ଏଲ୍‌ଜିବିଟିକ୍ୟୁ ଅଧିକାର ଗୋଷ୍ଠୀ, ପାଲେଷ୍ଟାଇନ୍ ସପକ୍ଷବାଦୀ ଆକ୍ଟିଭିଷ୍ଟ, ଲେବର ୟୁନିୟନ୍, ଗଣତନ୍ତ୍ର ସପକ୍ଷବାଦୀ ଓ ଏକଚ୍ଛତ୍ରବାଦୀ ବିରୋଧୀ ଗ୍ରୁପ୍ ରହିଛନ୍ତି। ଏହାକୁ ମ୍ୟୁଜିସିଆନ୍, ଅଭିନେତ୍ରୀ-ଅଭିନେତା, ବିଶିଷ୍ଟ ବ୍ୟକ୍ତିମାନଙ୍କ ସମର୍ଥନ ମିଳିଛି। ରାସ୍ତାକୁ ଓହ୍ଲାଇଥିବା ବିକ୍ଷୋଭକାରୀମାନେ 'ହ୍ୟାଣ୍ଡସ ଅଫ୍ ଆୱାର ଗଭର୍ନମେଣ୍ଟ, ହ୍ୟାଣ୍ଡସ ଅଫ୍ ଆୱାର କନ୍‌ଷ୍ଟିଚ୍ୟୁଶନ୍' ସ୍ଲୋଗାନ ଦେଇଛନ୍ତି। ଲୋକଙ୍କ ବ୍ୟକ୍ତିଗତ ତଥ୍ୟକୁ ନେଇ ପ୍ରସ୍ତୁତ ଡେଟାବେସ୍, ସାମାଜିକ ସୁରକ୍ଷା ଆଦିରେ ଏଲନ୍ ମସ୍କଙ୍କ ହସ୍ତକ୍ଷେପ ଅତ୍ୟନ୍ତ ଚିନ୍ତାଜନକ ବୋଲି ବିକ୍ଷୋଭର ଜଣେ ଆୟୋଜନକାରୀ କେଟ୍ ମେରିଙ୍ଗ-ଓ'ଟୁଲେ କହିଛନ୍ତି।

#### କାହିଁକି ମୁଣ୍ଡ ଟେକିଲା

ଟ୍ରମ୍ପ୍ ପ୍ରଶାସନର ଅନେକ ନିଷ୍ପତ୍ତିକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଚଳିତ ବର୍ଷ ସ୍ୱାକ୍ଷରିତ ଏକ ଜାତୀୟ ଗର୍ଭପାତ ନିରୋଧୀ ଆଇନ, ସଂଘୀୟ ସଂସ୍ଥାଗୁଡ଼ିକରେ କର୍ମଚାରୀ ଛଟେଇ ଓ ସଂସ୍କାର, ଉଚ୍ଚ ଟାରିଫ୍ ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ଷ୍ଟକ୍ ମାର୍କେଟ କ୍ରାସ୍, ଗୁରୁତ୍ୱପୂର୍ଣ୍ଣ ସୁଇଙ୍ଗ୍ ଷ୍ଟେଟ୍‌ଗୁଡ଼ିକରେ ମତଦାତା ଦମନ ଅଭିଯୋଗ ଆଦିକୁ ନେଇ ଏହି ଆନ୍ଦୋଳନ ମୁଣ୍ଡ ଟେକିଛି।

## ସ୍ତ୍ରୀଙ୍କ ମୁଣ୍ଡକୁ ହାତୁଡ଼ିରେ ଛେଚି ହତ୍ୟା


ନୁରୁଲ୍ଲା ହାଇଦର ଓ ସ୍ତ୍ରୀ ଅସମା ଖାନ୍

ନୋଏଡ଼ା,୫।୪

ନୋଏଡ଼ାର ସେକ୍ଟର ୧୫ ଅଞ୍ଚଳରେ ଜଣେ ୫୫ ବର୍ଷୀୟ ବ୍ୟକ୍ତି ସ୍ତ୍ରୀଙ୍କର ପରକୀୟା ପ୍ରୀତି ଥିବା ସନ୍ଦେହ କରି ତାଙ୍କ ମୁଣ୍ଡକୁ ହାତୁଡ଼ିରେ ଛେଚି ହତ୍ୟା କରିଛନ୍ତି। ପୋଲିସ କହିବା ଅନୁଯାୟୀ, ଶୁକ୍ରବାର ନୁରୁଲ୍ଲା ହାଇଦରଙ୍କର ସ୍ତ୍ରୀ ଅସମା ଖାନ୍(୪୨)ଙ୍କ ସହ ବଚସା ହୋଇଥିଲା। ଉତ୍ତ୍ୟକ୍ତ ହାଇଦର ଏକ ହାତୁଡ଼ିରେ ଅସମାଙ୍କ ମୁଣ୍ଡକୁ ପିଟିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଅସମା ଜଣେ ସଫ୍ଟୱେର ଇଞ୍ଜିନିୟର ହୋଇଥିବାବେଳେ ସେ ସେକ୍ଟର ୬୨ରେ ଥିବା ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଅଭିଯୁକ୍ତ ହାଇଦରଙ୍କ ଘର

#### ପରକୀୟା ପ୍ରୀତି ସନ୍ଦେହ

ବିହାର ହୋଇଥିବାବେଳେ ସେ ମଧ୍ୟ ଜଣେ ଇଞ୍ଜିନିୟର ଥିଲେ। କିଛିଦିନ ତଳେ ତାଙ୍କର ଚାକିରି ଚାଲିଯାଇଥିଲା। ଉଭୟ ୨୦୦୫ରେ ବିବାହ କରିଥିବାବେଳେ ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଛି। ହତ୍ୟାକାଣ୍ଡ ସମ୍ପର୍କରେ ପୁଅ ୧୧୨କୁ ଡାଏଲ୍ କରି ପୋଲିସକୁ ଜଣାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଥିବା ଡିସିପି ରାମ୍ବାଦାନ ସିଂ କହିଛନ୍ତି।

## ହୃତ୍‌ପିଣ୍ଡ ସର୍ଜରି ବେଳେ ୭ ରୋଗୀଙ୍କୁ ମାରିଦେଲେ ନକଲି ଡାକ୍ତର

ଦମୋହ,୫।୪

ମଧ୍ୟପ୍ରଦେଶର ଦମୋହ ସହରର ଏକ ଘରୋଇ ମିଶନାରି ହସ୍ପିଟାଲରେ ଜଣେ ନକଲି ଡାକ୍ତର ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ବେଳେ ଅନ୍ୟୁନ ୭ ଜଣ ରୋଗୀଙ୍କୁ ମାରିଦେଇଥିବା ଅଭିଯୋଗ ହୋଇଛି। ଜିଲା ଅଧିକାରୀ ଅଭିଯୋଗର ତଦନ୍ତ ଚଳାଇଛନ୍ତି। ମାସେ ମଧ୍ୟରେ ଉକ୍ତ ହସ୍ପିଟାଲରେ ୭ ଜଣଙ୍କ ମୃତ୍ୟୁ ଘଟିବା ଉକ୍ତ ଅଞ୍ଚଳରେ ଚିନ୍ତା ବଢ଼ାଇଦେଇଛି। ଏନ୍. ଜନ୍ କେମ୍ ନାମକ ବ୍ୟକ୍ତି ନିଜକୁ ଖ୍ୟାତନାମା ବ୍ରିଟିଶ ହୃଦ୍‌ରୋଗ ବିଶେଷଜ୍ଞ ପରିଚୟ ଦେଇ ଉକ୍ତ ହସ୍ପିଟାଲରେ ରୋଗୀଙ୍କ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରୁଥିଲେ। ପରବର୍ତ୍ତୀ ସମୟରେ ରୋଗୀଙ୍କର ମୃତ୍ୟୁ ଘଟିଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କ ପ୍ରକୃତ ନାମ ନରେନ୍ଦ୍ର ବିକ୍ରମାଦିତ୍ୟ ଯାଦବ ବୋଲି ଜଣାପଡ଼ିଛି। ସରକାରୀ ଭାବେ ରୋଗୀଙ୍କ ମୃତ୍ୟୁସଂଖ୍ୟା ୭, କିନ୍ତୁ ପ୍ରକୃତ ମୃତ୍ୟୁ ଏହାଠାରୁ ଅଧିକ ବୋଲି ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ତଥା ଆଇନଜୀବୀ ଦୀପକ ତିୱାରୀ କହିଛନ୍ତି। ସେ ପୂର୍ବରୁ ଦମୋହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟ କେତେଜଣ ରୋଗୀଙ୍କ ଅଭିଯୋଗ ପରେ ଡାକ୍ତର ଜଣକ ନକଲି ବୋଲି ଜଣାପଡ଼ିଥିଲା। ପ୍ରକୃତ ଡାକ୍ତର ବ୍ରିଟେନରେ ଥିବାବେଳେ ନରେନ୍ଦ୍ର ଏଠାରେ ନିଜକୁ ଡାକ୍ତର ପରିଚୟ ଦେଇ ଚିକିତ୍ସା ଚଳାଇଥିଲେ।


କାତାରର ଲୁସାଇଲ୍ ସ୍କାଏ ଫେଷ୍ଟିଭାଲରେ ନୃତ୍ୟ ପରିବେଶଣ କରୁଛନ୍ତି କଳାକାର।


## ଭାରତ-ଶ୍ରୀଲଙ୍କା ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ

### ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ

କଲମ୍ବୋ,୫।୪(ପି.ଟି.)

ପ୍ରଥମ ଥର ପାଇଁ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଶନିବାର ପ୍ରତିରକ୍ଷା ସହଯୋଗ ଚୁକ୍ତିନାମା ସମେତ ମୋଟ ୫ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଶ୍ରୀଲଙ୍କା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେବା ସହ ଉଭୟ ରାଷ୍ଟ୍ରର ସୁରକ୍ଷା ପରସ୍ପର ସହ ସଂଯୁକ୍ତ ଓ ନିର୍ଭରଶୀଳ ବୋଲି ଏହି ଅବସରରେ କହିଛନ୍ତି। ଶ୍ରୀଲଙ୍କାରେ ଭାରତୀୟ ଶାନ୍ତିରକ୍ଷା ବାହିନୀର ହସ୍ତକ୍ଷେପର ପାଖାପାଖି ୪ ଦଶନ୍ଧି ପରେ ରଣନୀତିକ ସମ୍ପର୍କ ବଢ଼ାଇବା ପାଇଁ ପ୍ରତିରକ୍ଷା ଚୁକ୍ତିନାମା ଏକ ବଡ଼ ପଦକ୍ଷେପ। ସେହିପରି ତ୍ରିଙ୍କୋମାଲିକୁ ଶକ୍ତି ହବ୍‌ରେ ପରିଣତ କରିବା ପାଇଁ ଦୁଇ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉଭୟନେତା ମିଳିତ ଭାବେ ସାମ୍ପୁର ସୌରଶକ୍ତି ପ୍ରକଳ୍ପକୁ ଭର୍ଚୁଆଲି ଉଦ୍‌ଘାଟନ କରିଥିଲେ। ଗ୍ରୀଡ୍ ଇଣ୍ଟରକନେକ୍ସନ ଚୁକ୍ତିନାମା ଦ୍ୱାରା ଶ୍ରୀଲଙ୍କା ବିଦ୍ୟୁତ୍ ରପ୍ତାନି କରିପାରିବ।

ଭାରତର ସ୍ୱାର୍ଥ ପ୍ରତି ରାଷ୍ଟ୍ରପତି ଦିସାନାୟକେଙ୍କ ସମ୍ବେଦନଶୀଳତା ପାଇଁ କୃତଜ୍ଞତା ଜଣାଉଛି ବୋଲି ମୋଦି କହିଛନ୍ତି। ଶ୍ରୀଲଙ୍କା ଏହାର ଭୂଖଣ୍ଡକୁ ଭାରତର ସୁରକ୍ଷାଗତ ସ୍ୱାର୍ଥ ପ୍ରତି କ୍ଷତିକାରକ କୌଣସି କାର୍ଯ୍ୟ ନିମନ୍ତେ ଅନୁମତି ଦେବ ନାହିଁ ବୋଲି ଦିସାନାୟକେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀଲଙ୍କାକୁ ଆବଶ୍ୟକ ସମୟରେ ଭାରତର ସହାୟତା ଏବଂ ସମର୍ଥନ ସ୍ମରଣୀୟ ହୋଇ ରହିବ ବୋଲି ଦିସାନାୟକେ ମୋଦିଙ୍କୁ କହିଛନ୍ତି। ଶ୍ରୀଲଙ୍କା ରାଜଧାନୀ କଲମ୍ବୋର ଐତିହାସିକ ଇଣ୍ଡିପେଣ୍ଡେଣ୍ଟ ସ୍କୋୟାରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୌଣସି ବିଦେଶୀ ନେତାଙ୍କ ପାଇଁ ବୋଧହୁଏ ପ୍ରଥମ ଥର ଏଭଳି ସମ୍ମାନ ଦିଆଯାଇଛି। ରାଷ୍ଟ୍ରପତି ଦିସାନାୟକେ ଉକ୍ତ ସ୍କୋୟାରରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭୂମିକା ପାଇଁ ତାଙ୍କୁ ଶ୍ରୀଲଙ୍କାର ସର୍ବୋଚ୍ଚ ବେସାମରିକ ସମ୍ମାନ 'ମିତ୍ର ବିଭୂଷଣ'ରେ ସମ୍ମାନିତ କରାଯାଇଛି। ୨୦୦୮ ଫେବୃଆରୀରେ ତତ୍କାଳୀନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଏହି ସମ୍ମାନ ପ୍ରତିଷ୍ଠା କରିଥିଲେ। ପୂର୍ବରୁ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମୌମୁନ୍ ଅବଦୁଲ ଗାୟୁମ୍ ଏବଂ ପାଲେଷ୍ଟିନୀୟ ନେତା ୟାସେର ଆରାଫତ୍‌ଙ୍କୁ ଏହି ସମ୍ମାନ ମିଳିଥିଲା।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ।

## ପ୍ରଜ୍ୱଳ ରେଭନ୍ନା ମହିଳାଙ୍କୁ ଅଟକ ରଖି ବଳାତ୍କାର କରିଥିଲେ

### ଚାର୍ଜଶିଟ୍ ଦାଖଲ କଲା ପୋଲିସ

ନୂଆଦିଲ୍ଲୀ,୫।୪

ଧର୍ମନିରପେକ୍ଷ ଜନତା ଦଳ ନେତା ତଥା ପୂର୍ବତନ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ବଳାତ୍କାର ମାମଲାରେ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଶନିବାର ଚାର୍ଜଶିଟ୍ ଦାଖଲ କରିଛି। କୋଭିଡ୍ ଲକ୍‌ଡାଉନ୍ ବେଳେ ରେଭନ୍ନାଙ୍କ ଫାର୍ମ ହାଉସ୍‌ରେ କାର୍ଯ୍ୟ କରୁଥିବା ଜଣେ ମହିଳାଙ୍କୁ ସେ ବଳପୂର୍ବକ ଦୀର୍ଘଦିନ ଅଟକାଇ ରଖି ଅନେକ ଥର ବଳାତ୍କାର କରିବା ସହ ଏହି କାର୍ଯ୍ୟର ଭିଡିଓ ପ୍ରସ୍ତୁତ କରିଥିଲେ ବୋଲି ଚାର୍ଜଶିଟ୍‌ରେ ଦର୍ଶାଯାଇଛି। ଅପରାଧ ସମ୍ପର୍କରେ କାହାକୁ କହିଲେ, ଏହାର ଭୟାନକ ପରିଣତ ହେବ ବୋଲି ରେଭନ୍ନା ମହିଳାଙ୍କୁ ଧମକ ଦେଇଥିଲେ। ଭୟଭୀତ କରାଇବା ପାଇଁ ରେଭନ୍ନା ଉକ୍ତ ଭିଡିଓ ରେକର୍ଡିଂ ବ୍ୟବହାର କରୁଥିବାରୁ ମହିଳା ଜଣକ ଅନେକ ଦିନ ପର୍ଯ୍ୟନ୍ତ ନୀରବ ରହିଥିଲେ। ତେବେ ଭିଡିଓ ଅନ୍‌ଲାଇନରେ ପ୍ରକାଶ ପାଇବା ପରେ ପୀଡ଼ିତା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ରେଭନ୍ନା ୧୦ ମାସ ହେଲା ଜେଲରେ ଥିବାବେଳେ ତାଙ୍କ ବିରୋଧରେ କ୍ରମାଗତ


ପ୍ରଜ୍ୱଳ ରେଭନ୍ନା

ବଳାତ୍କାର, ଯୌନ ଉତ୍ପୀଡ଼ନ, ଉଲଗ୍ନ କରିବା, ଯୌନକ୍ରିୟା ବେଳର ଭିଡିଓ ଅନ୍ୟମାନଙ୍କୁ ଦେଖାଇବା ଓ ଆପରାଧିକ ଭାବେ ଭୟଭୀତ କରାଇବା ନେଇ ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଭିଡିଓ ପ୍ରସ୍ତୁତ କରି ପ୍ରସାରିତ କରିବା ଅଭିଯୋଗରେ ରେଭନ୍ନାଙ୍କ ବିରୋଧରେ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬ଇ ମଧ୍ୟ ରୁଜୁ କରାଯାଇଛି। ମାମଲାର ଶୁଣାଣି ଆସନ୍ତା ୯ ତାରିଖରେ ହେବ।

## ଫୁର୍‌ସତ

## ୭ ବର୍ଷରେ ୨୦ଥର ବିବାହ

**ବେଜିଂ:** ସମ୍ପ୍ରତି ଚାଇନାରେ ସାମାଜିକ ଚାପର ମୁକାବିଲା ପାଇଁ ଛଦ୍ମ ବିବାହର ଧାରା ଆରମ୍ଭ ହୋଇଛି। ଦକ୍ଷିଣ ପଶ୍ଚିମ ଚାଇନାର ଚେଙ୍ଗଡୁ ସହରର କାଓ ମେଇ ନାମ୍ନୀ ଜଣେ ଯୁବତୀ ଗତ ୭ ବର୍ଷ ମଧ୍ୟରେ ୨୦ ଥର ଛଦ୍ମ ବିବାହ କରିଛନ୍ତି। ନକଲି ବିବାହର ଅଭିନୟ ପାଇଁ କାଓ ଦୈନିକ ୨୦୦ ଡଲାର ପର୍ଯ୍ୟନ୍ତ ରୋଜଗାର କରନ୍ତି ବୋଲି ଦାବି କରିଛନ୍ତି।

କାଓ କହିଛନ୍ତି, ସେ ସମ୍ପ୍ରତି ନିଜକୁ ଭଡ଼ାରେ ଦେଇ ନକଲି ସ୍ତ୍ରୀ ଏବଂ ନକଲି ପ୍ରେମିକା ଭାବେ ଭଲ ରୋଜଗାର କରୁଛନ୍ତି। ୨୦୧୮ରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ନକଲି ଗର୍ଲଫ୍ରେଣ୍ଡ ସଜାଇ ନିଜ ମା'ବାପାଙ୍କ ସହ ତାଙ୍କର ପରିଚୟ କରାଇଥିଲେ। ଜଣେ ନକଲି ଗର୍ଲଫ୍ରେଣ୍ଡ କିମ୍ବା ନକଲି ସ୍ତ୍ରୀ ଭାବେ ଲୋକଙ୍କୁ ସେବା ଦେଇ ସେ ଭଲ ରୋଜଗାର କରିପାରିବେ ବୋଲି କାଓ ସେତେବେଳେ ଅନୁଭବ କରିଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ଚାଇନାରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ପାରିବାରିକ ଚାପ, ଡେଟିଂ ଏବଂ ବିବାହ



ଆଦି ସହ ସଂଘର୍ଷ କରୁଛନ୍ତି। ଏପରି ସ୍ଥଳେ ତାଙ୍କ ଭଳି କେତେଜଣ ଯୁବତୀ ନକଲି ପ୍ରେମିକା କିମ୍ବା ସ୍ତ୍ରୀ ସାଜି ଲୋକଙ୍କୁ ସେବା ଯୋଗାଇ ଭଲ ରୋଜଗାର କରିପାରୁଛନ୍ତି। ତେବେ ସାଧାରଣତଃ ପର୍ବପର୍ବାଣି କିମ୍ବା ଛୁଟିଦିନରେ ସେମାନଙ୍କ ଚାହିଦା ବଢ଼ିଯାଇଥାଏ ବୋଲି କାଓ କହିଛନ୍ତି। ଖାସ୍‌କରି ବିଭିନ୍ନ ପାରିବାରିକ ସମାରୋହରେ ସେ ନକଲି ପ୍ରେମିକା କିମ୍ବା ସ୍ତ୍ରୀ ଭାବେ ଯୋଗଦେଇଥାନ୍ତି। କାଓ କହିଛନ୍ତି, ସେ କୌଣସି ବ୍ୟକ୍ତିଙ୍କୁ ଛଦ୍ମ ବିବାହ କରିବା ପୂର୍ବରୁ ତାଙ୍କର ବୟସ, ଶିକ୍ଷାଗତ ଯୋଗ୍ୟତା, ଜୀବିକା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିଥାନ୍ତି। ସେହିପରି ବିବାହରେ ଅତିଥିଙ୍କ ସମ୍ମୁଖରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ବିବାହ ପୂର୍ବରୁ ସେ ତାଙ୍କ ନକଲି ସ୍ୱାମୀଙ୍କ ପରିବାର ସହ ଭେଟି ସେମାନଙ୍କ ସହିତ ମିଶିବାକୁ ଚେଷ୍ଟା କରିଥାନ୍ତି।

ତେବେ ଛଦ୍ମ ବିବାହ କରି ସେ କେବେ ମଧ୍ୟ କୌଣସି ଆଇନଗତ ସମସ୍ୟାରେ ପଡ଼ି ନ ଥିବା କାଓ କହିଛନ୍ତି। ସେ ବିବାହ କରୁଥିବା ବ୍ୟକ୍ତିଙ୍କ ମା'ବାପା ସାଧାରଣତଃ ଅତିଥିଙ୍କଠାରୁ ଉପହାର ପାଇବା ଆଶାରେ ଛଦ୍ମ ବିବାହରେ ରାଜି ହୋଇଯାଇଥାନ୍ତି ବୋଲି କାଓ କହିଛନ୍ତି। ଛଦ୍ମ ବିବାହ ସମ୍ପର୍କରେ ସେମାନେ ତାଙ୍କ ପଡ଼ୋଶୀ ଓ ଅତିଥିଙ୍କୁ ଲୁଚାଇଥାନ୍ତି। କାଓ କହିଛନ୍ତି, ଏକଦା ଜଣେ ମହିଳା ଆସି ତାଙ୍କୁ ନିଜ ପୁଅ ସହ ବିବାହ କରିବାକୁ ଅନୁରୋଧ କରିଥିଲେ। ତାଙ୍କ ପୁଅର ପୂର୍ବରୁ ବିବାହ ଠିକ୍ ହୋଇଯାଇଥିବା ବେଳେ ହଠାତ କୌଣସି କାରଣ ବଶତଃ ଏହା ଭାଙ୍ଗିଯାଇଥିଲା। ପୁଅ ବିବାହ କରୁଥିବା ନେଇ ତାଙ୍କ ଗାଁରେ ସମସ୍ତେ ଜାଣିସାରିଥିବାରୁ ଲୋକଲଜ୍ଜା ଭୟରେ ଉକ୍ତ ମହିଳା ଜଣକ ତାଙ୍କୁ ନିଜ ପୁଅ ସହ ଛଦ୍ମ ବିବାହ କରିବାକୁ ଅନୁରୋଧ କରିଥିଲେ ବୋଲି କାଓ କହିଛନ୍ତି।





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି। କାର୍ଯ୍ୟକ୍ରମରେ ମଞ୍ଚାସୀନ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟବକ୍ତା ତଥା ବିଗିଜ୍ ବର୍ଗର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଉଛନ୍ତି।



ମୁଖ୍ୟବକ୍ତା ବିଗିଜ୍ ବର୍ଗର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ ଉଦ୍‌ବୋଧନ ଦେଉଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

## 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ'ର ୫ମ ସଂସ୍କରଣର ସମ୍ବର୍ଦ୍ଧିତ ଉଦ୍ୟୋଗୀ



ନେହା ଅଗ୍ରୱାଲା
ମ୍ୟାନେଜିଂ ପାର୍ଟନର, ବିନାୟକ କାସ୍ଟ୍ୟୁସ୍



ଅମ୍ବରୀଶ ଦାଶ
ପ୍ରତିଷ୍ଠାତା, ଯୁବୋଦୟ ଇନ୍‌ଷ୍ଟିଚ୍ୟୁଶନ୍ସ



ବିଭୁପ୍ରସାଦ ରଥ
ପରିଚାଳନା ନିର୍ଦ୍ଦେଶକ, କଞ୍ଚାଲଙ୍କା




ବ୍ରିଜେଶ ମେହେର
ପରିଚାଳନା ନିର୍ଦ୍ଦେଶକ, ମିନର୍ଭା ଗ୍ରୁପ୍



ମନ୍‌ସୁର ବକ୍ସ
ଏମ୍‌ଡି, ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରା.ଲି.



ସାଇ ଶିବାନୀ କର
ନିର୍ଦ୍ଦେଶିକା, କର ଆଣ୍ଡ ବ୍ରଦର୍ସ



କାର୍ଯ୍ୟକ୍ରମର ମୁଖ୍ୟଅତିଥି ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।



ଇ. ମନୋଜ କୁମାର ସାହୁ
ନିର୍ଦ୍ଦେଶକ, ଡିଅନ୍ ଗ୍ରୁପ୍



ଜୟନ୍ତ କୁମାର ଲେଙ୍କା
ପ୍ରୋପ୍ରାଇଟର, ମେସର୍ସ ଲିଓଟ୍ରୋନିକ୍ସ ପାୱାର ସିଷ୍ଟମ୍ସ



କ୍ରିଷ୍ଣ ମୋହନ ଟାଟା
ନିର୍ଦ୍ଦେଶକ, ଗୀତାଞ୍ଜଳି ଆୱାର୍ଡ୍ସ ପ୍ରା.ଲି.



ଡ. ଲୋକନାଥ ଦାଶ
ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ, କେୟାର୍ ହସ୍ପିଟାଲ



ପବନ କୁମାର ସୁଲତାନିଆ
ପରିଚାଳନା ନିର୍ଦ୍ଦେଶକ, ଇନ୍‌ଫିନିଟି ଭେଞ୍ଚର୍ସ



ପ୍ରଦୀପ କୁମାର ଥାକର୍
ନିର୍ଦ୍ଦେଶକ, ଏସେନ୍ ଗ୍ରୁପ୍



ଦେବାଶିଷ ପଟ୍ଟନାୟକ
ପରିଚାଳନା ନିର୍ଦ୍ଦେଶକ, ଟ୍ରାନ୍ସଫର୍ମ ଫର୍ନିଚର ପ୍ରା.ଲି.



ପ୍ରହ୍ଲାଦ ପଲେଇ
ପ୍ରୋପ୍ରାଇଟର, ସୋମେନ ଅଗରବତୀ



ରାଜେଶ ଗାଡୋଡିଆ
ଚେୟାରମ୍ୟାନ, ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍



ସଞ୍ଜିବ କୁମାର ସାହୁ
ମ୍ୟାନେଜିଂ ପାର୍ଟନର, କାଭେରୀ ଜେମସ୍ ଆଣ୍ଡ ଜୁଏଲର୍ସ



ଯୁଗବ୍ରତ କର
ପ୍ରତିଷ୍ଠାତା, ଦେଶିଆ ଇକୋ ରିସୋର୍ଟ



ଶୈଳେନ୍ଦ୍ର ନାରାୟଣ ସେନାପତି
ଏମ୍‌ଡି, ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରା.ଲି.



ଶ୍ୟାମସୁନ୍ଦର ସନ୍ଥୋଲିଆ
ପରିଚାଳନା ନିର୍ଦ୍ଦେଶକ, ଏସ୍ ସ୍କୋୟାର ମାର୍କେଟିଂ ପ୍ରା.ଲି.



ସମଶେର ସିଂ ହୁରା
ସିଇଓ ଏବଂ ପ୍ରତିଷ୍ଠାତା, ଜାଗ୍ ହୋଣ୍ଡା




ସେଲ୍‌ଫି ମୁହୂର୍ତ୍ତ

## ପ୍ରାୟୋଜକଙ୍କୁ ସମ୍ବର୍ଦ୍ଧନା



ପଙ୍କଜ ଲୋଚନ ମହାନ୍ତି
ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍



ନିରାକାର ସାହୁ
ଡ୍ରିମ୍ସ ୟୁନିଭର୍ସିଟି

ସୁଧିରଞ୍ଜନ ମିଶ୍ର
ପିପିଏଲ୍



କୌଶିକ ପାଟଗିରି
ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର୍



ନୀଳମାଧବ ରଥ
ଜେଏସ୍ଏଲ୍



ଦିଭିଜ୍ ବୁଦ୍ଧରାଜ
ନାରାୟଣୀ ମୋଟର୍ସ ପ୍ରା.ଲି.



ସୋନାଲି ଶୁଭଶ୍ରୀ ମିଶ୍ର
ସାଇ ସବୁରୀ ହସ୍‌ପିଟାଲ



ନିଶା ନୂପୁର
ନାଲ୍‌କୋ



ବିଶ୍ୱବାସା ବେହୁରିଆ
ଏମ୍‌ସିଏଲ୍



କୈଳାଶ ଚନ୍ଦ୍ର ସାହୁ
ବେଦାନ୍ତ



ପ୍ରଶାନ୍ତ ଅଗ୍ରୱାଲ
ୱିଫି ଇଣ୍ଟରନେଟ୍



ସୁବ୍ରତ କୁମାର ରାଜ୍
ଏସ୍ଏସ୍‌ଟି ଡେଭଲପର୍ସ



ପି. ଜଗନ୍ନାଥ ପାତ୍ର
ଚିରାଗ ଇଣ୍ଡଷ୍ଟ୍ରିଜ୍



ମନୀଷ ଅଗ୍ରୱାଲ
ଅଜନ୍ତା ଆଡଭର୍ଟାଇଜର୍ସ



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

## କାର ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ,(ବିମଳ ଦିଗାଲ) ଫିରିଙ୍ଗିଆ ପୋଲିସ ଜଣେ ପେସାଦାର ଗଞ୍ଜେଇ ମାଫିଆକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ତାଙ୍କଠାରୁ ଗୋଟିଏ କାର୍ ଓ ୭୫ କିଲୋ ଗଞ୍ଜେଇ ମଧ ଜବତ କରିଥିବା ବେଳେ ଘଟଣା ସ୍ଥଳରୁ ଆଉ ଜଣେ ମାଫିଆ ଫେରାର ହୋଇ ଯାଇଛନ୍ତି। ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ବନ୍ଧଗଡ଼ ଅଞ୍ଚଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିବା ଫୁଲବାଣୀ ସଦର ଏସଡ଼ିପିଓ ଶୁଭ୍ରଜିତ ବିଶ୍ୱାଳଙ୍କୁ ଖବର ମିଳିଥିଲା। ପରେ ଫିରିଙ୍ଗିଆ ଥାନାରେ ଏକ ଟିମ ସହ ଫୁଲବାଣୀ ବାଲିଗୁଡ଼ା ମୁଖ୍ୟ ରାସ୍ତାର ମଣିପଦର ଛକ ନିକଟରେ ଗାଡିକୁ ଧରିବାରେ ସଫଳ ହୋଇଥିଲେ। ତେବେ ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ସେହି ବନ୍ଧଗଡ଼ ଗାଁ ଯୁଗଳ ନାଏକ ବୋଲି ଜଣାପଡ଼ିଛି।

## ବିଏମସିକୁ ସ୍ୱଚ୍ଛ ସର୍ବେକ୍ଷଣ ଟିମଙ୍କ ଗସ୍ତ

ବ୍ରହ୍ମପୁର,୫।୪(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ (ବିଏମସି)କୁ ସ୍ୱଚ୍ଛ ସର୍ବେକ୍ଷଣ ଟିମ ଗସ୍ତ କରିଛନ୍ତି। ଏହି ଟିମ ସହରର ସ୍ୱଚ୍ଛତା ଓ ପରିମଳ ଉପରେ ତର୍ଜମା କରିଛନ୍ତି। ଟିମ ସହରର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ସଫେଇ କର୍ମଚାରୀ, ଡ୍ରେନ ସଫେଇ, କର୍ମଚାରୀଙ୍କ ସୁରକ୍ଷା କିଟ, ଆର୍ବଜନା ବୁହା ଗାଡି ସମେତ ସାନିଟେସନ ବିଭାଗର ବିଭିନ୍ନ କାର୍ଯ୍ୟକୁ ତଦାରଖ କରିଛନ୍ତି। ଟିମ ସହିତ ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କ ସମେତ ସମସ୍ତ ସାନିଟେସନ ଏକ୍ସପର୍ଟ ଉପସ୍ଥିତ ଥିଲେ। ଏହାପରେ ଟିମ ରିପୋର୍ଟ ଅନୁଯାୟୀ ସହରକୁ ଜାତୀୟ ସ୍ତରୀୟ ର୍ୟାଙ୍କ ପ୍ରଦାନ କରାଯିବ। ୨୦୨୧ରେ ବ୍ରହ୍ମପୁର ୫୨ ତମ ର୍ୟାଙ୍କରେ ରହି ସ୍ୱଚ୍ଛତା ଆୱାର୍ଡ ପାଇଥିଲା। ଚଳିତ ଥର ପୁଣି ବିଏମସି ସ୍ୱଚ୍ଛତାରେ ଉଚ୍ଚତମ ର୍ୟାଙ୍କ ହାସଲ କରିବ ବୋଲି ଆଶାବାଦୀ ରହିଛି।

## ଜାତୀୟ କନିଷ୍ଠ ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର କୋମଲ, ଅଭିନବ

ବ୍ରହ୍ମପୁର,୫।୪(ସୁବାସ ଚନ୍ଦ୍ର ପାଢ଼ୀ) ଆସନ୍ତା ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଓଡିଶାର କେନ୍ଦୁଝରଠାରେ ୩୯ ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ହେବ। କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡ଼ିୟମରେ ଓଡିଶାର ୩୨ ପ୍ରତିଯୋଗୀଙ୍କୁ ନେଇ ତାଲିମ ଶିବିର ହୋଇଥିଲା। ଓଡିଶା ଦଳ ତରଫରୁ ୧୬ ଜଣିଆ ଟିମ୍ ଘୋଷଣା କରାଯାଇଛି। ଗଞ୍ଜାମ ଜିଲାର କେ. କୋମଲ କୁମାର ପାତ୍ର(ଏମ୍‌ଏଭି ସ୍କୁଲ), ଅଭିନବ ମାଝି (କେ.ସି.ପବ୍ଲିକ ସ୍କୁଲ) ଏହି ଦଳରେ ସ୍ଥାନ ପାଇଛନ୍ତି। ଉଭୟଙ୍କ ଘର ବ୍ରହ୍ମପୁରରେ। ଓଡିଶାରେ ପ୍ରଥମ ଥର ପାଇଁ ରାଜ୍ୟ ସରକାରଙ୍କ ସହାୟତାରେ ଓଡିଶା ହ୍ୟାଣ୍ଡବଲ ସଙ୍ଘ ଏହି ପ୍ରତିଯୋଗିତା ଆୟୋଜନ କରୁଛି। ଉଭୟ ଖେଳାଳି ପ୍ରତିଦିନ ଖଲ୍ଲିକୋଟ କଲେଜ ଖେଳପଡ଼ିଆରେ ଏନ୍.ଆଇ.ଏସ୍ କୋଚ ପ୍ରଶାନ୍ତ କୁମାର ରାଜଙ୍କ ଠାରୁ ତାଲିମ ନେଉଛନ୍ତି। ସଫଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରି ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ନାବାଳିକା ଅସଦାଚରଣ ମାମଲାରେ ୩ ବର୍ଷ ଜେଲ

ବ୍ରହ୍ମପୁର,୫।୪(ସୁବାସ ଚନ୍ଦ୍ର ପାଢ଼ୀ) ସ୍ୱତନ୍ତ୍ର ପୋକସେ ଜଜ୍ ପ୍ରଭତି ପଟ୍ଟନାୟକ ଶନିବାର ଏକ ଅସଦାଚରଣ ମାମଲାର ରାୟପ୍ରକାଶ କରିଛନ୍ତି। ଗୋଳନ୍ଥରାଥାନା ଅଞ୍ଚଳର ଜଗନ୍ନାଥ ଗୌଡ଼(୨୧)ଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୩ ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାତ୍ର ଅଭିଯୁକ୍ତଙ୍କ ବାପା ହୀନ ଗୌଡ(୫୦)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେହିପରି ପିଡିତାଙ୍କୁ ୩ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଅଗଷ୍ଟ ୪ ତାରିଖ ରାତି ୧୧ଟାରେ ଉକ୍ତ ଥାନା ଅଞ୍ଚଳର ଜଣୈକା ନାବାଳିକା(୧୬) ନିଜ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ହଠାତ୍ ନାବାଳିକାଙ୍କ ଚିତ୍କାର ଶୁଣି ତାଙ୍କ ମା' ଉଠିଥିଲେ। ଲାଇଟ ଲଗାଇ ଦେଖିଲା ବେଳକୁ ଉକ୍ତ ସାହିର ଜଗନ୍ନାଥ ତାଙ୍କ ଘର ଭିତରେ ପଶି ନାବାଳିକା ଝିଅଙ୍କୁ ଅସଦାଚରଣ କରୁଛନ୍ତି। ଘର ଲୋକଙ୍କୁ ଦେଖି ଜଗନ୍ନାଥ ଚମ୍ପଟ ମାରିଥିଲେ। ପରେ ଘଟଣାକୁ ନେଇ ପିଡ଼ିତାଙ୍କ ବାପା ଜଗନ୍ନାଥଙ୍କ ବାପା ହୀନ ଗୌଡ଼ଙ୍କୁ କହିଥିଲେ। ହେଲେ ହୀନ ଧମକ ଦେଇ ସେମାନଙ୍କୁ ଘଉଡାଇ ଦେଇଥିଲେ। ପରେ ପିଡିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା କରି ଜଗନ୍ନାଥଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ଗୋମାଂସ ଜବତ, ୨ ଗିରଫ

ବାଲିଗୁଡ଼ା,୫।୪(ସଞ୍ଜୟ ପାଣିଗ୍ରାହୀ) ବାଲିଗୁଡ଼ା ଥାନା ଅଞ୍ଚଳରେ ଗୋମାଂସ କଟିବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବାଲିଗୁଡ଼ା ଥାନା ଅର୍ନ୍ତଗତ ସିତାପଡ଼ିଠାରେ ଗୋମାଂସ କଟାଯାଉଥିବା ଖବର ବାଲିଗୁଡ଼ା ବଜରଙ୍ଗଦଳ ପାଇବା ପରେ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ସେଠିକାର ପରିସ୍ଥିତି ଅନୁଧ୍ୟାନ କରିବା ସହ ଗୋମାଂସ କଟାଯାଉଥିବା ଦେଖିବା ପରେ ବାଲିଗୁଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୋ-ମାଂସ କାଟୁଥିବା ୩ଜଣଙ୍କୁ ଧରିବାକୁ ଚେଷ୍ଟାକଲା ସମୟରେ ଜଣେ ଚମ୍ପଟ ମାରିଥିଲା। ସେଠାରୁ ଗୋମାଂସକୁ ଜବତ କରିବା ସହ ୨ଜଣଙ୍କୁ ଘଟଣା ସ୍ଥଳରୁ ହିଁ ଗିରଫ କରିଥିଲେ। ଗିରଫ ଦୁଇଜଣ ହେଲେ କାଳିଆ ନାୟକ ଓ ନୋଏଲ ନାୟକ। କେଶ ନଂ. ୧୦୫/୨୫ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଥାନା ଆଇଆଇସି ସମ୍ବିତ ସ୍ୱାଇଁ ସୂଚନା ଦେଇଛନ୍ତି।



ବ୍ରହ୍ମପୁରରେ ଚାଲିଥିବା ବୁଢ଼ୀ ଠାକୁରାଣୀ ଯାତ୍ରା ଅବସରରେ ଶନିବାର ମା' ଅସ୍ଥାୟୀ ମଣ୍ଡପରୁ ରାଜବାଟୀକୁ ଯାଉଛନ୍ତି ।

## ବ୍ଲକ୍ କର୍ମଚାରୀଙ୍କୁ ନେଇ ଐତିହ୍ୟ ଗଣଦୌଡ଼

ଦାରିଙ୍ଗବାଡ଼ି/ପାଉଳାଖେମୁଣ୍ଡି,୫।୪ (ଅରୁଣ ସାହୁ/ଗିରିଧାରୀ ପରିଛା) ଓଡ଼ିଶା ପାଳୁଛି ଓଡ଼ିଆ ପକ୍ଷ। ଓଡ଼ିଆ ଅସ୍ମିତା ଓଡ଼ିଶାର ପରମ୍ପରା ସଂସ୍କୃତି, ଐତିହ୍ୟକୁ ପୁନରୁଦ୍ଧାର ପାଇଁ ପାରମ୍ପରିକ ପୋଷାକ ପରିଧାନଠାରୁ ଆରମ୍ଭ କରି ଖାଦ୍ୟ, ଚଳଣି ଆଦିକୁ ପୁଣି ଉଜ୍ଜୀବିତ କରିବାକୁ ପ୍ରୟାସ କରାଯାଉଛି। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଦାରିଙ୍ଗବାଡ଼ିରେ। ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଓଡ଼ିଆ ପକ୍ଷ ପାଳନ ପାଇଁ ପୂର୍ବରୁ ସମସ୍ତ ବିଭାଗର ଅଧିକାରୀଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଐତିହ୍ୟ ଗଣ ଦୌଡ଼ରେ ସାମିଲ ହେବାକୁ ନିବେଦନ କରାଯାଇଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମକୁ କୌଣସି ବିଭାଗ ଗୁରୁତ୍ୱ ଦେଇ ନ ଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ଗଣଦୌଡ଼କୁ ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ହାତଗଣତି ବ୍ଲକ୍ କର୍ମଚାରୀ ଯୋଗ ଦେଇଲେ। ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ବିଏସ୍‌ଏସ୍‌ଓ କ୍ଷେତିଶ ପ୍ରଭଦର୍ଶୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍ କାର୍ଯ୍ୟାଳୟରୁ ଶିବ ମନ୍ଦିର ଛକ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। ବ୍ଲକକୁ ଛାଡ଼ିଦେଲେ ଅନ୍ୟ କୌଣସି ବିଭାଗ ଉପରେ ଏହାର ପ୍ରଭାବ ପଡ଼ି ନ ଥିବା ଆଲୋଚନା ହେଉଛି। ପାଉଳାଖେମୁଣ୍ଡିରେ ରାଜ୍ୟ କ୍ରୀଡ଼ା ଓ ଯୁବା ସେବା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଐତିହ୍ୟ ଗଣଦୌଡ଼ ଶନିବାର ଅନୁଷ୍ଠିତ ହୋଇଥିଲା। ଗୁଣ୍ଠେଠ ମନ୍ଦିରଠାରୁ ବି.ଏନ. ପ୍ୟାଲେସ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଓ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଉପସ୍ଥିତ ଥିଲେ।

**ବୁଢ଼ୀ ଠାକୁରାଣୀ ଯାତ୍ରାର ତୃତୀୟ ଦିବସ**

## ରାଜବାଟୀରେ ପୂଜା ପାଇ ଅସ୍ଥାୟୀ ମଣ୍ଡପକୁ ଫେରିଲେ ମା'

ବ୍ରହ୍ମପୁର,୫।୪(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ଯାତ୍ରାର ତୃତୀୟ ଦିନରେ ଶନିବାର ମା'ଙ୍କ ଘଟ ପରିକ୍ରମା ଆରମ୍ଭ ହୋଇଛି। ସନ୍ଧ୍ୟାରେ ମୁଖ୍ୟ ଘଟ ସହ ମା' ବ୍ରାହ୍ମୀ, ମା' ମହେଶ୍ୱରୀ, ମା କୁମାରୀ, ମା' ବୈଷ୍ଣବୀ, ମା' ବାରାହୀ, ମା' ଇନ୍ଦ୍ରାଣୀ, ମା' ମହାଲକ୍ଷ୍ମୀ ଓ ମା' ଶିବାୟୀ ଆଦି ୮ ଘଟକୁ ଅସ୍ଥାୟୀ ମଣ୍ଡପରେ ପୂଜା କରାଯାଇଥିଲା। ଘଟ ଚିହ୍ନଟ ପାଇଁ ବୁଢ଼ୀ ଠାକୁରାଣୀଙ୍କ ଘଟ ରକ୍ତ ବର୍ଣ୍ଣ, ମା ବ୍ରାହ୍ମୀଙ୍କ ସୁବର୍ଣ୍ଣ, ମା' ମାହେଶ୍ୱରୀଙ୍କ ଚମ୍ପା, ମା' କୁମାରୀଙ୍କ ଗୋଲାପୀ, ମା' ବୈଷ୍ଣବୀଙ୍କ ତମ୍ବାଳ, ମା' ବାରାହୀଙ୍କ ଧୁମ୍ର, ମା' ଇନ୍ଦ୍ରାଣୀଙ୍କ ଇନ୍ଦ୍ର ନୀଳ, ମା' ମହାଲକ୍ଷ୍ମୀଙ୍କ ସୁବର୍ଣ୍ଣ ଓ ମା ଶିବାୟୀଙ୍କ ଶ୍ୟାମ ବର୍ଣ୍ଣ ରହିଥିଲା। ପାର୍ଶ୍ୱ ଘଟଗୁଡିକ ଅସ୍ଥାୟୀ ମଣ୍ଡପରେ ପ୍ରତିଦିନ ପୂଜା ପାଇବେ। ମୁଖ୍ୟ ଘଟକୁ ଦେଶୀ ବେହେରାଙ୍କ ସ୍ତ୍ରୀ ଦେବକୀ ମୁଣ୍ଡାଇ ସିଦ୍ଧାନ୍ତି ପୁରୋହିତଙ୍କ ଧାର୍ଯ୍ୟ ସମୟ ପ୍ରକାରେ ଅସ୍ଥାୟୀ ମନ୍ଦିରରୁ ମହୁରୀ ରାଜବାଟୀ ଅଭିମୁଖେ ବାଜାବାଜଣା ସହ ଯାତ୍ରା କରିଥିଲେ। ଯାତ୍ରା ସମୟରେ ସାହିର ମହିଳାମାନେ ହଳଦୀ ପାଣିରେ ମା'ଙ୍କ ପାଦ ଧୋଇଥିଲେ। ରାଜବାଟୀରେ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ଘଟକୁ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ପରେ ମା ଠାକୁରାଣୀ ଦେଶୀ ବେହେରା ସାହି ଶେଷ ଯାଏଁ ଯାଇ ପୁଣି ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ପରମ୍ପରା ଅନୁଯାୟୀ ମୁଖ୍ୟ ଘଟ ସମେତ ପାର୍ଶ୍ୱ ଘଟ ସହରର ପାନକାନାପଲୀ ଗାଁ ତଥା ବଡ କୁମ୍ଭାର ପରିବାର ଆଙ୍କୋଲୀ କୁମ୍ଭାରପଲୀ ବାସିନ୍ଦା ଆର.ରାଜେନ୍ଦ୍ରଙ୍କ ଘରୁ ଆସିଥାଏ। ଘଟ ହାଣ୍ଡି ସହ ମାଟି ଦୀପ, ରୁଖା, ଝୁଣା ପାତ୍ର ଓ ମା'ଙ୍କ ସମସ୍ତ ସାଜସଜା ସାମଗ୍ରୀ ରହିଥାଏ। ହାଣ୍ଡି ନିର୍ମାଣ ପାଇଁ ନଦୀ ତଟରୁ ମାଟି ଅଣାଯାଇଥାଏ। ଶୁଭ ଖୁଣ୍ଟି ସ୍ଥାପନ ହେବା ଦିନଠାରୁ ହାଣ୍ଡି ନିର୍ମାଣ ଆରମ୍ଭ ହୁଏ। ପରେ ଦେଶୀ ବେହେରାଙ୍କୁ ଘରୁ ଝୁଣା ନିମନ୍ତ୍ରଣ ଆସିଥାଏ। ଆଜି ଘଟ ହାଣ୍ଡିକୁ ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଆର.ଗଙ୍ଗା ମା' ଅସ୍ଥାୟୀ ମଣ୍ଡପ ନିକଟରେ ପହଞ୍ଚାଇଥିଲେ। ଯାତ୍ରା ଶେଷ ଦିନରେ ୧ ହଜାର ଆଖି ତଥା ଶାନ୍ତି ଘଟ ହାଣ୍ଡି ମଧ୍ୟ ରାଜେନ୍ଦ୍ରଙ୍କ ଘରୁ ହିଁ ଯାଇଥାଏ। ଦୀର୍ଘ ବର୍ଷ ଧରି ମା'ଙ୍କ ସେବା କରି ଖୁସି ଲାଗେ ବୋଲି ରାଜେନ୍ଦ୍ର କହିଛନ୍ତି। ମାଙ୍କ ଘରେ ଘଟ ହାଣ୍ଡି ପହଞ୍ଚିବା ପରେ ରଙ୍ଗ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଇନାବନ୍ଧ ସାହିର ଦମୟନ୍ତୀ ମହାପାତ୍ରଙ୍କ ପରିବାର ଘଟ ହାଣ୍ଡିରେ ଚିତ୍ର ଆଙ୍କିଥିଲେ। ଦମୟନ୍ତୀଙ୍କ ଝିଅ ଶିବାନୀ ମହାରଣା ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଘଟ ହାଣ୍ଡିରେ ଅଷ୍ଟଦଳ ପଦ୍ମ, ମା' ଠାକୁରାଣୀ ପଦ ଚିହ୍ନ, ଫୁଲ ଡାଳି ଆଦି ଚିତ୍ର କରାଯାଇଥିଲା। ୨୨ ବର୍ଷ ହେଲା ଦମୟନ୍ତୀଙ୍କ ପରିବାର ଏହି କାର୍ଯ୍ୟ କରୁଛନ୍ତି। ଏଥିପାଇଁ ଯାତ୍ରାର କିଛି ଦିନ ପୂର୍ବରୁ ଦେଶୀ ବେହେରା ଡକରା ଦେଇଥାନ୍ତି ବୋଲି ଦମୟନ୍ତୀ କହିଛନ୍ତି।

## ନାବାଳିକା ଅସଦାଚରଣ ମାମଲା, ଅଭିଯୁକ୍ତକୁ ୪ବର୍ଷ ଜେଲ

ବ୍ରହ୍ମପୁର,୫।୪, (ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ସ୍ଥିତି ଫାଷ୍ଟଟ୍ରାକ ପୋକସୋ ଜଜ୍ ଗଣେଶ୍ୱର ପତି ଶନିବାର ଏକ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଆଧାରରେ ସେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବସ୍ତ କରି ତାଙ୍କୁ ୪ ବର୍ଷ ଜେଲ ଦଣ୍ଡ ସହ ସହ ୧୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ଉକ୍ତ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ଦିଗପହଣ୍ଡି ଥାନା ଅଞ୍ଚଳର ମନୋଜ ନାୟକ (୨୮)। ସେହିପରି ପୀଡିତାଙ୍କୁ ୫୦ ହଜାର ଟଙ୍କା ସହାୟତା ଦେବାକୁ ଜଜ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଙ୍ଗଲୀ ହାତୀ ଘର ଭାଙ୍ଗିଲେ, ୪ ପରିବାର ବାସହରା

ଜି.ଉଦୟଗିରି,୫।୪ (ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁର୍ମିଙ୍ଗିଆ କାଟାଗୁଡ଼ା ଗ୍ରାମରେ ୨୮ ଟିକିଆ ଜଙ୍ଗଲୀ ହାତୀ ପଲ ଆସି ଘର ଦ୍ୱାର ସହ ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଗତ ବର୍ଷ ମଧ ହାତୀ ପଲ ଆସି ଫସଲ ନଷ୍ଟ କରିବା ସହ ଘର ଭାଙ୍ଗି ଥିଲେ, ଯାହା ଫଳରେ କ୍ଷତିଗ୍ରସ୍ତ ପରିବାର ଜଙ୍ଗଲରେ ଥିବା ଘର ଛାଡ଼ି କୁର୍ମିଙ୍ଗିଆ ଆସି ବାରଦ୍ୱାର ହୋଇ ରହିଥିଲେ। ଶେଷରେ ପୁଣିଥରେ ସେହି ଜଙ୍ଗଲ ଜାଗାକୁ ଫେରି ଘର ମରାମତି କରି ରହିଥିଲେ। ସୂଚନା ଅନୁସାରେ ୨୮ ଟିକିଆ ହାତୀପଲ କୁର୍ମିଙ୍ଗିଆ, ବାରାକାଣ୍ଡି, ସାଲୁଙ୍ଗି, ରେଟୁଡ଼ି, ଗୁଟେଡ଼କୂପା, ଡଗରମୁଣ୍ଡା ଦେଇ କାଟାଗୁଡ଼ା ଗ୍ରାମରେ ପହଞ୍ଚି ଘର ଦ୍ୱାର ଭଙ୍ଗାରୁଜା ସହ ଫସଲ ହାନି କରିଛନ୍ତି। କାଟାଗୁଡ଼ା ମଳିନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସରିତା ପ୍ରଧାନ, ଜନନୀ ପ୍ରଧାନଙ୍କ ସହ ଅନେକ ଚାଷୀଙ୍କ ଫସଲ ବାଡ଼ ଭିତରେ ପଶି କଦଳୀ, ହଳଦୀ, ବିଭିନ୍ନ ଫଳ ବଗିଚା ଭିତରେ ପଶି ଖାଇବା ସହ ଘର ଭିତରେ ଥିବା ଧାନ ଖାଇ ବ୍ୟାପକ



ନଷ୍ଟ ହୋଇଥିବା ଘର

କ୍ଷୟକ୍ଷତି କରି ଘର ଦ୍ୱାର ଭାଙ୍ଗି ଦେଇଛନ୍ତି। କାଟାଗୁଡ଼ାବାସୀଙ୍କ କହିବାନୁସାରେ ୨୮ ଟିକିଆ ଜଙ୍ଗଲୀ ହାତୀ ପଲ ସନ୍ଧ୍ୟା ହେଲେ ଗାଁ ଭିତରେ ପଶି ଫସଲ ଖାଇ ଘର ଭାଙ୍ଗିବାର ଦୃଶ୍ୟ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଗ୍ରାମବାସୀ ଭୟରେ ଗତବର୍ଷ ଘରଦ୍ୱାର ଭିଟାମାଟି ଛାଡ଼ି ଅନ୍ୟତ୍ର ଚାଲି ଯାଇଥିଲେ କିନ୍ତୁ ରହିବା ପାଇଁ କିଛି ସାହାରା ନ ପାଇବାରୁ ପୁଣି ସେହି ଜଙ୍ଗଲ ଭିତରକୁ ଫେରି ଗତବର୍ଷ ହାତୀ ଭାଙ୍ଗିଥିବା ଘର ମରାମତି କରି ରହିଲେ। ଏହି ବର୍ଷ ପୁଣି ଥରେ ହାତୀ ପଲ ଆସି ସେହି ଘରଗୁଡ଼ିକ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଯେହେତୁ ଜଙ୍ଗଲୀ ହାତୀ ବାରମ୍ବାର ଏହିପରି ଘର ଭାଙ୍ଗୁଥିବା ବେଳେ ସରକାର ଏହି ୪ ପରିବାର ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ସେମାନେ ଗତବର୍ଷ କ୍ଷୟକ୍ଷତି ବାବଦକୁ ସରକାରଙ୍କ ଠାରୁ କୌଣସି ସହାୟତା ପାଇ ନ ଥିଲେ କାରଣ ସେମାନଙ୍କର ପଟ୍ଟା ଜମି ନାହିଁ। ସେପଟେ ବେସାହାରା ହୋଇ ଜୀବନ ସହ ସଂଘର୍ଷ କରୁଛନ୍ତି ୪ ପରିବାର। ସରକାର ଯଦି ଏହି ପରିବାରକୁ ସ୍ଥାୟୀ ପଟ୍ଟା ଜାଗା ସହିତ ସହାୟତା ପ୍ରଦାନ କରନ୍ତେ ସେମାନେ ଶାନ୍ତିରେ ଭୟମୁକ୍ତ ଜୀବନଯାପନ କରିପାରନ୍ତେ ବୋଲି ଗ୍ରାମବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

## ପଲିଗ୍ରାଫ ଟେଷ୍ଟ ପରେ ୨ ଅଭିଯୁକ୍ତ ଗିରଫ

**ଘରୁ ଚୋରି ମାମଲା**

ଦିଗପହଣ୍ଡି,୫।୪(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୌଡ଼ ଗାଁ ପଞ୍ଚାୟତ ଦାଉଣି ଗ୍ରାମର ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ଘର ଗ୍ରିଲ ଭାଙ୍ଗି ଘରୁ ପ୍ରାୟ ୧୪ ଭରି ସୁନା, ୨୮ ଭରି ରୁପା ଅଳଙ୍କାର ଏବଂ ନଗଦ ଟଙ୍କା ଚୋରି ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କ ପଲିଗ୍ରାଫ ପରୀକ୍ଷା ପରେ ପ୍ରମାଣ ମିଳିବାରୁ ଉଭୟଙ୍କୁ ଶନିବାର ଗିରଫ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ହେଲେ ଦିଗପହଣ୍ଡି ବ୍ଲକ ଗୌଡ଼ଗାଁର ଗୁପ୍ତେଶ୍ୱର କୁଣ୍ଡ ଏବଂ ନାରାୟଣପୁର ଗ୍ରାମରେ ରହୁଥିବା ଚିକିଟି ବ୍ଲକ ଚାନ୍ଦପୁର ଗ୍ରାମର କୃତିବାସ ସାହୁ। କେ.ନୂଆଗାଁ ଥାନା ମାମଲା ନଂ.୨୨୩/୨୪ ଅନୁଯାୟୀ ତଦନ୍ତକାରୀ ଅଧିକାରୀ ନୂଆପଡ଼ା ଫାଣ୍ଡି ଏସ୍‌ଆଇ ଜଗବନ୍ଧୁ ବାର୍ଲା ଉଭୟଙ୍କୁ କୋର୍ଟ ଚାଲାଣ କରିଛନ୍ତି। ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି।

## ମାଇନିଂ କାମକୁ ବିରୋଧ

ଛତ୍ରପୁର, ୫।୪ (ଦିଲ୍ଲୀପ ସାମଲ) ଛତ୍ରପୁର ମାଟିଖାଲ ସ୍ଥିତ ଆଇଆର୍‌ଇଏଲ୍ ପକ୍ଷରୁ କରାଯାଉଥିବା ମାଇନିଂ କାମକୁ ଅଗସ୍ତି ନୁଆଗାଁ ଓ ପୋଡ଼ାପଦର ପଞ୍ଚାୟତବାସୀ ବିରୋଧ କରିଛନ୍ତି। କମ୍ପାନୀ ଆମ ଅଞ୍ଚଳରେ କାମ କରି ବହୁ ଅର୍ଥ ପାଇ ମଧ ଅଞ୍ଚଳର ବିକାଶ କରୁନି, ଶିକ୍ଷିତ ଯୁବକଙ୍କୁ ନିଯୁକ୍ତି ଦେଉ ନ ଥିବା ଅଭିଯୋଗ କରି ଦୁଇ ପଞ୍ଚାୟତବାସୀ ମାଇନିଂ କାମକୁ ବିରୋଧ କରି କାମ ବନ୍ଦ କରିଥିଲେ। ଫଳରେ ବହୁ ସମୟ ଧରି କାମ ବନ୍ଦ ରହିଥିଲା। ପରେ ପୋଲିସ ପହଞ୍ଚି ବୁଝାଶୁଝା କରି ଗ୍ରାମବାସୀଙ୍କ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନପ୍ରତ୍ୟାହୃତ ହୋଇଥିଲା।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ଫୁଲବାଣୀ, ୫।୪(ରାକେଶ କୁମାର ରାଉତ) ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ ଶନିବାର ଏକ ନାବାଳିକା (୧୬) ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୬୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟ ହେଲେ ଅଧିକ ବର୍ଷେ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗୋଚ୍ଛାପଡା ଥାନା ଅଞ୍ଚଳର ନିରାକାର ମୁଖି। ମାମଲାରୁ ପ୍ରକାଶ, ନାବାଳିକା ଜଣକ ଭାଇଙ୍କ ସହ ଗୋଚ୍ଛାପଡା ଆସିଥିଲେ। ସେଠାରେ ନିରାକାରଙ୍କ ସହ ନାବାଳିକାଙ୍କ ସାକ୍ଷାତ ହୋଇଥିଲା। କାମ ସରିବା ପରେ ଗୋଚ୍ଛାପଡାରୁ ଭାଇ ଗାଁକୁ ଚାଲିଯାଇଥିଲେ। ମାତ୍ର ନାବାଳିକା ଜଣକ ନିରାକାରଙ୍କ ସହ ଫୁଲବାଣୀ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ଛାଡି ନିରାକାର ଚାଲିଯାଇଥିଲେ। ମେଳା ବୁଲି ସାରିବା ବେଳକୁ ଗାଁକୁ ଆଉ ବସ୍ ନ ଥିବାରୁ ପୁଣି ଥରେ ନିରାକାରଙ୍କୁ ଡକାଇ ତାଙ୍କ ସହ ନାବାଳିକା ଜଣକ ଆସିଥିଲେ। ତେବେ ନିରାକାର ଗାଁକୁ ନ ନେଇ କରିଙ୍ଗିଆରେ ତାଙ୍କ ଭିଣୋଇ ଘରେ ନାବାଳିକାଙ୍କୁ ରଖିଥିଲେ। ସେଦିନ ରାତିରେ ତାଙ୍କୁ ନିରାକାର ବଳାତ୍କାର କରିଥିଲେ। ୧୯।୬।୨୦୨୨ରେ ପୀଡିତାଙ୍କ ପରିବାର ଗୋଚ୍ଛାପଡା ଥାନାରେ ଅଭିଯୋଗ କରିଥିଲେ। ନଂ. ୭୩/୨୨ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୋଗର ତଦନ୍ତ କରି ତାଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।

## ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୫।୪(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ଯୁକ୍ତ ୨ ନାବାଳିକା ଛାତ୍ରୀ ମଧ୍ୟାହ୍ନରେ ଘରେ କୀଟନାଶକ ଖାଇ ଆତ୍ମହତ୍ୟା କରିଥିଲେ। ଏହି ଖବର ପାଇ ସେହି ଗ୍ରାମର ତାଙ୍କ ପ୍ରେମିକ ଯୁକ୍ତ ୩ ଛାତ୍ର ଶଙ୍କର ପ୍ରଧାନ ଅପରାହ୍ନରେ ରଘୁନାଥପୁର ପାହାଡ଼ ସଂଲଗ୍ନ ଏକ ଗଛରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପାଟପୁର ପୋଲିସ ତାଙ୍କୁ ଉଦ୍ଧାର କରି ଆଡ଼ପଡ଼ା ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ଉଭୟେ ଗୋଟିଏ କଲେଜରେ ପାଠ ପଢୁଥିବା ବେଳେ ଗତ କିଛି ବର୍ଷ ହେଲା ପରସ୍ପରକୁ ଭଲ ପାଉଥିଲେ।

## ଖଡ଼ି ଛୁଆଁଇଲେ ବିଧାୟକ

କବିସୂର୍ଯ୍ୟନଗର,୫।୪ (କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସହକାରୀ ତହସିଲଦାର ମନୋରଞ୍ଜନ ନାୟକ, ସମ୍ମାନିତ ଅତାଥି ଗୁଡ଼ିଆଳି ସରପଞ୍ଚ ଯାଜ୍ଞସେନୀ ଭୂୟାଁ ଓ ପ୍ରତିନିଧି ପ୍ରଶାନ୍ତ ଭୂୟାଁ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ପଣ୍ଡା, କବିସୂର୍ଯ୍ୟ ରକ୍ତଦାନ ସଂଘ ସଭାପତି ସୁମନ୍ତ ଚର୍ଚ୍ଚି, ଶିକ୍ଷୟିତ୍ରୀ ପ୍ରିୟଙ୍କା ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଗଡ଼ିଆଳି ହରିଜନ ସାହି ପ୍ରାଥମିକ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଯୋଜକ ବିଆରସିସି ରବିନାରାୟଣ ବେହେରା, ଆୟୋଜକ ବିଇଓ ଅଭିମନ୍ୟୁ ସାହୁ ଓ ପରିଚାଳନା କରିଥିଲେ। ସିଆରସିସି ରବୀନ୍ଦ୍ର ବିଶାଳ ଓ ଅମେରେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜିଲାପାଳଙ୍କୁ ଭେଟିଲେ ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟି

**ଝାଉଁ, କାଜୁ ଜଙ୍ଗଲର ସୀମା ନିର୍ଦ୍ଧାରଣ ଦାବି**

ଛତ୍ରପୁର, ୫।୪ (ସନ୍ତୋଷ ପାଢ଼ୀ) ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଅଗସ୍ତିନୂଆଗାଁ ଗ୍ରାମ ନିକଟସ୍ଥ ସମୁଦ୍ର ଉପକୂଳରେ ଥିବା ଓଡ଼ିଶା ସରକାରଙ୍କ ଝାଉଁ ଓ କାଜୁ ଜଙ୍ଗଲର ଠିକ ସୀମା ନିର୍ଦ୍ଧାରଣ ହୋଇ ନ ଥିବା ହେତୁ ଗ୍ରାମବାସୀ ଓ ଘରୋଇ ଜଙ୍ଗଲ ମାଲିକଙ୍କ ମଧ୍ୟରେ ଅନେକ ଥର ତିକ୍ତତା ପରିସ୍ଥିତି ଉପୁଜିଛି । ଏହି ସମସ୍ୟାର ସମାଧାନ ପାଇଁ ସୀମା ନିର୍ଦ୍ଧାରଣ ନିମନ୍ତେ ଶନିବାର ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟି ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ, ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟି ଓ ଏହି ଗ୍ରାମ ଅଧୀନରେ କାର୍ଯ୍ୟ କରୁଥିବା ବନ ସୁରକ୍ଷା ସମିତି, ବନ ବିଭାଗ ତରଫରୁ ସୁରକ୍ଷା ନିମନ୍ତେ ପ୍ରଦାନ କରିଥିବା ଜଙ୍ଗଲ ମଧ୍ୟରେ କୌଣସି ଉନ୍ନୟନ କାର୍ଯ୍ୟ କିମ୍ବା ରକ୍ଷଣାବେକ୍ଷଣ କରିବା କଷ୍ଟସାଧ ହେଉଛି। ଓଡ଼ିଶା ସରକାର ବନ ବିଭାଗ ତରଫରୁ ୨୦୦୪ରେ ଅଗସ୍ତିନୂଆଗାଁ ଗ୍ରାମକୁ ବନ ସୁରକ୍ଷା ସମିତି ଗଠନ



ଜିଲାପାଳଙ୍କୁ ଗ୍ରାମବାସୀ ସ୍ମାରକପତ୍ର ଦେଉଛନ୍ତି।

ମାଧ୍ୟମରେ ସମୁଦ୍ର ଉପକୂଳରେ ଥିବା ୫୦ ହେକ୍ଟର ଝାଉଁ ଓ କାଜୁ ଜଙ୍ଗଲର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ପ୍ରଦାନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଗସ୍ତିନୂଆଗାଁ ବନ ସୁରକ୍ଷା ସମିତି ଅଧୀନରେ ୫୦ ହେକ୍ଟର ଥିଲେ ବି, ଜଙ୍ଗଲ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ନିକଟସ୍ଥ ନୋଳିଆନୂଆଗାଁ ଗ୍ରାମକୁ ୫୦ ହେକ୍ଟର ମଧ୍ୟରୁ ୨୪ ହେକ୍ଟର ଜଙ୍ଗଲକୁ ରକ୍ଷଣାବେକ୍ଷଣ ନିମନ୍ତେ ଦାୟିତ୍ୱ ଦେଇଥିଲେ। ଆଉ ଅବଶିଷ୍ଟାଂଶ ୨୬ ହେକ୍ଟର ଝାଉଁ ଓ କାଜୁ ଜଙ୍ଗଲକୁ ବହୁ ବର୍ଷ ଧରି ଅଗସ୍ତିନୂଆଗାଁ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ବନ ସୁରକ୍ଷା ସମିତି ରକ୍ଷଣାବେକ୍ଷଣ କରି ଆସୁଛି। କିନ୍ତୁ ୨୬ ହେକ୍ଟର ସରକାରୀ ଝାଉଁ ଓ କାଜୁ ଜଙ୍ଗଲକୁ ଲାଗି ଅଗସ୍ତିନୂଆଗାଁ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ବେସରକାରୀ ଜଙ୍ଗଲ ଜମି ମାଲିକମାନଙ୍କ ଜମି ରହିଛି । ଶନିବାର ଦାବିପତ୍ର ପ୍ରଦାନ ବେଳେ ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟିର ସଭାପତି ରଜତ କୁମାର ନାୟକ, ସମ୍ପାଦକ କାଳୀ ଚରଣ ଗୌଡ଼ ଓ କୋଷାଧ୍ୟକ୍ଷ ବିଜୟ କୁମାର ଗୌଡ଼, ସଦସ୍ୟ ତପନ କୁମାର ନାହାକ ଉପସ୍ଥିତି ଥିଲେ।

## ବାହାଡ଼ାପଦରରେ ପଞ୍ଚଦଣ୍ଡ ମହାମିଳନ

ଭଞ୍ଜନଗର,୫।୪ (ବାବୁଲା ପ୍ରଧାନ) ଭଞ୍ଜନଗର ବ୍ଲକ ବାହାଡ଼ାପଦରରେ ଓଁକାର ଜେନାଙ୍କ ଘର ସମ୍ମୁଖରେ ଶୁକ୍ରବାର ପଞ୍ଚଦଣ୍ଡ ଅନୁଷ୍ଠିତ ହୋଇଛି। ଏହି ମହାମିଳନରେ କୁଲାଙ୍ଗୀ, ନାରୀଗୋଛା, ତାରସିଙ୍ଗି, ଝାଡ଼ଭୂମି, କୁଶପଲ୍ଲି ଦଣ୍ଡ ପୁଞ୍ଜା ସାମିଲ ହୋଇଥିଲେ। ସକାଳ ସମୟରେ ସମସ୍ତ ଦଣ୍ଡ ପୁଞ୍ଜାକର୍ତ୍ତାଙ୍କ ଗୃହ ନିକଟରେ ପହଞ୍ଚିବା ପରେ ପ୍ରାରମ୍ଭିକ ବନ୍ଦନା କରାଯାଇଥିଲା। ପରେ ରୀତିନୀତି ମୁତାବକ ଠାକୁରଙ୍କ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବା ପରେ ମଧ୍ୟାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ହୋଇଥିଲା। ଅପରାହ୍ନରେ ପଞ୍ଚଦଣ୍ଡ ଓ ପଞ୍ଚଶମ୍ଭୁ ମହାମିଳନ ହୋଇଥିଲା। ତହସିଲଦାର ଅବିନାଶ ମାହାର ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିବା ସହ ଠାକୁର ଦର୍ଶନ କରିଥିଲେ। ସନ୍ଧ୍ୟାରେ ଆଳତି ଦେଖିବା ଲାଗି ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୁତୟନ ହୋଇଥିଲେ।

**ହାଇକୋର୍ଟରେ ଦଣ୍ଡନୃତ୍ୟ ମାମଲା**

## ଜାତୀୟ ରାଜପଥରେ ଗଡ଼ିବେନି ଶ୍ରଦ୍ଧାଳୁ

କଟକ,୫।୪(କାର୍ତ୍ତିକ ସାହୁ): କନ୍ଧମାଳ ଜିଲା ବାଲିଗୁଡ଼ିଠାରେ ଦଣ୍ଡନୃତ୍ୟ ପାଇଁ ଜାତୀୟ ରାଜପଥ ନଂ.୫୯ ଅବରୋଧ ହେବନାହିଁ। ଶ୍ରଦ୍ଧାଳୁମାନେ ପିଚୁ ରାସ୍ତାରେ ଗଡ଼ିବେ ନାହିଁ। ଏନେଇ ଉପଯୁକ୍ତ ପଦକ୍ଷେପ ନେବାକୁ କନ୍ଧମାଳ ଜିଲାପାଳ, ଏସ୍‌ପି ଓ ବାଲିଗୁଡ଼ା ଉପଜିଲାପାଳଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଏ ସଂକ୍ରାନ୍ତୀୟ ମାମଲାର ଶନିବାର ଶୁଣାଣି କରି ରାଜପଥ ନିକଟରେ ଥିବା ରାସ୍ତାରେ ଶ୍ରଦ୍ଧାଳୁମାନେ ପାରମ୍ପରିକ ଭାବେ ଗଡ଼ିପାରିବେ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ଆହୁରି ମଧ୍ୟ ଆଦେଶ ଦେଇଛନ୍ତି ଯେ, ଜାତୀୟ ରାଜପଥ ଯେପରି ଅବରୋଧ ନ ହେବ ଏବଂ ଗାଡ଼ିରେ ଯାଉଥିବା ଲୋକଙ୍କର ଯେପରି କୌଣସି ଅସୁବିଧା ନ ହେବ ସେନେଇ ଉପରୋକ୍ତ ଅଧିକାରୀମାନେ ନିଶ୍ଚିତ କରାଇବେ। ମାମଲାର ବିବରଣୀ ଅନୁସାରେ, ବାଲିଗୁଡ଼ାରେ ହେଉଥିବା ଦଣ୍ଡଯାତ୍ରା କନ୍ଧମାଳ ଓ ଗଞ୍ଜାମ ଜିଲାର ୧୦୦ ବର୍ଷର ପରମ୍ପରା। ଏହି ଯାତ୍ରାରେ ବିଭିନ୍ନ ଗ୍ରାମର ଜନସାଧାରଣ ଏକତ୍ରିତ ହୋଇଥାନ୍ତି। ଦଣ୍ଡଯାତ୍ରା ପାଳନ ପାଇଁ ପ୍ରତି ଗ୍ରାମରେ ଦଣ୍ଡନୃତ୍ୟ କମିଟି ଗଠନ ହୋଇଛି। ପ୍ରତିବର୍ଷ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାରେ ଭାଗନେବା ପାଇଁ ଆଗ୍ରହୀ ଶ୍ରଦ୍ଧାଳୁ ୧୪ ଦିନ ଧରି ଉପବାସ ରହିବା ସହ ଅନ୍ୟାନ୍ୟ ବିଧି ପାଳନ କରିଥାନ୍ତି। ବାଲିଗୁଡ଼ା ବ୍ଲକରେ ଥିବା ୨୦ଟି ଦଣ୍ଡନୃତ୍ୟ କମିଟି ମଧ୍ୟରୁ ୧୩ଟି କମିଟିକୁ ବିଭିନ୍ନ ତାରିଖରେ ଦଣ୍ଡନୃତ୍ୟ ପରିବେଷଣ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହି ଦଣ୍ଡନୃତ୍ୟ ଯାତ୍ରାରେ ପ୍ରାୟ ୩୦ ହଜାର ଲୋକ ସମାଗମ ଉକ୍ତ ରାଜପଥରେ ହେବା ଅନୁମାନ କରାଯାଉଛି। ପାରମ୍ପରିକ ରୀତି ଅନୁଯାୟୀ, ଶ୍ରଦ୍ଧାଳୁମାନେ ଖୋଲାଦେହରେ ରାସ୍ତାରେ ଗଡ଼ିବେ। ଏହାଦ୍ୱାରା ସେମାନଙ୍କ ଶରୀରରେ କ୍ଷତି ଘଟିବା ଆଶଙ୍କା ରହିଛି। ଜାତୀୟ ରାଜପଥ ପିଚୁ ହୋଇଥିବାରୁ ଦେହରେ କପଡ଼ା ନ ଥାଇ ଜଣେ ବ୍ୟକ୍ତି ଗଡ଼ିଲେ ସ୍ୱାସ୍ଥ୍ୟଗତ ହାନି ହେବ। ଏଥିସହ ରାଜପଥରେ ଗାଡ଼ିରେ ଯାଉଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆବେଦନକାରୀ ଚିତ୍ତରଞ୍ଜନ ନାୟକ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁଜାତା ଜେନା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ପି.ପି. ବେହେରା ମାମଲା ପରିଚାଳନା କରୁଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେଶୀ ଭାଙ୍ଗ ପାରା ରଙ୍ଗ**
**ପଶା ନ୍ୟାୟବଳ ବେଶ୍ୟା ସଙ୍ଗ**
**ଏଷଡ଼ ରସରେ ଥାଏ ଯେ,**
**ଠୁକୁରା ଖାଇ ମରେ ସେ।**

ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରିଦେଇଥାଏ। ଉପର ବର୍ଣ୍ଣିତ ମନ୍ଦ ବା କୁଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନଥାନ୍ତି। ବ୍ୟଭିଚାର ତଥା ଅନୀତିପୂର୍ଣ୍ଣ କାର୍ଯ୍ୟ କରିବସୁଥିବା ବ୍ୟକ୍ତି ଜୀବଦ୍ଦଶାରେ ଅନେକ ଦୁଃଖକଷ୍ଟ ଭୋଗ କରିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।


**ଦେଖା ସୁନ୍ଦର**
**କଖାରୁ ବଡ଼ି।**

ଉପର ଦେଖା ସୁନ୍ଦର, ପରନ୍ତୁ କେଉଁ କାମକୁ ନୁହେଁ। ପରୋକ୍ଷରେ ରୂପ ଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତାହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ନୂଆଦିଲ୍ଲୀଠାରେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଜଗଜ୍ଜୀବନ ରାମଙ୍କ ଜନ୍ମଦିନ (ସମତା ଦିବସ) ପାଳନ ଅବସରରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ପୂର୍ବତନ ଲୋକସଭା ବାଚସ୍ପତି ମୈରା କୁମାର।




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅଶୋକଙ୍କ ଶ୍ରେୟ ଦାବିକୁ ମୁକେଶଙ୍କ ବିରୋଧ

ପାଲଲହଡ଼ା,୫।୪ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଦ୍ୱିତୀୟ ଚିଲିକାର ଉନ୍ନତୀକରଣ କାର୍ଯ୍ୟକୁ ନେଇ ପାଲଲହଡ଼ା ରାଜନୀତି ସରଗରମ ହୋଇଛି। ଏହି ଉନ୍ନତୀକରଣ କାର୍ଯ୍ୟର ଶ୍ରେୟ ଭାଜପା ସରକାରଙ୍କର ବୋଲି ପାଲଲହଡ଼ା ଭାଜପା ବିଧାୟକ ଅଶୋକ ମହାନ୍ତି ଦାବି କରୁଥିବା ବେଳେ ଏହାକୁ ବିରୋଧ କରିଛନ୍ତି ପୂର୍ବତନ ବିଜେଡି ବିଧାୟକ ମୁକେଶ କୁମାର ପାଳ।

ପାଲଲହଡ଼ା ଜାତୀୟ ରାଜପଥ ଡାକବଙ୍ଗଳାଠାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପାଳ କହିଛନ୍ତି, ଗତ ମାର୍ଚ୍ଚ ୩୧ରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ପାଲଲହଡ଼ା ଗସ୍ତରେ ଆସି ବିଧାୟକ ମହାନ୍ତିଙ୍କ ଉପସ୍ଥିତିରେ ବନବିଭାଗ ଦ୍ୱାରା ଜାରି ରହିଥିବା ଦ୍ୱିତୀୟ ଚିଲିକାର ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାଜପା ସରକାର ଏହି ଅଞ୍ଚଳର ଉନ୍ନତି ପାଇଁ ୧ କୋଟି ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥିସହ ବିଧାୟକ ମହାନ୍ତି ଏହି ପ୍ରକଳ୍ପ ପାଇଁ ଭାଜପା ସରକାର କୋଟିଏ ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ବିଭିନ୍ନ ସଭା ସମିତିରେ କହି ବୁଲୁଥିବା ଦେଖିବାକୁ ମିଳିଛି। ଏହାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରୁଛି। ଦ୍ୱିତୀୟ ଚିଲିକାର ବିକାଶ ପାଇଁ ବିଜେଡି ସରକାର

**ଦ୍ୱିତୀୟ ଚିଲିକା ଉନ୍ନତୀକରଣକୁ ନେଇ ରାଜନୀତି**

ସମୟରେ ୨୦୨୩ରେ ୮୭ ଲକ୍ଷ ଟଙ୍କାର ଅନୁଦାନ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଥିଲା। ତତ୍କାଳୀନ ବିଜେଡି ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଏହି କାର୍ଯ୍ୟର ଶୁଭ ଦେଇଥିଲେ। ବର୍ତ୍ତମାନ ବନବିଭାଗ ଉକ୍ତ ଅନୁଦାନ ଟଙ୍କାରେ ଉନ୍ନତୀକରଣ କାର୍ଯ୍ୟ କରୁଛି। ତେଣୁ ବିଧାୟକ ବାଃ ବାଃ ନେବା ବନ୍ଦ କରନ୍ତୁ ବୋଲି ପୂର୍ବତନ ବିଧାୟକ ପାଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପାଲଲହଡ଼ା ବ୍ଲକ ଅଧକ୍ଷା ରିନାରାଣୀ ନାଏକ, ଜିଲା ପରିଷଦର ପୂର୍ବତନ ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ଜିଲା ବିଜେଡି ଉପସଭାପତି ନରେନ୍ଦ୍ର ଭୁକ୍ତା, ବରିଷ୍ଠ ନେତା ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଭାଜପା ବିଧାୟକ ମହାନ୍ତି କହିଛନ୍ତି, ସରକାର ଏକ ନିରନ୍ତନ ପ୍ରକ୍ରିୟା। ଦ୍ୱିତୀୟ ଚିଲିକାର ବିକାଶ ପାଇଁ ସରକାର ଟଙ୍କା ବରାଦ କରିଛନ୍ତି। ବନବିଭାଗ ଏହି କାର୍ଯ୍ୟ କରୁଛି। ବିଜେଡି ସରକାରଙ୍କ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯାଇଛି ଏବଂ ସେମାନେ ରାସ୍ତା ଘାଟ ଉନ୍ନତୀକରଣ କାମ କରିଛନ୍ତି। ଆମ ସରକାରଙ୍କ କାର୍ଯ୍ୟକୁ ଆମର କହିବାରେ ଅସୁବିଧା କ'ଣ ବୋଲି ବିଧାୟକ ମହାନ୍ତି ପ୍ରଶ୍ନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ମୁକେଶ କୁମାର ପାଳଙ୍କ ସହ ଅନ୍ୟମାନେ।

# ଆଜିଠୁ ୨ ଦିନ ପ୍ରତିଷ୍ଠା ଦିବସ ପାଳିବ ଭାଜପା

ଭୁବନେଶ୍ୱର, ୫।୪(ସୁନିତ୍ ମିଶ୍ର)

- ବୁଥ୍‌ସ୍ତରରେ ହେବ ଟିଫିନ୍ ବୈଠକ
- ୧୦ରୁ ବିଧାୟକ,ଏମ୍‌ପିଙ୍କ ପ୍ରଶିକ୍ଷଣ ଶିବିର
- ୧୫ ବିନ୍ଦୁ ଉପରେ ହେବ ଆଲୋଚନା

ଭାଜପାର ୪୬ତମ ପ୍ରତିଷ୍ଠା ଦିବସ ରବିବାର ପାଳନ କରାଯିବ। ଏଥର ଦଳର ପ୍ରତିଷ୍ଠା ଦିବସ ୨ ଦିନ ଲାଗି ପାଳନ କରାଯିବ। ରବିବାର ରାମନବମୀ ପଡୁଥିବାରୁ ସୋମବାର ମଧ୍ୟ ପାଳନ କରିପାରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ଦଳର କାର୍ଯ୍ୟକର୍ତ୍ତାମାନେ ନିଜ ଘର ଉପରେ ଦଳୀୟ ପତାକା ଲଗାଇବେ। ବୁଥ୍‌ସ୍ତରରେ ୨ଶହ ପ୍ରାଥମିକ ସଦସ୍ୟଙ୍କୁ ନେଇ ଟିଫିନ୍ ବୈଠକ ହେବ। ସବୁ କାର୍ଯ୍ୟକର୍ତ୍ତା ନିଜ ଘରେ ପ୍ରସ୍ତୁତ ଖାଦ୍ୟ ଆଣି ଗୋଟିଏ ଜାଗାରେ ଏକାଠି ହୋଇ ଖାଇବେ। ଆସନ୍ତା ଆମ୍ବେଡ୍‌କର ଜୟନ୍ତୀ ପର୍ଯ୍ୟନ୍ତ ଜନସମ୍ପର୍କ କାର୍ଯ୍ୟକ୍ରମ ହେବ। କାର୍ଯ୍ୟକର୍ତ୍ତାମାନେ ଘର ଘର ଯାଇ ଜନସମ୍ପର୍କ କରିବେ ବୋଲି ସେ କହିଛନ୍ତି।

ଭାଜପା ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ଆସନ୍ତା ୧୧ରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଦଳର ବିଧାୟକ ଏବଂ ଏମ୍‌ପିମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର କରାଯିବ। ପୁରୀରେ ଏହା ହେବ ବୋଲି ଆପାତତଃ ସ୍ଥିର କରାଯାଇଛି। ସେଥିଲାଗି ଦଳୀୟ କାର୍ଯ୍ୟାଳୟରେ ସେନେଇ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସେଦିନ କିପରି ଏମ୍‌ପି ଏବଂ ବିଧାୟକମାନେ ଆସିବେ, କେଉଁ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯିବ, ସେମାନଙ୍କ ରହିବା ଏବଂ ଖାଇବା ଉପରେ ଆଲୋଚନା ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ରାଜ୍ୟରୁ ଯାଇ କେନ୍ଦ୍ରମନ୍ତ୍ରୀ ହୋଇଥିବା ୩ ନେତା ମଧ୍ୟ ଏଥିରେ ଯୋଗଦେବେ। ଏମ୍‌ପି ଏବଂ ବିଧାୟକଙ୍କ ଦାୟିତ୍ୱ କ'ଣ ହେବା ଦରକାର, ଲୋକଙ୍କୁ କିପରି ସୁଶାସନ ମିଳିବ ତା'ଉପରେ ଆଲୋଚନା ହେବ। ପ୍ରାୟ ୧୫ଟି ବିନ୍ଦୁ ଉପରେ ମୁଖ୍ୟତଃ ପ୍ରଶିକ୍ଷଣ ଶିବିରରେ ଆଲୋଚନା ହେବ ବୋଲି ସେ କହିଛନ୍ତି।

## Business

# ଆଜି ଉଦଘାଟନ ହେବ ନୂତନ ପାମ୍ବନ ରେଳ ସେତୁ

ଭୁବନେଶ୍ୱର,୫।୪

ଭାରତୀୟ ରେଲୱର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ତାମିଲନାଡୁର ରାମେଶ୍ୱରମକୁ ସଂଯୋଗ କରୁଥିବା ନୂତନ ରେଳ ବ୍ରିଜ୍ 'ପାମ୍ବନ ରେଳ ସେତୁ'ର ଶୁଭାରମ୍ଭ ସୋମବାର ହେବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ତାମିଲନାଡୁ ଗସ୍ତକରି ମଧ୍ୟାହ୍ନ ପ୍ରାୟ ୧୨ ଘଟିକାରେ ନୂତନ ପାମ୍ବନ ରେଳ ସେତୁକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରିବା ସହ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ, ଯାହାକି ଭାରତର ପ୍ରଥମ ଭୂଲମ୍ବ ଲିଫ୍ଟ ସମୁଦ୍ର ସେତୁ ହେବ। ରୋଡ୍ ସେତୁରୁ ଏକ ଟ୍ରେନ୍ ଏବଂ ଏକ ଜାହାଜକୁ ପତାକା ଦେଖାଇ ପ୍ରାଧନମନ୍ତ୍ରୀ ସେତୁର କାର୍ଯ୍ୟକ୍ଷମତା ଦେଖିବେ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପରେ ଅପରାହ୍ନ ପ୍ରାୟ ୧୨:୪୫ ସମୟରେ ସେ ରାମେଶ୍ୱରମର ରାମନାଥସ୍ୱାମୀ ମନ୍ଦିରରେ



ଦର୍ଶନ ଏବଂ ପୂଜା କରିବେ। ସେହିପରି ରାମେଶ୍ୱରମରେ ଅପରାହ୍ନ ପ୍ରାୟ ୧:୩୦ ସମୟରେ ସେ ତାମିଲନାଡୁରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସକରି ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ।

ପ୍ରଧାନମନ୍ତ୍ରୀ ନୂତନ ପାମ୍ବନ ରେଳ ସେତୁର ଉଦ୍‌ଘାଟନ କରିବା ଅବସରରେ ରାମେଶ୍ୱରମ-ତାମ୍ବରମ (ଚେନ୍ନାଇ) ନୂତନ ଟ୍ରେନ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ସେତୁର ଏକ ଗଭୀର ସାଂସ୍କୃତିକ ମହତ୍ତ୍ୱ ରହିଛି। ରାମାୟଣ ଅନୁସାରେ ରାମସେତୁର ନିର୍ମାଣ ରାମେଶ୍ୱରମ୍ ନିକଟସ୍ଥ ଧନୁଷ୍‌କୋଡିରୁ ଆରମ୍ଭ ହୋଇଥିଲା। ରାମେଶ୍ୱରମକୁ ମୁଖ୍ୟ ଭୂମି ସହ ସଂଯୋଗ କରୁଥିବା ଏହି ସେତୁ, ବିଶ୍ୱସ୍ତରରେ ଭାରତୀୟ ଇଞ୍ଜିନିୟରିଂର ଏକ ଉଲ୍ଲେଖନୀୟ ସଫଳତା ଭାବେ ଠିଆ ହୋଇଛି। ବିଶେଷକରି ଏହା ୫୫୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚରେ ନିର୍ମିତ ହୋଇଛି। ଏହାର ଲମ୍ବ ୨.୦୮ କିଲୋମିଟର ହୋଇଥବଲାବେଳେ ଏଥିରେ ୯୯ଟି ସ୍ପାନ୍ ଏବଂ ୭୨.୫ ମିଟର ଭୂଲମ୍ବ ଲିଫ୍ଟ ସ୍ପାନ୍ ରହିଛି, ଯାହା ୧୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉପରକୁ ଉଠିଥାଏ,ଯାହା ଜାହାଜଗୁଡ଼ିକର ସୁଗମ ଗତିକୁ ସହଜ କରିବା ସହ ସୁଗମ ଟ୍ରେନ୍ ପରିଚାଳନାକୁ ସୁନିଶ୍ଚିତ କରିଥାଏ। ଷ୍ଟେନ୍‌ଲେସ୍ ଷ୍ଟିଲ୍ ଦୃଢ଼ୀକରଣ, ଉଚ୍ଚ-ଗ୍ରେଡ୍ ସୁରକ୍ଷାତ୍ମକ ରଙ୍ଗ ଏବଂ ସମ୍ପୂର୍ଣ୍ଣ ୱେଲ୍ଡିଂ ସନ୍ଧି ସହ ନିର୍ମିତ ଏହି ସେତୁର ସ୍ଥାୟିତ୍ୱ ବୃଦ୍ଧି ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତା ହ୍ରାସ ପାଇଛି। ଭବିଷ୍ୟତର ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ଦୋହରୀକରଣ ରେଳ ଟ୍ରାକ୍ ପାଇଁ ଡିଜାଇନ କରାଯାଇଛି। ଏକ ସ୍ୱତନ୍ତ୍ର ପଲିସିଲୋକ୍ସେନ ଆବରଣ ଏହାକୁ କ୍ଷୟରୁ ରକ୍ଷା କରିଥାଏ, କଠୋର ସାମୁଦ୍ରିକ ପରିବେଶରେ ଦୀର୍ଘସ୍ଥାୟିତା ସୁନିଶ୍ଚିତ କରିଥାଏ।

ପ୍ରଧାନମନ୍ତ୍ରୀ ତାମିଲନାଡୁରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ଏହି ପ୍ରକଳ୍ପଗୁଡ଼ିକରେ ଏନ୍‌ଏମ୍-୪୦ର ୨୮ କିଲୋମିଟରର ଲମ୍ବ ୱାଲାଜାପେଟ-ରାନିପେଟ ସେକ୍ସନର ୪ଲେନ୍ ପାଇଁ ଭିତ୍ତିପ୍ରସ୍ତର ଏବଂ ଏନ୍‌ଏଚ୍-୩୩୨ର ୨୯କିଲୋମିଟର ଲମ୍ବ ଭିଲୁପୁରମ-ପୁଡୁଚେରୀ ସେକ୍ସନର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ ଅନ୍ତର୍ଭୁକ୍ତ ରହିଛି। ଏହା ବ୍ୟତୀତ ୫୭ କିଲୋମିଟର ଲମ୍ବ ପୁଣ୍ଡିଆଙ୍କୁପ୍ପମ୍-ସତ୍ତାନାଥପୁରମ୍ ସେକ୍ସନ୍ ଏନ୍‌ଏଚ୍-୩୨ ଏବଂ ୪୮କିଲୋମିଟର ଲମ୍ବ ଚୋଳାପୁରମ୍-ତାଞ୍ଜାଭୁର୍ ସେକ୍ସନ୍ ଏନ୍‌ଏଚ୍-୩୬ ର ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

## ପେଟିଏମ୍ ମହାକୁମ୍ଭ ସାଉଣ୍ଡ ବକ୍ସର ଶୁଭାରମ୍ଭ

ଭୁବନେଶ୍ୱର,୫।୪

ଭାରତର ଅଗ୍ରଣୀ ପେମେଣ୍ଟ ଏବଂ ଆର୍ଥିକ ସେବା ବଣ୍ଟନ କମ୍ପାନୀ ତଥା ମୋବାଇଲ ପେମେଣ୍ଟ, କ୍ୟୁଆର୍ କୋଡ୍ ଏବଂ ସାଉଣ୍ଡ ବକ୍ସ ପ୍ରଯୁକ୍ତିର ପ୍ରବର୍ତ୍ତକ ପେଟିଏମ୍ (ୱାନ୍ ୯୭ କମ୍ୟୁନିକେଶନ୍ସ ଲିମିଟେଡ୍)ର ନୂତନ ଉତ୍ପାଦ 'ମହାକୁମ୍ଭ ସାଉଣ୍ଡବକ୍ସ'କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ପେଟିଏମ୍ ଡିଜିଟାଲ ସ୍କ୍ରିନ୍‌ରେ ତୁରନ୍ତ ପେମେଣ୍ଟ ଆଲର୍ଟ ଏବଂ ରିଅଲ୍-ଟାଇମ୍ ଟ୍ରାକିଂ ସହିତ ବ୍ୟବସାୟୀ ଅଂଶୀଦାରମାନଙ୍କୁ ସଶକ୍ତ କରିବା ପାଇଁ ମେଡ୍-ଇନ୍-ଇଣ୍ଡିଆ ପେଟିଏମ୍ ମହାକୁମ୍ଭ ସାଉଣ୍ଡବକ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ପେଟିଏମ୍‌ର ବିସ୍ତାରିତ ସାଉଣ୍ଡବକ୍ସ ପରିସରର ସଦ୍ୟତମ ଯୋଡ଼ି ଏବଂ ଏହି ୪ଜି-ସକ୍ଷମ ଡିଭାଇସ୍ ବ୍ୟବସାୟଗୁଡ଼ିକୁ ସହଜରେ ପେମେଣ୍ଟ ଟ୍ରାକ୍ କରିବା ଓ କାରବାର ଦୃଶ୍ୟମାନତାକୁ ଉନ୍ନତ କରିବାରେ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.01-SBP-TRD-OT-2025-26, ତା.01.04.2025ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଜୁଜୁମୁରା-କେରେଜାଙ୍ଗ ସେକ୍ସନରେ କି.ମି.75/1-23 ସ୍ଥିତ କର୍ଭ ନଂ.36 UP ଏବଂ କି.ମି.75/24-2 ସ୍ଥିତ କର୍ଭ ନଂ.37 DN ରେ ସ୍ଥାୟୀ ଗତି ପ୍ରତିବନ୍ଧକ (PSR) ର ଅପସାରଣ ସମ୍ବନ୍ଧୀୟ P.Way କାର୍ଯ୍ୟ ସମ୍ପର୍କିତ TRD ସହିତ ଜଡ଼ିତ କାର୍ଯ୍ୟ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 61,69,986.30, EMD (ଟଙ୍କାରେ) : 1,23,400/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.23.04.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-5/Q/25-26

# ରେକର୍ଡ ପରିମାଣର କୋଇଲା ଉତ୍ପାଦନ

ସମ୍ବଲପୁର,୫।୪(ବି.ଶଙ୍କର)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାନଦୀ କୋଲ ଫିଲଡ୍ସ ଲିମିଟେଡ୍ (ଏମସିଏଲ) ରେକର୍ଡ ପରିମାଣର କୋଇଲା ଉତ୍ପାଦନ କରିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍‌ସିଏଲ୍ ମୋଟ ୨୨୫.୨ ନିୟୁତ ଟନ୍ କୋଇଲା ଉତ୍ପାଦନ କରି ନୂଆ ମାଇଲ୍‌ଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଉତ୍ପାଦନ ୯% ବୃଦ୍ଧି ଘଟିଛି। ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରି ଏମ୍‌ସିଏଲ ସର୍ବକାଳୀନ ସର୍ବାଧିକ ୨୧୦.୫ ମେଟ୍ରିକ ଟନ କୋଇଲା ପ୍ରେରଣ କରିବାରେ ରେକର୍ଡ କରିଛି ଯାହା ୨୦୨୩ -୨୪ ଆର୍ଥିକ ବର୍ଷ ତୁଳନାରେ ୬ ପ୍ରତିଶତ ଅଭିବୃଦ୍ଧିକୁ ପ୍ରତିଫଳିତ କରିଛି । ସେହିପରି ବିଦ୍ୟୁତ କ୍ଷେତ୍ରକୁ କୋଇଲା ପ୍ରେରଣ ମଧ୍ୟ ଆର୍ଥିକ ବର୍ଷ ୨୦୨୪ରେ ୧୫୦ ନିୟୁତ ଟନରୁ ୨୦୨୫ ଆର୍ଥିକ ବର୍ଷରେ ୫% ହାରରେ ୧୫୮ ନିୟୁତ ଟନକୁ ବୃଦ୍ଧି ପାଇଛି। ଏମସିଏଲ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୩୮ ନିୟୁତ ଘନ ମିଟର ଅଧିକ ମାଲ ଅପସାରଣରେ ୨୨ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏହାଦ୍ୱାରା ଚଳିତ ଆର୍ଥିକ ବର୍ଷରେ କମ୍ପାନୀକୁ କୋଇଲା ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଆର୍ଥିକ ବର୍ଷ ୨୦୨୪-୨୫ ସାମଗ୍ରିକ ଭାବରେ କମ୍ପାନୀ ପାଇଁ ସଫଳତାର ବର୍ଷ ରହିଥିଲା। କୋଇଲା ଉତ୍ପାଦନ, ପ୍ରେରଣ ଏବଂ ଓଭରବର୍ଡେନ ଅପସାରଣ ଭଳି ତିନୋଟି କାର୍ଯ୍ୟ ଦକ୍ଷତା ପାରାମିଟରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି । ଏମ୍‌ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏହି ସଫଳତା ପାଇଁ ଅଧିକାରୀ, କର୍ମଚାରୀ, ଚୁକ୍ତିବଦ୍ଧ କମ୍ପାନୀଗୁଡ଼ିକର କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସମାଜର ସାମାଜିକ ଏବଂ ଆର୍ଥିକ ଉନ୍ନତି ପାଇଁ, ବିଶେଷ ଭାବେ କୋଇଲା କ୍ଷେତ୍ରର ଦୁର୍ଗମ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ, ବିଭିନ୍ନ ସିଏସଆର ପଦକ୍ଷେପ ଅଧିନରେ ଏମ୍‌ସିଏଲ ଓଡ଼ିଶାରେ ସର୍ବାଧିକ ସିଏସ୍‌ଆର ଖର୍ଚ୍ଚକାରୀ କମ୍ପାନୀ।

# ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୫।୪ (ଅଭୟ ଦାଶ)

ଅନିଲ ଅଗ୍ରୱାଲ ଫାଉଣ୍ଡେଶନ (ଏଏଏଫ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଏଏଏଫ୍‌ର ପ୍ରମୁଖ ପ୍ରକଳ୍ପ 'ନନ୍ଦଘର'ର ଉଲ୍ଲେଖନୀୟ ସଫଳତା ସହ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ସେହିଭଳି ୧୫ ରାଜ୍ୟରେ ମୋଟ ୮୦୪୪ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ଥିଲା ବେଳେ ଉକ୍ତ କେନ୍ଦ୍ରକୁ ଫାଉଣ୍ଡେଶନ ମହିଳା ଏବଂ ଶିଶୁଙ୍କ ପାଇଁ ସାମଗ୍ରିକ ବିକାଶର ଏକ ଆଧୁନିକ କେନ୍ଦ୍ରର ପରିଣତ କରିଛି। ଏପରିକି ଭାରତର ୧୫ଟି ରାଜ୍ୟରେ ବିସ୍ତାରିତ ଏହି ସମ୍ପ୍ରସାରଣ ବେଦାନ୍ତର ଗ୍ରାମୀଣ ବିକାଶ ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ଏହା ୩ଲକ୍ଷରୁ ଅଧିକ ଶିଶୁ ଏବଂ ୨ଲକ୍ଷ ମହିଳାଙ୍କୁ ପ୍ରାରମ୍ଭିକ ଶୈଶବ ଶିକ୍ଷା, ପୁଷ୍ଟିସାର, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶରେ ପ୍ରଭାବିତ କରୁଛି।

ଏ ସମ୍ପର୍କରେ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ଅଧ୍ୟକ୍ଷା ଏବଂ ବେଦାନ୍ତ ଲିମିଟେଡ୍‌ର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ ହେବ୍ବର କହିଛନ୍ତି, ୮,୦୦୦ରୁ ଅଧିକ ନନ୍ଦଘର ନିର୍ମାଣର ଯାତ୍ରା ତୃଣମୂଳ ସ୍ତରରେ ଜୀବନ ପରିବର୍ତ୍ତନ କରିବା ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହି କେନ୍ଦ୍ରଗୁଡ଼ିକ କେବଳ ପୁନଃ କଳ୍ପିତ




ଅଙ୍ଗନୱାଡି ନୁହେଁ, ଏହା ସୁଯୋଗର ସ୍ଥାନ। ସେଠାରେ ପିଲାମାନେ ଶିଖନ୍ତି, ବଢ଼ିବେ ଏବଂ ଉନ୍ନତି କରିବେ। ମହିଳାମାନେ ମଧ୍ୟ ଏଠାରେ ସଶକ୍ତ, ଆତ୍ମନିର୍ଭରଶୀଳ ଜୀବନଯାପନ କରିବା ପାଇଁ ଉପକରଣ ପାଇବେ। ନନ୍ଦଘର କିପରି ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହେଉଛି-ଯାହା ପ୍ରକୃତ ପରିବର୍ତ୍ତନ ସୃଷ୍ଟି କରୁଛି,ତାହା ଦେଖିବା ଅବିଶ୍ୱସନୀୟ। ସରକାର ଏବଂ ମହିଳା ତଥା ଶିଶୁ ବିକାଶ ମନ୍ତ୍ରଣାଳୟ ସହ ଆମର ସହଭାଗିତା ଏହି ମିଶନକୁ ମଜଭୁତ କରିଚାଲିଛି। ଆମକୁ ଉଦ୍ଦେଶ୍ୟ ସହିତ ବୃଦ୍ଧି କରିବାରେ ଏବଂ ସମଗ୍ର ଭାରତରେ ସମ୍ପ୍ରଦାୟରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରୁଛି। ନନ୍ଦଘର ପ୍ରକଳ୍ପର ସିଇଓ ଶଶି ଆରୋରା କହିଛନ୍ତି, ନନ୍ଦଘର ଦ୍ୱାରା ଆମେ ସାମଗ୍ରିକ ସମ୍ପ୍ରଦାୟ ବିକାଶ ପାଇଁ ପ୍ରତିବଦ୍ଧ, ଯେଉଁଠାରେ ପ୍ରଭାବ କେବଳ ସଂଖ୍ୟାରେ ନୁହେଁ ବରଂ ଆମେ ପରିବର୍ତ୍ତନ କରୁଥିବା ଜୀବନରେ ମପାଯାଏ। ସ୍ମାର୍ଟ ଶିକ୍ଷଣ, ଡିଜିଟାଲ ଉପକରଣ ଏବଂ ସ୍ଥାୟୀ ପୁଷ୍ଟିସାର କାର୍ଯ୍ୟକ୍ରମଗୁଡ଼ିକୁ ଏକୀକୃତ କରି ଆମେ ଭାରତରେ ଅଙ୍ଗନୱାଡି ଇକୋସିଷ୍ଟମକୁ ପୁନଃ ପରିଭାଷିତ କରିଛୁ।

**ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ, ଗଞ୍ଜାମ**

ବିଜ୍ଞାପନ

୧) କୃଷିଜାତ ଦ୍ରବ୍ୟ ସଠିକ ବିପଣନ ନିମନ୍ତେ ବଜାର ପ୍ରାଙ୍ଗଣ, କୃଷକ ବଜାର ଓ ବିପଣନ ସୌଧମାନ ସ୍ଥାପନ କରି ଚାଷୀ, ବ୍ୟବସାୟୀ ଓ ସାଧାରଣ ଖାଉଟିମାନଙ୍କ ଉପଯୋଗୀ ନିମନ୍ତେ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା।
୨) କୃଷିଜାତ ଦ୍ରବ୍ୟର ସଠିକ ସଂରକ୍ଷଣ ନିମନ୍ତେ ଗୋଦାମ ଗୃହ ନିର୍ମାଣ ସହିତ ଓ ମୁଖ୍ୟ ବଜାର ପ୍ରାଙ୍ଗଣ ହିଞ୍ଜିଳିକାଟୁ ଠାରେ ଦୁଇ ଗୋଟି, ଛତ୍ରପୁର ଉପ-ବଜାର ପ୍ରାଙ୍ଗଣରେ ୪ ଗୋଟି ଓ ହରିପୁର ବୁରୁଡ଼ି ଉପ-ବଜାର ପ୍ରାଙ୍ଗଣରେ ୨ ଗୋଟି ସୌରଚାଳିତ ଶୀତଳୀକରଣ ପ୍ରକୋଷ୍ଠ ସ୍ଥାପନ କରାଯାଇଅଛି।
୩) କୃଷିଜାତ ଦ୍ରବ୍ୟର ସଠିକ ଓଜନ ଓ ଉଚିତ ମୂଲ୍ୟ ପ୍ରାପ୍ୟରେ କୃଷକ ଭାଇମାନଙ୍କୁ ସହଯୋଗ କରିବା।
୪) ଚାଷୀଙ୍କଠାରୁ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରମାନଙ୍କରେ ସରକାରୀ ଦରରେ ସିଧାସଳଖ ଧାନ କ୍ରୟ କରିବା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମିର ସୁବ୍ୟବସ୍ଥା କରିବା।
୫) ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ ମାନ ନିରୂପଣ କରିବା ନିମନ୍ତେ ଚାଷୀ ଓ ବ୍ୟବସାୟୀମାନଙ୍କୁ ବିଭିନ୍ନ ସମୟରେ ତାଲିମ ଓ ସଚେତନତା ଶିବିରରେ ଆୟୋଜନ ଦ୍ୱାରା କୁଶଳୀ କରାଇବା।
୬) ମଣ୍ଡି ସ୍ତରରେ ଇ-ନାମ (e-NAM) ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ ବିପଣନ ଓ ଉପଯୁକ୍ତ ମୂଲ୍ୟ ପ୍ରଦାନ ନିମନ୍ତେ ସୁବ୍ୟବସ୍ଥା କରିବା।
୭) ମାଇକ ପ୍ରଚାର ମାଧ୍ୟମରେ ପ୍ରତ୍ୟେକ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ଚାଷୀ ଭାଇମାନେ ସେମାନଙ୍କ ନାମକୁ ନିକଟସ୍ଥ ସେବା ସମବାୟ ସମିତିରେ ପଞ୍ଜୀକରଣ କରିବା ସହ ଧାନର ଦର ଓ F.A.Q ମାନ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା।

ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ସ୍ୱା/- ଉପ-ଜିଲ୍ଲାପାଳ, ଛତ୍ରପୁର ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

No. T-


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା 07/04/2025 ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0083/2425

# ଘିବ୍‌ଲି ନିଶା



**ବର୍ତ୍ତମାନ ସୋସିଆଲ୍ ମିଡିଆ ଖୋଲିବାମାତ୍ରେ ସବୁଠୁ ଅଧିକ ଦେଖିବାକୁ ମିଳୁଛି ଘିବ୍‌ଲି ଇମେଜ୍, ଯାହା ବେଶ୍ ଭାଇରାଲ୍ ବି ହେଉଛି; ଯାହାର କ୍ରେଜ୍ ଯୁବପିଢ଼ିଙ୍କ ମଧ୍ୟରେ ସବୁଠୁ ଅଧିକ। ଘିବ୍‌ଲି ଆର୍ଟର ବୈଶିଷ୍ଟ୍ୟ ହେଉଛି ଏଥିରେ ରହିଥିବା ସୂକ୍ଷ୍ମ ଡିଜାଇନ, ସୁନ୍ଦର ପ୍ରକୃତି ଚିତ୍ରଣ, ଓ ମନୋହର ଫାଣ୍ଟାସି ଦୃଶ୍ୟାବଳୀ। ହେଲେ ଆପଣ ଜାଣନ୍ତିକି ନିଜ ଫଟୋର ଏହି ଘିବ୍‌ଲି ଭର୍ସନ ଯଦିଓ ଦେଖିବାକୁ ଖୁବ୍ ଆକର୍ଷଣୀୟ, କିନ୍ତୁ ଏହାଦ୍ୱାରା ପରେ ବିଭିନ୍ନ ସମସ୍ୟାକୁ ଏଡାଇ ଦିଆଯାଇ ନ ପାରେ...**

ବର୍ତ୍ତମାନ ସାଧାରଣ ଲୋକଙ୍କଠୁ ନେତା, ମନ୍ତ୍ରୀ ଅବା ସେଲିବ୍ରିଟି ସଭିଙ୍କୁ ଘାରିଛି ଘିବ୍‌ଲି ନିଶା। ନିଜ ଫଟୋକୁ ଚାଟ୍‌ଜିପିଟି ହେଉ କିମ୍ବା ଅନ୍ୟ ଏଆଇ ଫଟୋ ଏଡିଟିଂ ଆପ୍ ବ୍ୟବହାର କରି ସୁନ୍ଦର ଓ ମନଲୋଭା କାର୍ଟୁନ୍ ଫଟୋ ଜେନେରେଟ୍ କରି ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରୁଛନ୍ତି। ଏହି ଘିବ୍‌ଲି ଟ୍ରେଣ୍ଡ ବର୍ତ୍ତମାନ ଯେତେ ଅଧିକ ଭାଇରାଲ୍ ହେଉଛି, ଏହାଦ୍ୱାରା ଭବିଷ୍ୟତରେ ବିଭିନ୍ନ ସମସ୍ୟା ଉପୁଜିପାରେ ବୋଲି ମଧ୍ୟ ସାଇବର ଏକ୍ସପର୍ଟମାନଙ୍କଠାରୁ ବିଭିନ୍ନ ସତର୍କ ସୂଚନା ପ୍ରାପ୍ତ ହେଉଛି। ତେବେ ଏଭଳି ଫଟୋ ଏଡିଟ୍ କରିବାରେ ପୁଣି କ'ଣ ସମସ୍ୟା ଉପୁଜିପାରେ ! ଏଭଳି ପ୍ରଶ୍ନ ଅନେକଙ୍କ ମନକୁ ଆସୁଥିବ ନିଶ୍ଚୟ।







ତେବେ ଜାଣିବା ଏହା ସମ୍ପର୍କରେ...

– ଜାପାନୀ ଆନିମେଶନ୍ ଦୁନିଆର ବାଦଶାହ ଭାବେ ପରିଚିତ ହାୟାଓ ମିୟାଜାକି କାର୍ଟୁନ୍ ଫିଲ୍ମ ଏବଂ ଭିଡିଓ ପ୍ରସ୍ତୁତ କରିବା ଲାଗି ଇଜାଓ ତାକାହାତାଙ୍କ ସହ ମିଶି ଏହି ଘିବ୍‌ଲି ଷ୍ଟୁଡିଓ ଆରମ୍ଭ କରିଥିଲେ। ଏଭଳି ଭିଡିଓ ପ୍ରସ୍ତୁତ କରିବାକୁ ବହୁତ ପରିଶ୍ରମ ଲାଗୁଥିବା ବେଳେ ବର୍ତ୍ତମାନ ଏଆଇ ମାଧ୍ୟମରେ ମାତ୍ର କିଛି କ୍ଷଣ ମଧ୍ୟରେ ଯେକୌଣସି ଫଟୋ ଘିବ୍‌ଲି ଫର୍ମାଟ୍‌କୁ କନ୍‌ଭର୍ଟ ହୋଇଯିବାକୁ ସେ ନାପସନ୍ଦ କରିଥିଲେ। ଏହାଦ୍ୱାରା ପରିଶ୍ରମ କରିବା ବଦଳରେ ମଣିଷ ଏଆଇ ଉପରେ ନିର୍ଭର କରି ଅଳସୁଆ ହୋଇଯାଉଥିବା ବେଳେ ଏହାଦ୍ୱାରା ପ୍ରକୃତ ଆନିମେଶନ୍ ଏଡିଟିଂର ଗୁଣବତ୍ତା ହ୍ରାସ ପାଉଥିବା ବି ସେ ପ୍ରକାଶ କରିଥିଲେ।

– ସାଇବର୍ ଏକ୍ସପର୍ଟଙ୍କ ମତରେ, ଏହି ଘିବ୍‌ଲି ଟ୍ରେଣ୍ଡରେ ସାମିଲ ହୋଇଥିବା ଫଟୋଗୁଡ଼ିକରେ ପ୍ରାଇଭେସି ନଷ୍ଟ ହୋଇପାରେ। ଅର୍ଥାତ୍ ସମସ୍ତ ପର୍ସନାଲ୍ ଫଟୋ ଏଆଇ ଦ୍ୱାରା ସଂଗୃହୀତ ହେବା ଦ୍ୱାରା ପରବର୍ତ୍ତୀ ସମୟରେ ଏହାର ଅପବ୍ୟବହାର ହୋଇପାରେ।

– ଯେହେତୁ ଘିବ୍‌ଲି ଷ୍ଟାଇଲ୍ ଫଟୋ ଏଆଇ ଦ୍ୱାରା ପ୍ରସ୍ତୁତ ହେଉଛି, ତେଣୁ ଏହି ନକଲି ଫଟୋକୁ ବ୍ୟବହାର କରି ଭୁଲ୍ ଖବର ପ୍ରଚାର ମଧ୍ୟ କରାଯାଇପାରେ, ଯଦ୍ୱାରା ଅନେକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।



– ସାଇବର ଅପରାଧୀ ଏହି ଡିଜିଟାଲ୍ ଆର୍ଟକୁ ମୋଡିଫାଏ କରି ଫେକ୍ ପ୍ରୋଫାଇଲ୍, ଫଟୋ କରି ବିଭିନ୍ନ ଭୁଲ୍ ତଥ୍ୟ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ପାରନ୍ତି। କେବଳ ଏତିକି ନୁହେଁ ଫଟୋ ପାଇଁ ଫୋନ୍ ଆକ୍ସେସ୍ ପରମିଶନ୍ ଥିବାରୁ ଏହାଦ୍ୱାରା ବ୍ୟାଙ୍କ୍ ଡିଟେଲ୍ସ ଭଳି ବିଭିନ୍ନ ପର୍ସନାଲ୍ ଡାଟା ହ୍ୟାକ୍ କରି ଅନ୍ୟକୁ ଠକିବା ମଧ୍ୟ ସେମାନଙ୍କ ପାଇଁ ସହଜ ହୋଇପାରିବ।

– ଚାଟ୍‌ଜିପିଟିରେ ପ୍ରସ୍ତୁତ ହେଉଥିବା ଫଟୋକୁ ପରେ ଡିପ୍‌ଫେକ୍ ଟେକ୍‌ନିକ୍ ଦ୍ୱାରା ଯୋଡ଼ି ଫେକ୍ ଆନିମେଶନ୍ ପ୍ରସ୍ତୁତ କରାଯାଇପାରେ। ଏହାକୁ ନେଇ ଫିସିଂ ଆଟାକ୍ କରିବା ଉଦ୍ଦେଶ୍ୟରେ ନକଲି ପ୍ରୋଫାଇଲ୍ ଏବଂ ଇମେଜ୍ ପ୍ରସ୍ତୁତ କରି କିମ୍ବା, ଅନ୍ୟକୁ ଠକିବା ଭଳି ଘଟଣା ବି ଉପୁଜିପାରେ। ଏଥିପାଇଁ ସର୍ବଦା ସତର୍କ ରହିବା ଆବଶ୍ୟକ।

– ପୌର୍ଣ୍ଣମାସୀ

## କ'ଣ କୁହନ୍ତି ଏମାନେ...



**ସୁଚିସ୍ମିତା ପଣ୍ଡା**(ଭୁବନେଶ୍ୱର)–ଏବେ ଯୁଗ ହେଉଛି ଏଆଇର। ଆମ ଦୈନନ୍ଦିନ ଜୀବନରେ ଏଆଇର ଉପଯୋଗ ବ୍ୟାପକ ଭାବେ ବୃଦ୍ଧି ପାଇଛି। ଏହି ଆଧୁନିକ ଯୁଗରେ, ଘିବ୍‌ଲି ଶୈଳୀର କାର୍ଟୁନ ଆନିମେସନ ଏକ ନୂତନ ଟ୍ରେଣ୍ଡ ହୋଇଯାଇଛି, ଯାହା ଏଆଇ ଦ୍ୱାରା ତିଆରି ହୋଇଛି। ଏହା ଦେଖିବାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ମନମୋହକ। ମୋ ଚାରିପାଖରେ ଅନେକ ଲୋକ ଏହି ଟ୍ରେଣ୍ଡକୁ ଅନୁସରଣ କରୁଛନ୍ତି। ତାଙ୍କର ପ୍ରୋଫାଇଲ ଫଟୋ, ବ୍ୟାକଗ୍ରାଉଣ୍ଡ ଇମେଜ ସବୁଠାରେ କାର୍ଟୁନ ଆର୍ଟ ଘିବ୍‌ଲି ଶୈଳୀର ପ୍ରଭାବ ଦେଖାଯାଉଛି। ଯଦିଓ ଏହି ଆର୍ଟ ଆକର୍ଷଣୀୟ, କିନ୍ତୁ ଏହା ଭବିଷ୍ୟତରେ ଅସୁବିଧାରେ ପକାଇପାରେ ବୋଲି କିଛି ଲୋକ ବ୍ୟକ୍ତ କରିଛନ୍ତି। ତେଣୁ ଆମେ ଏହାକୁ ବ୍ୟବହାର କରିବା ବେଳେ ସତର୍କ ରହିବା ଆବଶ୍ୟକ।



**ଗୋପାଳ କୃଷ୍ଣ ପ୍ରଧାନ**(ଉଇଲକିଶନ ନଗର, ଖୋର୍ଦ୍ଧା)–ଚାଟ୍‌ଜିପିଟିରେ ଫଟୋ ଅପ୍‌ଲୋଡ୍ କରି ନିଜର ଘିବ୍‌ଲି କାର୍ଟୁନ ଚିତ୍ର ପ୍ରସ୍ତୁତ କରି ଅନେକେ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରୁଥିବା ଦେଖି ମୋର ମଧ୍ୟ ଆଗ୍ରହ ବଢିଥିଲା। ମୁଁ ବି ନିଜ ଘିବ୍‌ଲି ଫଟୋ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲି। ତେବେ ଏଭଳି ଫଟୋ ଅପଲୋଡ କରିବା ଦ୍ୱାରା ବ୍ୟକ୍ତିଗତ ତଥ୍ୟ ଚୋରି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାରି ମାଧ୍ୟମରେ ବ୍ୟାଙ୍କର ଗୋପନୀୟ ତଥ୍ୟ ଚୋରି କରି ସାଇବର ଠକେଇ ଶିକାର ଆଶଙ୍କା ରହିଥିବା ଜାଣିବା ପରେ ଭୟଭିତ ହୋଇ ପଡିଥିଲି। ଏ ସମ୍ପର୍କରେ ସାଇବର ଏକ୍ସପର୍ଟଙ୍କ ସହ ଆଲୋଚନା ପରେ ଏହାକୁ ଆକାଉଣ୍ଟରୁ ଡିଲିଟ କରିବା ସହ ଫୋନରୁ ଉକ୍ତ ଆପ୍‌କୁ ଅନଇନଷ୍ଟଲ କରିଛି।

## ଏ ସପ୍ତାହର ପ୍ରଶ୍ନ

୧– କରିମ୍ପୁଝା ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ .......... ରାଜ୍ୟରେ ଅବସ୍ଥିତ ?
୨– ସାରୁଲ୍ ପର୍ବ ଭାରତର..............ରାଜ୍ୟରେ ପାଳନ କରାଯାଏ ?
୩– ଏସିଆ କପ୍ ହକି–୨୦୨୫ ........ ରାଜ୍ୟରେ ଖେଳାଯିବ ?
୪– ଗୁରୁ ନାନକଙ୍କ ଜନ୍ମସ୍ଥାନ .............. ?
୫– ସନ୍ଥ କବୀର ଆୱାର୍ଡ .............. କ୍ଷେତ୍ରରେ ପ୍ରଦାନ କରାଯାଏ ?

## ଗତ ଥରର ଉତ୍ତର

୧ ପଞ୍ଜାବ
୨ ମିନିଷ୍ଟ୍ରି ଅଫ୍ ଫାଇନାନ୍ସ
୩ ନାଗାଲାଣ୍ଡ, ମିଜୋରାମ, ମଣିପୁର, ଆସାମ
୪ ସେଣ୍ଟ୍ରାଲ୍ କୁ ଅଥରିଟି
୫ କ୍ରିକେଟ୍

## ଉତ୍ତରଦାତା



ଶେଖ୍ ୟାକୁବ୍ ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର

## ଟପ୍ ୧୦

### ପୃଥିବୀର ସର୍ବପୁରାତନ ଦେଶ

୧.............................ଫ୍ରାନ୍ସ
୨............................. ସ୍ୟାନ୍ ମ୍ୟାରିନୋ
୩............................. ପର୍ତ୍ତୁଗାଲ
୪............................. ଗ୍ରୀସ୍
୫............................. ଇଥିଓପିଆ
୬ ............................. ଜାପାନ
୭ ............................. ଚାଇନା
୮ ............................. ଆର୍ମେନିଆ
୯ ............................. ଇରାନ
୧୦ ............................. ଇଜିପ୍ଟ

## ୟୁଥ୍ ଆଲର୍ଟ

# ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣୁଥିଲେ...

**ଏମିତିରେ ସୂର୍ଯ୍ୟକିରଣରୁ ଆଖିକୁ ସୁରକ୍ଷା ଦେବା ପାଇଁ ଅଧିକାଂଶ ସନ୍‌ଗ୍ଲାସ୍ ବ୍ୟବହାର କରିଥା'ନ୍ତି। ହେଲେ ବର୍ତ୍ତମାନ ଖରାର ପ୍ରଭାବ କ୍ରମଶଃ ବଢୁଥିବାରୁ ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି। ଆଉ ଅନେକେ ଏହାକୁ ଅନ୍‌ଲାଇନ୍‌ରେ କିଣୁଥିବା ବି ଦେଖିବାକୁ ମିଳୁଛି। ଯଦି ଆପଣ ବି ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣୁଛନ୍ତି, ତେବେ କେତୋଟି କଥା ପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ...**

▶▶ବର୍ତ୍ତମାନ ଛୋଟରୁ ବଡ଼ ପ୍ରତ୍ୟେକ ଜିନିଷ ଘରେ ବସି ଅନ୍‌ଲାଇନ୍‌ରେ ଅର୍ଡର କରିବା ଖୁବ୍ ସହଜ ହୋଇଯାଇଛି। ହେଲେ ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣିବା ଦ୍ୱାରା ବିଭିନ୍ନ ସମସ୍ୟା ଦେଖାଦେଇଥାଏ। କେବେକେବେ ଆଖିକୁ କମ୍ଫର୍ଟେବଲ୍ ହୋଇ ନ ଥାଏ ତ କେବେ ଏହାର ସାଇଜ୍ ବଡ଼ ହେବା କାରଣରୁ ଲଗାଇବା ବେଳେ ବାରମ୍ବାର ଖସି ପଡ଼ିଥାଏ। ତେଣୁ ଏହାକୁ କିଣିବା ବେଳେ ବିଶେଷ ଧ୍ୟାନ ଦେବା ଆବଶ୍ୟକ।

▶▶ପ୍ରଥମେ ନିଜ ମୁହଁର ଆକାର ପ୍ରତି ଧ୍ୟାନ ଦିଅନ୍ତୁ। ସେହି ଅନୁଯାୟୀ କେଉଁ ଚଷମା ଆପଣଙ୍କୁ ସୁଟ୍ କରିବ ଅର୍ଡର କରନ୍ତୁ।

▶▶ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣିବା ବେଳେ ୧୦୦% ୟୁଭି ବ୍ଲକିଂ ବା ପ୍ରୋଟେକ୍ସନ୍ ଅଛି କି ନାହିଁ ପ୍ରଥମେ ଚେକ୍ କରନ୍ତୁ। ସେହିଭଳି କେତେକରେ ଲେଖାଥାଏ 'ୟୁଭି ଆବ୍‌ଜରପ୍ସନ୍ ଅପ୍‌ଟୁ ୪୦୦ଏନ୍‌ଏମ୍', ଯାହାକି ୧୦୦% ୟୁଭି ବ୍ଲକିଂ ସହିତ ସମାନ। ତେଣୁ ଏହାକୁ ଅର୍ଡର କରିପାରିବେ।

▶▶ଅନେକେ କେବଳ ଆଟ୍ରାକ୍ଟିଭ୍ ଡିଜାଇନ୍ ଦେଖି ସନ୍‌ଗ୍ଲାସ୍ ଅର୍ଡର କରିଦିଅନ୍ତି। ହେଲେ ଏପରି ନ କରି ଏହା ଆପଣଙ୍କ ଆଖିକୁ ଭଲ ଭାବେ ସନ୍‌ଲାଇଟ୍‌ରୁ ପ୍ରୋଟେକ୍ସନ ଦେଇପାରିବ କି ନାହିଁ ଚେକ୍ କରନ୍ତୁ। ଅଧିକ ଛୋଟ ଗ୍ଲାସ୍ ଥିବା ସନ୍‌ଗ୍ଲାସ୍ ଆଣିଲେ ଆଖିକୁ ସମ୍ପୂର୍ଣ୍ଣ ସୁରକ୍ଷା ମିଳିଥାଏ। ବିଶେଷକରି ଆଭିଏଟର୍ ମଡେଲ୍ ବା ରାପ୍‌ଆରାଉଣ୍ଡର ଭଳି ସନ୍‌ଗ୍ଲାସ୍‌ରେ ଖରାରେ ଆଖିକୁ ପୂରା ପ୍ରୋଟେକ୍ସନ ଦେବା ପାଇଁ ସବୁଠୁ ଭଲ ଅପ୍ସନ।

▶▶ଖୁବ୍ ଶସ୍ତା ଦେଖି ବା ଡିସ୍କାଉଣ୍ଟ ଲୋଭରେ ଯେକୌଣସି ଚଷମା କିଣିନେବା କିମ୍ବା ଅଧିକ ଟଙ୍କା ହୋଇଥିଲେ ଭଲ ଭାବି କିଣିନେବା ଭଳି ଭୁଲ୍ କରନ୍ତୁ ନାହିଁ। ବରଂ, ଆପଣଙ୍କ ଆବଶ୍ୟକତାକୁ ଦେଖି ସମସ୍ତ ଫିଚର୍ସ ଥିବା ସନ୍‌ଗ୍ଲାସ୍ ହିଁ କିଣନ୍ତୁ।



## ଜାଣନ୍ତୁ ଦୁନିଆ

# ନମ୍ବରପ୍ଲେଟ୍ ନ ଥିବା ଯାନ

**ଭାରତରେ ପ୍ରତ୍ୟେକ ଗାଡ଼ିରେ ଆର୍‌ଟିଓ ଦ୍ୱାରା ରେଜିଷ୍ଟ୍ରେଶନ୍ କରାଇ ନମ୍ବରପ୍ଲେଟ୍ ଲଗାଇବା ବାଧ୍ୟତାମୂଳକ। କାରଣ ଏହା ବିନା ଗାଡ଼ି ଚଳାଇଲେ ବେଆଇନ ଗାଡ଼ି ଭାବେ ଚାଲାଣ କଟିବା ସହ ଦଣ୍ଡିତ ମଧ୍ୟ କରାଯାଇଥାଏ। ହେଲେ ଆପଣ ଜାଣନ୍ତିକି ଭାରତରେ ଏମିତି କେତୋଟି ଗାଡ଼ି ଅଛି, ଯେଉଁଥିରେ ନମ୍ବରପ୍ଲେଟ୍ ଲଗାଇବାର ଆବଶ୍ୟକତା ପଡ଼ି ନ ଥାଏ। ଜାଣିବା ସେ ସମ୍ପର୍କରେ...**

▶▶ଭାରତର ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗାଡ଼ିକୁ ଆର୍‌ଟିଓ ରେଜିଷ୍ଟ୍ରେଶନ୍ କରାଇବା କିମ୍ବା ନମ୍ବରପ୍ଲେଟ୍ ଲଗାଇବାର ଆବଶ୍ୟକତା ନାହିଁ। ତାଙ୍କ ଗାଡ଼ିରେ ନମ୍ବରପ୍ଲେଟ୍ ସ୍ଥାନରେ ରାଷ୍ଟ୍ରୀୟ ପ୍ରତୀକ ଅଶୋକ ସ୍ତମ୍ଭ ରହିଥାଏ।

▶▶ଏହି ଗାଡ଼ି ପଞ୍ଜୀକରଣ ମୋଟର ବାହନ ଅଧିନିୟମ ୧୯୮୮ରେ କିମ୍ବା ପରିବହନ ମନ୍ତ୍ରଣାଳୟ ଅନ୍ତର୍ଭୁକ୍ତ ହୋଇ ନ ଥାଏ। କାରଣ ଏହି ବାହନଗୁଡ଼ିକର ଆର୍‌ଟିଓ ରେଜିଷ୍ଟ୍ରେଶନ୍ ବଦଳରେ ରାଷ୍ଟ୍ରପତି ଭବନ ରେକର୍ଡରେ ହିଁ ଅନ୍ତର୍ଭୁକ୍ତ କରାଯାଇଥାଏ।





▶▶ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ବ୍ୟବସ୍ଥା ରାଷ୍ଟ୍ରପତି ଭବନରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀଙ୍କ ନିୟନ୍ତ୍ରଣରେ ରହିଥାଏ। ଏହାର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଏବଂ ଚିହ୍ନଟ ପ୍ରକ୍ରିୟାକୁ ସାର୍ବଜନୀନ କରାଯାଇ ନ ଥାଏ। ଏହି ବ୍ୟବସ୍ଥା ରାଷ୍ଟ୍ରପତି ଭବନର ବିଶେଷ ପ୍ରୋଟକଲ୍ ଅନୁଯାୟୀ ହିଁ କରାଯାଇଥାଏ।

▶▶ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗାଡ଼ି ବ୍ୟତୀତ ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳମାନଙ୍କ ଗାଡ଼ିରେ ମଧ୍ୟ ନମ୍ବରପ୍ଲେଟ୍ ଲଗାଯାଇ ନ ଥାଏ। ଏଠାରେ ମଧ୍ୟ ଆର୍‌ଟିଓ ଦ୍ୱାରା ଗାଡ଼ି ନମ୍ବର ରେଜିଷ୍ଟ୍ରେଶନ୍‌ର ଆବଶ୍ୟକତା ନ ଥାଏ ଏବଂ ନମ୍ବରପ୍ଲେଟ୍ ବଦଳରେ ଅଶୋକ ସ୍ତମ୍ଭ ଲଗାଯାଇଥାଏ।

▶▶ଏହା ବ୍ୟତୀତ ବିଦେଶ ମନ୍ତ୍ରଣାଳୟ ଅଧୀନରେ ଥିବା କେତେକ ଭିଭିଆଇପି ଗାଡ଼ିରେ ନମ୍ବରପ୍ଲେଟ୍ ଲଗାଯାଇ ନ ଥାଏ, ଯାହାକି ଆମ ଦେଶକୁ ବିଶେଷ କରି ରାଷ୍ଟ୍ରପତି ଭବନକୁ ଆସୁଥିବା ବିଦେଶୀ ଅତିଥିଙ୍କୁ ନେବା ଆଣିବା, ବୁଲାଇବା ଆଦି କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ତେବେ ବ୍ରିଟିଶ୍ ସମୟରୁ ପ୍ରଚଳିତ ଥିବା ଏହି ଭିଭିଆଇପି କଲ୍ଚରକୁ ହଟାଯାଇ ସେହି ଗାଡ଼ିଗୁଡ଼ିକରେ ନମ୍ବରପ୍ଲେଟ୍ ଲଗାଯିବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଉଛି।

## ବେଆଇନ ଟ୍ରକ୍ ପାର୍କିଂ ପାଇଁ ଜରିମାନା

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ପୋଲିସ ଶନିବାର ୨୦ ନମ୍ବର ଜାତୀୟ ରାଜପଥର ଖୁଣ୍ଟୁଣୀ ଛକ ନିକଟରେ ବେଆଇନ ଭାବେ ଛିଡ଼ା ହୋଇଥିବା ୨୫ଟି ଟ୍ରକ୍‌କୁ ୫ ଲକ୍ଷ ୬୦ ହଜାର ଜରିମାନା କରିଛି। ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଜିଲା ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ ଟ୍ରକ୍‌ଗୁଡ଼ିକୁ ଜରିମାନା କରିଛନ୍ତି।

# ଆତ୍ମହତ୍ୟା ପୂର୍ବର ଭିଡିଓ, ଅଡିଓ ଭାଇରାଲ: ୨ ଗିରଫ

**ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଟ୍ରେନ୍ ଆଗକୁ ଡେଇଁ ସ୍ୱାମୀଙ୍କ ଆତ୍ମହତ୍ୟା ଘଟଣା**

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ସ୍ୱାମୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ନେଇ ଶନିବାର ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ କୁମାରବସ୍ତ ଗ୍ରାମର ରାମଚନ୍ଦ୍ର ବଡ଼ଜେନା। ଏନେଇ ମୃତକଙ୍କ ମା' ଇନ୍ଦୁମତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୪/୨୫) ରୁଜୁ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୃତକଙ୍କ ଶାଶୁ ଜଙ୍କିଆ ଥାନା ଅଧୀନ ନୂଆଗାଁର ସଞ୍ଜୁ ପାଢ଼ଣାଣି(୪୫) ଏବଂ ସ୍ତ୍ରୀ ରୁପାଲି ବଡ଼ଜେନା(୨୪)। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଆତ୍ମହତ୍ୟା ପୂର୍ବର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରୁଛନ୍ତି ବୋଲି ରାମଚନ୍ଦ୍ର କହିଛନ୍ତି। ଏଥିସହିତ ସେ ତାଙ୍କ ଶାଶୁ, ଶ୍ୱଶୁର, ଶାଳକ ଏବଂ ଦେଢ଼ଶାଶୁଙ୍କୁ ମଧ ଦାୟୀ କରିଛନ୍ତି।

ଶୁକ୍ରବାର ରାତିରେ ଜଙ୍କିଆ ଥାନା ଅଧୀନ ଡାପଙ୍ଗ-ଧଉଳିମୁହଁ ଷ୍ଟେସନ ରେଳ ଧାରଣାରେ ରାମଚନ୍ଦ୍ରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଥିଲା। ଖବରପାଇ ତାଙ୍କ ବଡ଼ଭାଇ ହୃଦାନନ୍ଦ ପହଞ୍ଚି ଡାପଙ୍ଗ ଷ୍ଟେସନ ମାଷ୍ଟରଙ୍କ ନିକଟରେ ଲିଖିତଭାବେ ଜଣାଇବା ପରେ ସେ ମୃତଦେହ ତାଙ୍କ ଭାଇର ବୋଲି ଚିହ୍ନଟ କରିଥିଲେ। ଖୋର୍ଦ୍ଧାରୋଡ୍ ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୫) ରୁଜୁକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ପୂର୍ବାହ୍ନରେ ପୁଣି ମୃତକଙ୍କ ମା' ଇନ୍ଦୁମତି ଏନେଇ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ରାମଚନ୍ଦ୍ର ଦୁଇବର୍ଷ ପୂର୍ବେ ରୁପାଲିଙ୍କୁ ବିବାହ କରିଥିଲେ। ତାଙ୍କର ବର୍ଷକର ଝିଅ ରହିଛି। ଗତ ୩ ମାସ ହେବ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଅନେକ ସମୟରେ ପାରିବାରିକ କଳହ ହେଉଥିଲା। ତେବେ ଝଗଡ଼ାର କାରଣ ପଚାରିବାରୁ ରାମଚନ୍ଦ୍ର କହିଥିଲେ, ବିବାହ ସମୟରେ ଶାଶୁ, ଶ୍ୱଶୁର ଏବଂ ଶାଳକ ତାଙ୍କଠାରୁ ୨୦ଲକ୍ଷ ଟଙ୍କା ନେଇଥିଲେ। ବ୍ୟବସାୟରେ କ୍ଷତି ହେବାରୁ ସେମାନଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। ତେବେ ଟଙ୍କା ଫେରାଇବା ପରିବର୍ତ୍ତେ ସେମାନେ



ରାମଚନ୍ଦ୍ର ବଡ଼ଜେନା। (ଫାଇଲ ଫଟୋ)

ମାନସିକ ନିର୍ଯାତନା ଦେଉଥିଲେ। ରାମଚନ୍ଦ୍ର ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଗତ ଜାନୁଆରୀ ୧୩ରେ ଶିଳ୍ପାଞ୍ଚଳ ଥାନାରେ ବୁଝାମଣା ହୋଇଥିଲା। ଆଉ ୨୦ଲକ୍ଷ ଟଙ୍କା ମାଗିଲେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ତୁମ ପରିବାରକୁ ଛାରଖାର କରିଦେବି, ତୁମକୁ ଏବଂ ଝିଅଙ୍କୁ ଜୀବନରେ ମାରିଦେବି ବୋଲି ଅନନ୍ତ ବାହା ହୋଇଥିବେ ବୋଲି ରୁପାଲି ବିଭିନ୍ନ ସମୟରେ ରାମଚନ୍ଦ୍ରଙ୍କୁ ଧମକ ଦେଉଥିଲେ। ଏପରିକି ଶାଶୁ, ଶ୍ୱଶୁର, ଶାଳକ, ଦେଢ଼ଶାଶୁ ମଧ ରାମଚନ୍ଦ୍ରଙ୍କୁ ଧମକ ଦେଉଥିଲେ। ଶୁକ୍ରବାର ଏକ ଫୋନ୍‌କଲରେ ତୁ ମରିଗୁ, ଜଲ୍‌ଦି ମର ବୋଲି କହୁଥିବା ଏକ ଅଡିଓ ହସ୍ତଗତ ହୋଇଛି। ସ୍ତ୍ରୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ରାମଚନ୍ଦ୍ର ଆତ୍ମହତ୍ୟା କରିଥିବା ତେବେ ଏଥିପାଇଁ ତାଙ୍କ ଶାଶୁ, ଶ୍ୱଶୁର, ଶଳା, ଦେଢ଼ଶାଶୁ ଦାୟୀ ବୋଲି ଇନ୍ଦୁମତି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏନେଇ ଥାନା ଅଧିକାରୀଣୀ ଗାୟତ୍ରୀ ମିଶ୍ର କୁହନ୍ତି, ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ତୁଳସୀ ଗଣନାଟ୍ୟ ମାଲିକଙ୍କ ନାଁରେ ଆକ୍ରମଣ ଅଭିଯୋଗ

- ବାଲିଚନ୍ଦ୍ରପୁର ଥାନାରେ ଏତଲା ଦେଲେ କମେଡିଆନ ନରି ପଣ୍ଡା
- ଅଭିଯୋଗକୁ ଅସ୍ୱୀକାର କଲେ ଯାତ୍ରା ମାଲିକ ଅନନ୍ତ ନାରାୟଣ ଧଳ

ଚଣ୍ଡିଖୋଲ,୫।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାତ୍ରାପାର୍ଟି ମାଲିକ ଓ କଳାକାରଙ୍କୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାତ୍ରା ଅଭିନେତା ପୀୟୂଷ ତ୍ରିପାଠୀଙ୍କ ବିବାଦ ପରେ ଏବେ କମେଡିଆନ ନରେନ୍ଦ୍ର ପଣ୍ଡା ଓରଫ୍ ନରିଙ୍କ ବିବାଦ ସାମ୍ନାକୁ ଆସିଛି। ଶନିବାର ନରି ପଣ୍ଡା ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚଳାଇଛି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ୨୦୨୫-୨୬ ଯାତ୍ରା ବର୍ଷରେ ତୁଳସୀ ଗଣନାଟ୍ୟରେ ଯୋଗଦେବା ପାଇଁ ନାଣ୍ଟୁଙ୍କ ସହ କଥା ହୋଇଥିଲେ। ଏଥିପାଇଁ ୧୮ ଲକ୍ଷ ଟଙ୍କା ନେବେ ବୋଲି ଚୁକ୍ତି କରିଥିଲେ। ସେଥିରୁ ୧୦ ଲକ୍ଷ ଅଗ୍ରିମ ଆକାରରେ ନେଇଥିଲେ। ଝିଅ ବିବାହ ଓ ବର୍ତ୍ତମାନ କାମ କରୁଥିବା ସ୍ୱପ୍ନମହଲ ଯାତ୍ରା ପାର୍ଟିର ଟଙ୍କା ଶୁଝିବାକୁ ଥିବାରୁ ଆଉ ୩ ଲକ୍ଷ ଟଙ୍କା ପାଇଁ ନାଣ୍ଟୁଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ ଉଠାଇ ନ ଥିଲେ। ଏହାପରେ ନରିଙ୍କ ସ୍ତ୍ରୀ କୁନି ପଣ୍ଡା ନାଣ୍ଟୁଙ୍କୁ ଫୋନ କରିଥିଲେ। ଏହି ସମୟରେ ନାଣ୍ଟୁ ଫୋନରେ କୁନିଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ନରି ଆଉ ଯାତ୍ରାପାର୍ଟିକୁ ଯିବେନାହିଁ ବୋଲି କହିଥିଲେ। ତେଣୁ ଟଙ୍କା ଫେରାଇ ଦେବାକୁ ନାଣ୍ଟୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥ କଡ଼ ପତରାଜପୁରଠାରେ ଥିବା ତାଙ୍କ ବଗୁ ଢାବାକୁ ନରିଙ୍କୁ ଡାକିଥିଲେ। ନରି ୧୦ ଲକ୍ଷ ଟଙ୍କା ଧରି ତାଙ୍କର ଜଣେ ସାନଭାଇ ମନୋଜ ପାଲଙ୍କୁ ସାଥିରେ



ନରେନ୍ଦ୍ର ପଣ୍ଡା

ଆଣି ମାର୍ଚ୍ଚ ୨୮ରେ ଢାବାରେ ପହଞ୍ଚିଥିଲେ। ଢାବା ମଧ୍ୟରେ ଥିବା ଏକ କାଚଘରେ ସେମାନଙ୍କର ଆଲୋଚନା ହୋଇଥିଲା। ଏହି ସମୟରେ ନାଣ୍ଟୁ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରି ଆକ୍ରମଣ କରିଥିଲେ। ବନ୍ଧୁକ ଧରାଇ ଫଟୋ ଉଠାଇଥିଲେ ଓ ଧମକ ଦେଇ କହିଥିଲେ, ପୂର୍ବରୁ ସେ ଏସ୍‌ପି ଓ ଡିଏସ୍‌ପିଙ୍କୁ ମାଡ଼ ମାରିଛନ୍ତି। ପୋଲିସ ଗାଡ଼ି ମଧ ପୋଡ଼ିଛନ୍ତି। ସେ କାହାକୁ ଡରନ୍ତି ନାହିଁ। ନରିଙ୍କୁ ଜୀବନରୁ ମାରିଦେବେ। କେଉଁଠାକୁ ଗଲେ ରଖାଇ ଦେବେନାହିଁ। ତେଣୁ ଜୀବନ ପ୍ରତି ବିପଦ ରହିଥିବାରୁ ନରି ପୋଲିସକୁ ସୁରକ୍ଷା ମାଗିବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ଏ ସମ୍ପର୍କରେ ଯାତ୍ରାପାର୍ଟି ମାଲିକ ନାଣ୍ଟୁଙ୍କୁ ପଚାରିବାରେ ସେ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଢାବାରେ ସିସିଟିଭି କ୍ୟାମେରା ଲାଗିଛି। ସବୁକିଛି ସେଥିରେ ରେକର୍ଡ ହୋଇଛି। ନରି ମିଛ କହୁଛନ୍ତି। ଅନ୍ୟପକ୍ଷରେ ଯାତ୍ରା ମାଲିକ ସଂଘ ପକ୍ଷରୁ ନରୀଙ୍କୁ ବ୍ୟାନ କରାଯାଇଥିବା ଜଣାପଡ଼ିଛି।

# କେମିକାଲ ସ୍ପ୍ରେ କରି ନେଇଗଲେ ଟଙ୍କା, ଅଳଙ୍କାର

## ଚାନ୍ଦବାଲିରେ ସିରିଜ ଚୋରି

ଚାନ୍ଦବାଲି,୫।୪(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଉତୁକୁଡ଼ା ପଞ୍ଚାୟତ ମୃଗନୟନୀ ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ଚୋରମାନେ କେମିକାଲ ସ୍ପ୍ରେ କରି ଟଙ୍କା ଓ ଅଳଙ୍କାର ଚୋରିକରି ନେଇଛନ୍ତି। ଚାନ୍ଦବାଲି ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମୃଗନୟନୀ ଗାଁର ସୁବାସ ନାୟକ, ଉମାକାନ୍ତ ରାଉତ ଓ ବିଜୟ ରାଉତଙ୍କ ଘରୁ ଚୋରି ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ଚୋରମାନେ ସେମାନଙ୍କ ଘରେ ପଶି କେମିକାଲ ସ୍ପ୍ରେ କରି ଅଚେତ କରାଇ ୩ଜଣଙ୍କ ଘରୁ ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୫ ଲକ୍ଷ ଟଙ୍କା ନେଇଯାଇଛନ୍ତି। ସୁବାସ ଜଣେ ଚିଙ୍ଗୁଡ଼ି ବ୍ୟବସାୟୀ ହୋଇଥିବାରୁ ରାତି ପ୍ରାୟ ୧୧ଟା ୩୦ ମିନିଟରେ ନିଜ ପ୍ଲାଣ୍ଟରୁ କାମ ସାରି ଆସି ଘରେ



ଚୋରମାନେ ବାଡ଼ି ପଛ ପଟେ ଫିଙ୍ଗିଥିବା ସାମଗ୍ରୀ।

ଶୋଇଥିଲେ। ଭୋର ସମୟରେ ନିଦ ଭାଙ୍ଗିବା ପରେ ରୋଷେଇ ଘର ଲୁହା ଝରକା କଟାଯାଇଥିବା ଦେଖିଥିଲେ। ସେହି ବାଟେ ଚୋର ଘରେ ପଶି ଗଡ୍‌ରେଜ ଭାଙ୍ଗି ପାଖାପାଖି ୧୬/୧୭ ଭରି ସୁନା ଓ ରୁପା ଅଳଙ୍କାର ସହ ନଗଦ ୨ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ଘରେ କେମିକାଲ ବାସ୍ନା ହେଉଥିଲା। କେମିକାଲ ସ୍ପ୍ରେ ଯୋଗୁ ଗଡ୍‌ରେଜ ଭାଙ୍ଗିଲା ବେଳେ ଶବ୍ଦ ଶୁଣାଯାଇ ନ ଥିବା ଅନୁମାନ କରାଯାଉଛି।

ସେହିପରି ତାଙ୍କ ପଡ଼ୋଶୀ ଉମାକାନ୍ତଙ୍କ ମାଟିଘରର ପଛପଟ କବାଟ ତାଡ଼ି ଚୋର ଘରେ ପଶି ବାକ୍ସ ଓ ଟ୍ରଙ୍କ୍‌ରୁ ସୁନା ଅଳଙ୍କାର ଚୋରି କରିଛନ୍ତି। ଏଥିସହ ଘର କାମ ପାଇଁ ସେ ପାଖରେ ରଖିଥିବା ୩ ଲକ୍ଷ ଟଙ୍କା ଚୋରି କରି ନେଇଯାଇଛନ୍ତି। ଚୋରମାନେ ଅଳଙ୍କାର ଓ ଟଙ୍କା ନେଇଯାଇ ବାକ୍ସ, ବାସ୍କେଟ, ଟ୍ରଙ୍କକୁ ବାଡ଼ି ପଛପଟେ ଫିଙ୍ଗି ଦେଇଛନ୍ତି। ଅନୁରୂପ ଭାବେ ବିଜୟଙ୍କ ଘର କବାଟ ତାଡ଼ି ଘରେ ପଶି ନଗଦ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ସକାଳେ ଘଟଣା ସମ୍ପର୍କରେ ଗ୍ରାମବାସୀ ମତୋ ଫାଣ୍ଡିକୁ ଖବର ଦେବା ପରେ ଚାନ୍ଦବାଲି ଆଇଆଇସି ପରେଶ ମହାନ୍ତି ଓ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଛନ୍ତି।

# ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଲଜ୍‌ରୁ ମିଳିଲା ମୃତଦେହ: ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

**ମୋହନା, ୫।୪(ମନ୍ମଥ ମିଶ୍ର):** ଦାଦନ ଖଟିବାକୁ ଯାଇଥିବା ଗଜପତି ଜିଲା ମୋହନା ବ୍ଲକ ରାଇଜୁକା ଗାଁର ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଟୁକୁ ବସ୍ତ୍ରରାଏ। ତେବେ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଖବରରୁ ଜଣାପଡ଼ିଛି, ଉକ୍ତ ବ୍ଲକ ଅଡବା ଥାନା ଅନ୍ତର୍ଗତ ରାଇଜୁକା ଗାଁର ଟୁକୁ ୬ ମାସ ତଳେ ପରିବାର ପ୍ରତିପୋଷଣ ପାଇଁ କେରଳକୁ କାମ କରିବାକୁ ଯାଇଥିଲେ। ଗତ ୨ ତାରିଖରେ ସେ ଘରକୁ ଆସିବା ଲାଗି ଫୋନ କରି ପରିବାର ଲୋକଙ୍କୁ ଜଣାଇଥିଲେ। ମାତ୍ର ଶୁକ୍ରବାର ରାତିରେ ଟୁକୁଙ୍କ ମହାରାଷ୍ଟ୍ରର ପୁଣେରେ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଥିଲା। ଟୁକୁ ମୋହନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରଥମେ ବିବାହ କରିଥିଲେ। କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହୋଇଥଲା। ତେବେ ଯୁବତୀ ଜଣକ ଅନ୍ୟ ଯୁବକଙ୍କୁ ବିବାହ କରିଥିଲେ। ପରେ ଟୁକୁ ମଧ ଅନ୍ୟତ୍ର ବିବାହ କରିଥିଲେ। ପ୍ରଥମ ସ୍ତ୍ରୀ ପୁଣେରେ ରହୁଥିବା ଜାଣିବା ପରେ ଟୁକୁ ଘରକୁ ନ ଆସି ତାଙ୍କୁ ସାକ୍ଷାତ କରିବାକୁ କେରଳରୁ ପୁଣେ ଯାଇଥିଲେ। ଶୁକ୍ରବାର ବନ୍ଦେ ଗାର୍ଡେନ ଥାନା ନିକଟସ୍ଥ ମଥୁରା ଲଜ୍‌ରୁ ଟୁକୁଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପ୍ରଥମ ସ୍ତ୍ରୀ ଟୁକୁଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରିବା ଏବଂ ମୃତଦେହ ଗାଁକୁ ଆଣିବାକୁ ପରିବାର ଲୋକେ ଦାବି କରିଛନ୍ତି ।

# ଡାକ୍ତରୀ ଛାତ୍ରୀଙ୍କୁ ବ୍ଲାକ୍‌ମେଲ, ଇଞ୍ଜିନିୟରିଂ ଛାତ୍ର ଗିରଫ

ଭୁବନେଶ୍ୱର,୫।୪
(ସୂର୍ଯ୍ୟକାନ୍ତ ବେହେରା)

ହୋମିଓପାଥି ପଢୁଥିବା ଜଣେ ଡାକ୍ତରୀ ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଅଶ୍ଳୀଳ ଫଟୋ ଓ ଭିଡିଓ କରି ବ୍ଲାକ୍ ମେଲ୍ କଲେ। ଏପରି କି ତାଙ୍କ ନାମରେ ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି ସେସବୁକୁ ଅପ୍‌ଲୋଡ୍ କରିବା ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ପାଇଁ ମହଙ୍ଗା ପଡ଼ିଛି। ପୀଡ଼ିତାଙ୍କ ଅଭିଯୋଗ ପରେ ଖାରବେଳନଗର ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଏମ୍.ଟେକ୍ ଛାତ୍ରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଛାତ୍ର ହେଲେ ଭରତପୁର ଅଞ୍ଚଳରେ ରହି ସ୍ଥାନୀୟ ଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ବାଲୁଗାଁର କରୁଣ କାମଲ ବିଶ୍ୱାଳ (୨୫)। ତାଙ୍କଠାରୁ ଏକ ମୋବାଇଲ ଜବତ ହୋଇଛି। ପୋଲିସ ସୂଚନାନୁସାରେ, ପୀଡ଼ିତା ଛାତ୍ରୀ ଓ ଅଭିଯୁକ୍ତ ଛାତ୍ର ଗୋଟିଏ ଅଞ୍ଚଳର ହୋଇଥିବା ବେଳେ ଉଭୟ ଭୁବନେଶ୍ୱରରେ ପଢୁଥିବାରୁ ବସ୍‌ରେ ପରିଚୟ ହୋଇଥିଲା। ୨୦୧୯ରେ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ସମୟକ୍ରମେ ଅଭିଯୁକ୍ତ କରୁଣ ପ୍ରେମ କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଲେ। ଏପରି କି ସମ୍ପୃକ୍ତ ଛାତ୍ରୀଙ୍କ ଅଜାଣତରେ ଏହାର ଫଟୋ ଓ ଭିଡିଓ ନିଜ ମୋବାଇଲ୍ ଫୋନ୍‌ରେ ସଂଗ୍ରହ କରିନେଇଥିଲେ। ସେହିପରି ଛାତ୍ରୀଙ୍କ ସହ ହ୍ୱାଟ୍ସଆପ୍ ଭିଡିଓ କଲିଂ କରିବା ସମୟର କିଛି ଆପତ୍ତିଜନକ କଥାବାର୍ତ୍ତା, ଭିଡିଓ ଓ ଫଟୋକୁ ମଧ ରେକର୍ଡ କରିନେଇଥିଲେ। ଅଭିଯୁକ୍ତଙ୍କ ଏତାଦୃଶ ବ୍ୟବହାରରେ ଅତିଷ୍ଠ ହୋଇ ଛାତ୍ରୀଜଣକ ତାଙ୍କଠାରୁ ଦୂରେଇ ଯାଇଥିଲେ। ଏଥିରେ ଅଭିଯୁକ୍ତ କରୁଣ ପ୍ରତିଶୋଧ ପରାୟଣ ହୋଇ ବ୍ଲାକ୍‌ମେଲ କରିବା ଆରମ୍ଭ କରିଥିଲେ। ପୀଡ଼ିତାଙ୍କ ନାମରେ ଏକ ଫେକ୍ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ସେଥିରେ ଫଟୋ ଓ ଭିଡିଓ ସବୁକୁ ପୋଷ୍ଟ କରିଦେଇଥିଲେ। ପୀଡ଼ିତା ଏହା ଜାଣିବା ପରେ ଗତ ୨ ତାରିଖ ଆଇନଗତ ସହାୟତା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବା ସହ ଅଧିକ ତଦନ୍ତ ଚଳାଇଛି।

## ପଲ୍‌ସରରେ ବୁଲି ଲୁଟ୍‌ପାଟ କରୁଥିବା ୨ ଲୁଟେରା ଗିରଫ

ଭୁବନେଶ୍ୱର,୫।୪(ସୂର୍ଯ୍ୟକାନ୍ତ ବେହେରା): ପଲସରରେ ବୁଲି ସହରରେ ଛିନତାଇ କରୁଥିବା ୨ ଲୁଟେରାଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କନ୍ଧମାଳର ପିଣ୍ଟୁ ଓରଫ ସିଦ୍ଧାର୍ଥ ପ୍ରଧାନ ଓ ଗଞ୍ଜାମର ରାଜା ପାତ୍ର। ପୋଲିସ ତାଙ୍କଠାରୁ ଗୋଟିଏ ଚୋରା ମୋବାଇଲ ଓ ଅପରାଧରେ ବ୍ୟବହୃତ କଳା ପଲସରକୁ ଜବତ କରିଛି। ଲୁଟ୍‌ର ଶିକାର ଅଶୋକ ସାହୁଙ୍କ ଅଭିଯୋଗ ଆଧାରରେ ରୁଜୁ ଏକ ମାମଲାରେ ଅଭିଯୁକ୍ତ ପିଣ୍ଟୁଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଶୋକ ଏପ୍ରିଲ ୩ ସନ୍ଧ୍ୟାରେ ସ୍କୁଟିରେ ଯାଉଥିବା ସମୟରେ ଅଭିଯୁକ୍ତ ଦୁହେଁ ଏକ ପଲ୍‌ସରରେ ଆସି ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଓ ୯୦୦ ଟଙ୍କା ଲୁଟିନେଇ ଦ୍ରୁତବେଗରେ ପଳାଇଥିଲେ। ଏନେଇ ଅଶୋକ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ।

**Odisha State Legal Services Authority, "Aain Seva Bhawan", Sector-1, CDA, Cuttack**

**Advertisement No.01/2025 Dated : 03.04.2025**

**For the post of Chairperson of Permanent Lok Adalat (Public Utility Services)**

**No.W-01** : Applications are hereby invited from Judicial Officers retired in the rank of District Judge/Addl. District Judge, who have attained superannuation by **28.02.2025** and below the age of 65 years for being appointed as the Chairperson of Permanent Lok Adalat (PUS) in the cluster of PLAs (PUS).

Last date for submission of the application is **25.04.2025**

For further details, please visit our official website - www.oslsa.nic.in

Sd./- S.Acharya
Member Secretary,
Odisha State Legal Services Authority, Cuttack
OIPR-18008/11/0013/2425

**Sambalpur University**
**Jyoti Vihar, Burla-768019**
**Sambalpur, Odisha**
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତି ବିହାର, ବୁର୍ଲା-୭୬୮୦୧୯
ସମ୍ବଲପୁର, ଓଡ଼ିଶା
(Accredited with Grade 'A' by NAAC)

No.1509/Estate & Maint. Date:29.3.25

**TENDER CALL NOTICE**

**No.CAD-02:**Sealed tenders are invited from intending reputed party/Agency/Firm/Company/Organization herein after referred to as Manpower Service provider, for Sambalpur University as mentioned in the Performa as per our terms and conditions so as to reach the undersigned on or before Dt.21.04.2025 by 11am through Speed Post/ Registered Post only and which will be opened on the prescribed date & time in presence of the party or their authorized representative (if any). The sealed cover should be super scribed with "Tender for providing Manpower service to Sambalpur University". Sambalpur University reserves all the right to cancel any or all the tenders without assigning any reason thereof. The Performa, terms and conditions can be obtained from the University website www.suniv.ac.in.

OIPR-11010/11/0023/2425 Sd./-Registrar

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୨୩ ତା.୧୯.୨.୨୦୨୫

**ବିଜ୍ଞାପନ**

**No.CAD-22:**ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ ଅରୁଣ କୁମାର ମହାନ୍ତି<br>ପିତା-୰ ଧନେଶ୍ୱର ମହାନ୍ତି<br>ସା/ପୋ-ଆନୋଲି ପାଟଣା,<br>ଥାନା-ତିର୍ତ୍ତୋଲ,<br>ଜିଲ୍ଲା-ଜଗତସିଂହପୁର | ଫ୍ଲାଟ ନଂ.ବି.୧୦୬<br>(B-106) ବ୍ଲକ-୪,<br>ତୋଶାଳି ଆପାର୍ଟମେଣ୍ଟ ସ୍କିମ, ସତ୍ୟ ନଗର,<br>ଭୁବନେଶ୍ୱର,<br>ଜିଲ୍ଲା-ଖୋର୍ଦ୍ଧା। | ୧.ମନୋରମା ମହାନ୍ତି (ସ୍ତ୍ରୀ)<br>୨.ସନ୍ଦୀପ ମହାନ୍ତି (ପୁତ୍ର)<br>୩. ସୋମାନି ମହାନ୍ତି (ବି.କନ୍ୟା) |

OIPR-13030/11/0522/2425
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
Tel.06766-258301 (O)
email: se_nerwkjr@rediffmail.com

e Procurement Notice for Road Work under SACI
Identification No.NCB-45/RWCKJR/2024-25
No.1571/ Date: 29.03.25

**No.O-03:**Name of the Work:- **Construction of road work under SACI in the District of Keonjhar**. 2. No. of Work:- 01 (One) No. 3. Estimated Cost:- As per Annexure in NIT. 4. Class of Contractor (Eligible) :- As per Annexure in NIT. 5. Period of Completion:- As per Annexure in NIT. 6. Other details:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works Circle, Keonjhar | NCB-45/ RWCKJR/ 2024-25 | Dt.07.04.25 at 11.00 A.M. | Dt.21.04.25 upto 5.00 P.M. | Dt.19.04.25 upto 5.00 P.M. | Dt.22.04.25 at 11.00 A.M. | Will be intimated Later |

• Further details can be seen from the website: **www.tendersorissa.gov.in**

OIPR-25177/11/0062/2425 Sd./- Chief Construction Engineer, R.W. Circle, Keonjhar

**OFFICE OF THE BARIPADA MUNICIPAL COUNCIL, BARIPADA**
Phone:06792-252703, Fax:-06792-252703, Email:baripadam.hud@nic.in
Website:www.baripadamunicipality.in
No.636, Date:31.03.2025

**Tender Reference No.BPDM 1 of 2025-26 and BPDM 2 of 2025-26**
**CORRIGENDUM DETAILS**

**No.C-31:**In partial to this Office "e" Procurement Tender Reference No. BPDM 1 of 2025/26 and No.BPDM 2 of 2025/26 the following Terms and Conditions are incorporated in addition to the said Tender Call Notice. The extension of last date and time submission of bids required due to unavoidable technical reason.

| Sl. No. | Description | Previously Critical Dates | Presently changed to Critical Dates |
|---|---|---|---|
| (i) | Period of availability of tenders online for bidding | From Dt.22.03.2025 (01.00 P.M.) to Dt.07.04.2025 (05.00 P.M.) & From Dt.24.03.2025 (01.00 PM) to Dt.08.04.2025 (05.00 P.M.) | From Dt.22.03.2025 (01.00 PM) to Dt.15.04.2025 (01.00 P.M.) |
| (ii) | Last Date and Time of bidding online (submission of Bids/ | Dt.07.04.2025 (05.00 P.M.) & Dt.08.04.2025 (05.00 P.M.) | Dt.15.04.2025 (01.00 P.M.) |
| (iii) | Date and Time of opening of the Bid Received online | Dt.08.04.2025 (11.30 A.M. onwards) & Dt.09.04.2025 (11.30 A.M. onwards) | Dt.16.04.2025 (10.30 A.M. onwards) |

The Tender Call Notice vide e_procurement Tender Reference No.BPDM-01 of 2025-26 and Tender Reference No.BPDM-02 of 2025-26 are being amended to the above extent through this 1st Corrigendum.

All other terms and conditions are remain unchanged. Further details may also be seen from the procurement portal i.e. www.tendersorissa.gov.in.

OIPR-13078/11/0034/2425 Sd./- Executive Officer, Baripada Municipality

**OFFICE OF THE SUPERINTENDING ENGINEER**
**UPPER INDRAVATI RIGHT CANAL DIVISION NO.II**
AT/PO. JUNAGARH, DIST. KALAHANDI, E-mail. : eeuircd2@gmail.com
QUOTATION/TENDER CALL NOTICE NO. 01/2025-26,
DT. 02.04.2025 FOR HIRING VEHICLE

**No.A-06** : Sealed Quotations/ Tenders are invited from interested reputed Travel Agents/ Tour operators/ Private individuals for providing Diesel driven vehicle (TUV300/Bolero/Sumo Gold/Ertiga) for official use in office of the
(i) **The Superintending Engineer, UI Right Canal Division No-II, Junagarh and UI Right Canal, Sub-Division-No. I, Junagarh**
(ii) **Sub-Divisional Officer, UI Right Canal Sub-Division-No. III, Bhawanipatna and UI Right Canal Sub-Division-No. II, Bhawanipatna**
on monthly rent basis with the following terms and conditions.
1) The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up-to-date tax payment, PAN Card/GST etc. which are mandatory for plying of vehicle.
2) The Driver of the vehicle must have a valid Driving License for driving transport vehicle and should be sufficiently experienced in driving transport passenger vehicle. Preference will be given to the vehicles having previous experience in Government of Odisha and Central Government. Certificate from the concerned employer should be enclosed.
3) The Driver should be well behaved, gentle and obedient in nature.
4) A sum of **Rs.5000/-** shall be deposited by the intending bidders for the vehicle in shape of NSC/TDR/KVP from any nationalized bank pledged in favour of the **Superintending Engineer, UI Right Canal Division No.II, Junagarh** and **submitted in original** along with the tender as security deposit. After completion of tender process, the amount will be refunded to unsuccessful bidders.
5) The monthly rate of hire charge be quoted separately in the general bid information (excluding fuel and lubricants).
6) The vehicle must achieve a minimum fuel efficiency of **10 Km per litres**.
7) The details of the make and year of manufacture of the vehicle, registration no. mileage (Kms. covered per litre) and name of the Driver with Driving license No. and period of validity should be specifically provided in the general bid information to be furnished with the Quotation/Tender (Annexure-III).
8) The quotation completed in all respect should reach the undersigned on or before **11.04.2025 by 1.30 P.M. and shall be opened on 11.04.2025 at 4.00 P.M.** in presence of the quotationers or their authorized representatives in the office of the undersigned.
9) The quotation booklet containing general bid information and terms and conditions for Hiring of vehicles etc. will be available in **the office of the Superintending Engineer, UI Right Canal Division No.II, Junagarh, Kalahandi, Odisha, Sub-Divisional Officer, UI Right Canal Sub-Division No-II**, **Bhawanipatna**, **Kalahandi, Odisha** and **UI Right Canal Sub-Division No-III**, **Bhawanipatna, Kalahandi, Odisha** on payment of **Rs.100/- (Rupees one hundred)** only in shape of BC/DD/e-chalan from any nationalized bank pledged in favour of the **Superintending Engineer, UI Right Canal Division No.II, Junagarh, payable at State Bank of India, Junagarh ADB, from 04.04.2025 to 11.04.2025** during office hours.
10) The period of agreement for supplying the vehicle shall depend on the period for which estimate is sanctioned.
11) The authority reserves the right to reject any or all quotations without assigning any reason thereof.

Sd./- Superintending Engineer,
U.I. Right Canal Division No.II, Junagarh
OIPR-32016/11/0005/2425

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail : eeroads.khr@rediffmail.com
No. 1634 Date : 29.03.2025
No.B-04

**Invitation For Bids**
**Bid Identification No. S.E. (R&B) Khariar-11/2024-25**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in single cover system in ONLINE MODE only | |
| 2 | Nature of work | (Civil+EI+PH) works |
| 3 | No. of work | 01 No. work |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 07.04.2025 to 17.00 hours of 16.04.2025 |
| 7 | Date of opening of Technical Bid | Dt. 17.04.2025 at 11:30 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Khariar (R&B) Division,
Khariar
OIPR-34062/11/0017/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଆରୋବି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆର୍ଯ୍ୟନ ଯୋଶୀ ଏକକ ଅଗ୍ରଣୀ

## ଜାତୀୟ ଦୃଷ୍ଟିବାଧିତ ଚେସ୍



ଅଷ୍ଟମ ରାଉଣ୍ଡ ଅବସରରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜ୍‌ଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଚାଲିଥିବା ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍‌ର ରୋମାଞ୍ଚକ ପରିସମାପ୍ତି ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଶନିବାର ୮ମ ରାଉଣ୍ଡ ଖେଳ ଶେଷ ହୋଇଥିବାବେଳେ ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ ୭ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ଗୁଜରାଟର ଦର୍ପନ ଇନାନୀ ଓ କର୍ନାଟକର କିଶନ ଗାଙ୍ଗୋଲି ୬.୫ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୬ ପଏଣ୍ଟ ସହିତ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଶୁଭେନ୍ଦୁ କୁମାର ପାତ୍ର ୫.୫, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୫ ଓ ଦୀପକ କୁମାର ଭୋଇ ୪ ପଏଣ୍ଟ ପାଇଛନ୍ତି। ଉଭୟ ପ୍ରାଚୁର୍ଯ୍ୟ ଓ ଶୁଭେନ୍ଦୁ ୭ମ ଓ ୮ମ ରାଉଣ୍ଡରେ ବିଜୟୀ ହୋଇଥିଲେ। ରବିବାର ୯ମ ତଥା ଶେଷ ରାଉଣ୍ଡ ସହ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ୮ମ ରାଉଣ୍ଡ ଆରମ୍ଭରେ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର, ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ଓ ପ୍ରତିଷ୍ଠିତ କ୍ରିକେଟର ରଶ୍ମି ରଞ୍ଜନ ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ।

# ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟ୍ରାନ୍ସଜେଣ୍ଡର ଦର୍ଶାଇ ଫେନ୍‌ସର ସସ୍‌ପେଣ୍ଡ

କଲେଜ ପାର୍କ (ୟୁଏସ୍), ୫।୪ (ଏପି)

ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟ୍ରାନ୍ସଜେଣ୍ଡର ଆକ୍ଷେପ କରି ତାଙ୍କ ସହିତ ଲଢ଼ିବା ପାଇଁ ମନାକରି ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଜଣେ ଫେନ୍‌ସର ମେରୀଲାଣ୍ଡରେ ଏକ ମହିଳା ଟୁର୍ନାମେଣ୍ଟରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଷ୍ଟିଫାନୀ ଟର୍ନର ମାର୍ଚ୍ଚ ୩୦ରେ ମେରୀଲାଣ୍ଡ ୟୁନିଭର୍ସିଟିରେ ଅନୁଷ୍ଠିତ ୟୁଏସ୍ ଫେନ୍‌ସିଂ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆଞ୍ଚଳିକ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ତେବେ ଏହି ଇଭେଣ୍ଟ ଏନ୍‌ସିଏଏ ଦ୍ୱାରା ମଞ୍ଜୁରିପ୍ରାପ୍ତ ଇଭେଣ୍ଟ ନ ଥିଲା। ଅନ୍‌ଲାଇନ୍ ଭିଡିଓରେ ଦେଖିବାକୁ ମିଳିଛି ଯେ ପ୍ରତିପକ୍ଷ ପ୍ରତିଯୋଗୀଙ୍କ ବିପକ୍ଷ ମ୍ୟାଚରେ ଟର୍ନର ଗୋଟିଏ ଗୋଡ଼ରେ ଆଣ୍ଠେଇ ତାଙ୍କର ପ୍ରତିବାଦ କରିଥିଲେ। ଫଳତଃ ତାଙ୍କୁ ବିଧିବଦ୍ଧ ଏକ ବ୍ଲାକ୍ କାର୍ଡ ଦେଖାଇ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଟର୍ନରଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ପରିଚୟ ଦିଆଯାଇ ନାହିଁ। କାରଣ ସର୍ବସାଧାରଣରେ ସେ ତାଙ୍କର କୌଣସି ଟିପ୍ପଣୀ ପ୍ରକାଶ କରି ନାହାନ୍ତି କିମ୍ବା ତାଙ୍କ ଲିଙ୍ଗଗତ ପରିଚୟ ଦେବାକୁ ଚାହିଁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ୟୁଏସ୍‌ଏ ଫେନ୍ସି କହିଛନ୍ତି, ଜଣେ ଫେନ୍‌ସର କୌଣସି କାରଣ ଦର୍ଶାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସହ ଲଢ଼େଇ କରିବାକୁ ମନା କରିଦେବା ନିୟମ ବିରୁଦ୍ଧ। ଏଥିପାଇଁ ସମ୍ପୃକ୍ତ ଫେନ୍‌ସରଙ୍କୁ ସସ୍‌ପେଣ୍ଡ କରାଯିବା ବ୍ୟବସ୍ଥା ରହିଛି। ଟର୍ନର ଏକ ଖବର ସରବରାହ ସଂସ୍ଥାକୁ କହିଛନ୍ତି, ଇଭେଣ୍ଟର ପୂର୍ବରାତିରେ ସେ ପ୍ରତିଯୋଗୀମାନଙ୍କ ତାଲିକା ଦେଖିଥିଲେ। ସେ ଜଣେ ଟ୍ରାନ୍ସଜେଣ୍ଡରଙ୍କ ସହ ମୁକାବିଲା କରିବାକୁ ଯାଉଥିବା ତାଙ୍କର ମନେ ହୋଇଥିଲା। ତେଣୁ ଏକ ମହିଳା ଟୁର୍ନାମେଣ୍ଟରେ ଜଣେ ପୁରୁଷ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼ିବାକୁ ସେ ମନା କରିଦେଇଥିଲେ।

# ମ୍ୟାଚ୍ ଦେଖିଲେ ଧୋନୀଙ୍କ ପରିବାର





ଚେନ୍ନାଇର ଚେପକ୍ ଗ୍ରାଉଣ୍ଡରେ ଶନିବାର ମହେନ୍ଦ୍ର ସିଂ ଧୋନୀଙ୍କ ପରିବାର ସଦସ୍ୟ ମ୍ୟାଚ ଉପଭୋଗ କରୁଛନ୍ତି।

ଚେନ୍ନାଇ, ୫।୪ (ପି.ଟି.)

ଚେପକଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମ୍ୟାଚ ବେଳେ ଷ୍ଟାଡିୟମରେ କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀଙ୍କ ମାତାପିତାଙ୍କୁ ଦେଖିବାକୁ ମିଳିଥିଲା। ଧୋନୀ ୨୦୦୮ରେ ସିଏସ୍‌କେ ସହିତ ସମ୍ପୃକ୍ତ ହେବା ପରଠାରୁ ତାଙ୍କ ମାତାପିତା ପ୍ରଥମ ଥର ଏକ ଆଇପିଏଲ୍ ମ୍ୟାଚ ଦେଖିବାକୁ ଆସିଥିଲେ। ଧୋନୀଙ୍କ ସ୍ତ୍ରୀ ସାକ୍ଷୀ ଏବଂ ଝିଅ ଜିଭା ମଧ୍ୟ ଉପସ୍ଥିତ ଥିଲେ। ଶୁଣିବାକୁ ମିଳୁଛି, ନିୟମିତ ଅଧିନାୟକ ଋତୁରାଜ ଗାଏକ୍ୱାଡ ଯଦି ଠିକଣା ସମୟରେ ଇଞ୍ଜୁରୀରୁ ମୁକ୍ତି ନ ପାଆନ୍ତି ତେବେ ଧୋନୀ ସିଏସ୍‌କେ ଦଳର ନେତୃତ୍ୱ ନେବେ। ଗତ ରବିବାର ଗୁଆହାଟୀରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ବେଳେ ଋତୁରାଜଙ୍କ କହୁଣିରେ ଆଘାତ ଲାଗିଥିଲା। ତେବେ ଗାଏକ୍ୱାଡ ଟସ୍ ପାଇଁ ପଡ଼ିଆକୁ ଓହ୍ଲାଇଥିଲେ। ତାଙ୍କ କହୁଣି ଅବସ୍ଥା ଭଲ ରହିଛି ବୋଲି ସେ କହିଥିଲେ। ଫଳତଃ ଧୋନୀ ତାଙ୍କ ନିୟମିତ କାର୍ଯ୍ୟ ଉଇକେଟ କିପିଙ୍ଗ କରିଥିଲେ। ସମ୍ପ୍ରତି ଆଇପିଏଲ୍‌ରେ ୪୩ ବର୍ଷୀୟ ଧୋନୀଙ୍କ ଭବିଷ୍ୟତକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ସେ ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ସେତେବେଳେ ସେ ସହଜ ଅନୁଭବ କରୁ ନ ଥିବା ଲକ୍ଷ୍ୟ କରାଯାଇଥିଲା।

HAPPY BIRTHDAY



Arobi Anabia Islam
April .06.2025, Banglades
Urmi Filims- Bhubaneswar
D-047

# ଆର୍‌ପିଏଲ୍‌ରେ ଓଡ଼ିଶାର ୪ ଖେଳାଳି ସାମିଲ

## କିସ୍‌ର ଆଶିଷ, ଗଣେଶ ମନୋନୀତ



ଅଚ୍ୟୁତ ସାମନ୍ତଙ୍କ ସହ ଆଶିଷ ଶବର ଓ ଗଣେଶ ଧାଙ୍ଗଡ଼ା ମାଝି।



ସମ୍ବିତ ପ୍ରଧାନ



ଶାନାୱାଜ ଅହମଦ

ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆସନ୍ତା ଜୁନ ୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ହେଉଛି ବିଶ୍ୱର ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍। ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଛନ୍ତି। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। ଏମାନଙ୍କ ମଧ୍ୟରୁ ଆଶିଷ ଓ ଗଣେଶ ସମ୍ପ୍ରତି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ । କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଛି। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ଅନ୍ୟ ୪ ଫ୍ରାଞ୍ଚାଇଜ୍ ଦଳ ହେଲେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳି ସମ୍ବିତ ପ୍ରଧାନ ୫୦ ଲକ୍ଷ୍ୟରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି। ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା, କେନିୟା, ଗ୍ରେଟ୍ ବ୍ରିଟେନ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ସ୍ପେନ୍, ଫିଜି, ଆମେରିକା ଓ ଆୟର୍ଲାଣ୍ଡରୁ ୩୦ ମର୍କି ଅନ୍ତର୍ଜାତୀୟ ଖେଳାଳି ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ରଗ୍‌ବୀ ପାୱାର ହାଉସଗୁଡ଼ିକରୁ ଖେଳାଳିମାନଙ୍କ ସାମିଲ ଦ୍ୱାରା ଭାରତୀୟ ଖେଳାଳି ଓ ଦର୍ଶକମାନେ ବିଶ୍ୱସ୍ତରର ଅଭିଜ୍ଞତା ହାସଲ କରିପାରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆର୍‌ଏଫ୍‌ଏ)ର ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ମନୋନୀତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ୧୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ସୃଷ୍ଟିକରି କିସ୍ ଭାରତୀୟ ରଗ୍‌ବୀର ଏକ ପାୱାରହାଉସରେ ପରିଣତ ହୋଇଛି। ଭାରତର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ୩ ଥର ଜାତୀୟ ରଗ୍‌ବୀ ଚାମ୍ପିୟନଶିପ୍‌ର ପ୍ରାୟୋଜକ ହୋଇଛି।

# ରାଜୀବ ବ୍ଲାକ୍ ଟାଇଗର୍ସର ସହକାରୀ କୋଚ୍



ରାଜୀବ କୁମାର ନାଥ

ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)

ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆସନ୍ତା ଜୁନ ୧ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ପାଇଁ ଓଡ଼ିଶାର ରାଜୀବ କୁମାର ନାଥ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଫ୍ରାଞ୍ଚାଇଜ୍ ଦଳର ସହକାରୀ କୋଚ୍ ନିଯୁକ୍ତ ହୋଇଛନ୍ତି। ରାଜୀବ ହେଉଛନ୍ତି ପୂର୍ବତନ ଓଡ଼ିଶା ରଗ୍‌ବୀ ଅଧିନାୟକ। ଆଗାମୀ ଲିଗ୍‌ରେ ସେ ମୁଖ୍ୟ କୋଚ୍ ଆମେରିକାର ମିଇ ଫ୍ରାଇଡେଙ୍କୁ ସହଯୋଗ କରିବେ। ଏହା ବ୍ୟତୀତ ସେ ଆଗାମୀ ପ୍ରତିଯୋଗିତାରେ ନିଜ କୋଚିଂ ଦକ୍ଷତା ମଧ୍ୟ ପ୍ରମାଣିତ କରିବା ସୁଯୋଗ ପାଇବେ। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଆଜିଠୁ ରାମେଶ୍ୱର କପ୍ ଜୁନିୟର୍ କ୍ରିକେଟ୍

ଭୁବନେଶ୍ୱର, ୫।୪(ତପନ ସ୍ୱାଇଁ)

ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଚଳିତ ବର୍ଷର ଜୁନିୟର୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥର ଦୁଇଟି ବୟସ ବର୍ଗରେ ୪ଟି ଲେଖାଏ ଦଳକୁ ନେଇ ଏହା ଖେଳାଯିବ। ଟର୍ଫ ୱିକେଟ୍ ଓ ଲିଗ୍ ଫର୍ମାଟରେ ଉଭୟ ୧୫ ଓ ୧୮ ବର୍ଷରୁ କମ୍ ବର୍ଗରେ ଏହା ଅନୁଷ୍ଠିତ ହେବ। ୧୫ ବର୍ଷରୁ କମ୍ ବର୍ଗର ପ୍ରତିଯୋଗିତା (୩୦ ଓଭର) ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଏବଂ ୧୮ ବର୍ଷରୁ କମ୍ ବର୍ଗ ପ୍ରତିଯୋଗିତା (୨୦ ଓଭର) କମଳା ପରିଡ଼ା ସ୍ମାରକୀ ଟ୍ରଫି ନାମରେ ଖେଳାଯିବ ବୋଲି ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ର ସମ୍ପାଦକ ଦୀପକ କୁମାର ମଙ୍ଗରାଜ ପ୍ରକାଶ କରିଛନ୍ତି। ରବିବାର ପ୍ରଥମ ଦିବସରେ ୧୮ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ-ଟାଉନ୍ କ୍ଲବ୍ ଏବଂ ୧୫ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ-ଏମ୍‌ସିସି ପରସ୍ପର ସହ ମୁକାବିଲା କରିବେ। ୧୩ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ସିଫ୍ଟ ଭାରତ ପାଇଁ ଆଣିଦେଲେ ପ୍ରଥମ ସ୍ୱର୍ଣ୍ଣ

ଶୁଟିଂ ବିଶ୍ୱକପ୍

ଭୁବନେଶ୍ୱର, ୫।୪ (ପି.ଟି.)

ଭାରତୀୟ ଶୁଟର ସିଫ୍ଟ କୌର ଶର୍ମା ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସଠାରେ ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନ(୩ପି) ଜିତି ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫରିଦକୋର୍ଟର ଏହି ୨୩ ବର୍ଷୀୟା ଟିରୋ ଫେଡେରାଲ ଆର୍ଜେଣ୍ଟିନୋ ଡି ବୁଏନ୍ସ ଏୟାର୍ସ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ସିଜନ ଓପନିଂ ବିଶ୍ୱକପ୍ ଷ୍ଟେଜ୍‌ରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ପ୍ରଥମ ନିଲିଙ୍ଗ ପୋଜିଶନରେ ୧୫ ଶଟ୍ ପରେ ଜର୍ମାନୀର ଅନୀତା ମାନ୍‌ଗୋଲ୍ଡଙ୍କଠାରୁ ୭-୨ ପଏଣ୍ଟ ବ୍ୟବଧାନରେ ପଛୁଆ ରହିଥିଲେ। ମାତ୍ର ସେ ସେକେଣ୍ଡ ପ୍ରୋନ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ସହ ଶେଷରେ ଫାଇନାଲ ଷ୍ଟାଣ୍ଡିଂ ପୋଜିଶନ ଏକ କାଣ୍ଟରରେ ବିଜୟ ଲାଭ କରିଥିଲେ। ଫାଇନାଲରେ ସିଫ୍ଟ ୪୫୮.୬ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କଠାରୁ ୩.୩ ପଏଣ୍ଟ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମାନଗୋଲ୍ଡ (୪୫୫.୩)।

Classified Everyday
0674-2580101, 9692975378



MATRIMONIAL

BRIDE WANTED


ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡ୍‌ଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର, ଯୋଗାଯୋଗ- 7978626462. D-3466

କର୍ପୋରେଟ୍ ଚାକିରି କରୁଥିବା ବ୩୧ର୍ଷ ବ୍ରାହ୍ମଣ ପୁଅ ପାଇଁ ସୁନ୍ଦରୀ ଶିକ୍ଷିତା ଚାକିରି କରୁଥିବା ଝିଅ ଆବଶ୍ୟକ। ୮୯୧୭୫୬୫୭୦୭. ଧ-୦୧୩

34 yrs Brahmin groom, 6ft, Bhubaneswar, resident, earning 6 lpa. Contact: 9776243023, self Employed. D-048

GROOM WANTED

Beautiful Brahmin girl 1991, 5'3", B.Tech, Serving Manager, Nationalised Bank, "SUNASANSAR". 9937512659. D-76255



AUTOMOBILE SALE

Tata Ultra 41 Seater Bus for sale. Contact Details: 7077714312. D-026

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254



REAL ESTATE SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

Independent house valued 1.5crore near K.E.C., Uttara Square, Bhubaneswar. Call- 8917520527. D-016





**For rent total 13,000sqft. of space available Hostel space as 2nd & 3rd floor with dedicated parking. Location- Behind Trident Engineering College, Patia, Infosys. Contact- 7008181478.** D-053

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





All types hair cutting, body massage by smart lady room services available. Contact: 7077240328. D-71396

Positively health benefited spa by expert female therapist, Bapujinagar. 8018429809 D-76906

Full body massage by Odia therapist in homely atmosphere. 9556498382. D-75375

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033



BUSINESS

Learn AI Automation, Web design, SEO, Digital advertising with Digitomesh Bhubaneswar/ Puri. 100% placement guarantee in IT, Realestate, Hotels. Get AI tools 5,00,000/- 8093008289. D-052

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

By virtue an affidavit sworn before the Notary Public, Jajpur Road, Jajpur bearing No.- 70AA739901, DT 05.04.2025, I, Sri Abhina Kumar Jena, At- Chandama, P.O.- Jajpur Road, P.S.- Korai, Dist.- Jajpur, PIN-755019 do hereby solemnly affirm and state my son name is Anshuman Kumar Jena in his HSC Certificate whereas in his Aadhaar Card No.- xxxx xxxx 8792 his name Anshuman Jena. I have changed the name of my son from Anshuman Jena to Anshuman Kumar Jena in all of his legal documents. D-051

ମୁଁ, ସୁଧାଂଶୁ ଶେଖର ରାଉଳ, ପିତା- ଅଭିରାମ ରାଉଳ, ଠିକଣା- ଦକ୍ଷିଣ ଷ୍ଟ୍ରୀଟ୍ ଫୁଲଟା, ବ୍ରହ୍ମପୁର, ଫୁଲଟା, ଫୁଲଟା, ଗଞ୍ଜାମ, ଓଡ଼ିଶା, ନୋଟାରୀ ଗଙ୍ଗା ପ୍ରସାଦଙ୍କ ନିକଟରେ କରିଥିବା ତା ୨୧ । ୦୩ । ୨୦୨୫ରି ଖ ର ସତ୍ୟପାଠ ଅନୁଯାୟୀ ଏହା ପରଠାରୁ ସୁଧାଂଶୁ ଅଭିରାମ ରାଉଳ ଭାବେ ପରିଚିତ ହେବି। ଧ-୦୩୫

By virtue of an affidavit sworn before Notary Public, Bhubaneswar, dated 21.05.2008, I, Smt. Jyotsna Prava Patra, At Village- Benupur, P.O.- Chasapada, P.S.- Balikuda, Dist.- Jagatsinghpur at present residing at EB- 140, Badagada BRIT Colony, Bhubaneswar- 751014, Dist.- Khurda, Odisha declare that I have changed my name from Smt. Jyotsna Prava Patra to new name Smt. Jyotsna Prava Mohapatra. Henceforth, I shall be known as Smt. Jyotsna Prava Mohapatra for all purposes. D-76437

I, Vinit Khandelwal, aged about 44 years, S/o- Suresh Khandelwal, resident of Utkal Vatika, D-208, Canal Road, Jharpada, P.O.-Budheswari, P.S.- Laxmisagar, Dist.-Khorda, PIN-751006, Odisha declare by this affidavit No.369, dtd-04.04.2025. I have changed my name from Vinit Khandelwal to Vineet Khandelwal. That now onwards I shall be known as Vineet Khandelwal for all future purposes. D-76808

By virtue of an affidavit No.- 6195, dated 02.04.2025 before the Executive Magistrate, Sadar, Cuttack, I, ANSULA BHAWSINKA, W/o- Lokesh Bhawsinka, R/o- Balu Bazar, Biswanath Lane, Cuttack- 753002 declare that my former name "Ansula Agarwal" has been changed and I shall be known as "Ansula Bhawsinka" for all future purposes. D-054

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ଏପ୍ରଫୁଲ୍ଲ କୁମାର ରାଉତ

(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଅବସରପ୍ରାପ୍ତ, ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ: ୦୪।୦୧।୧୯୫୨
ତିରୋଧାନ: ୦୨।୦୪।୨୦୨୦(ଶ୍ରୀରାମ ନବମୀ)
କିଏ, ଏହାରି ଭିତରେ ପାଞ୍ଚବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତିକୁ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ତ୍ୟାଗ, କର୍ତ୍ତବ୍ୟପରାୟଣତା, ସାହସ ଏବଂ ସଭିଙ୍କୁ ଭଲପାଇବାର କଳା ଆମ ଜୀବନରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ। ଆଜିର ଏହି ପବିତ୍ର ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ବନ୍ଧୁ ଏବଂ ପରିବାରବର୍ଗ।
ଧ-୦୧୮


"M.B.K."
Great Eastern RETAIL
ଶ୍ରୀ ରାମ ନବମୀ
ଏହି ଶୁଭ ଅବସରରେ ଘରକୁ ଆଣନ୍ତୁ ଖୁସି
upto ₹7000 EXCHANGE VALUE*
upto ₹45000 CASH BACK*
0 DOWN PAYMENT* COST EMI*
5YEARS COMPREHENSIVE WARRANTY*
FREE STANDARD INSTALLATION*
FREE EXPRESS DELIVERY*
upto 55% OFF
1.5 T 3* Inverter AC MRP ₹55990 EFFECTIVE PRICE ₹25390* ₹78/Day*
1.5 T 5* Inverter AC MRP ₹67990 EFFECTIVE PRICE ₹31490* ₹94/Day*
upto 54% OFF
1.5 T 3* Inverter AC MRP ₹45900 EFFECTIVE PRICE ₹20990* ₹65/Day*
1.5 T 5* Inverter AC MRP ₹54900 EFFECTIVE PRICE ₹25490* ₹78/Day*
upto 62% OFF
1.5 T 3* Inverter AC MRP ₹64990 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹75990 EFFECTIVE PRICE ₹30490* ₹92/Day*
upto 65% OFF
1.5 T 3* Inverter AC MRP ₹78990 EFFECTIVE PRICE ₹27990* ₹85/Day*
1.5 T 5* Inverter AC MRP ₹85990 EFFECTIVE PRICE ₹33990* ₹81/Day*
upto 66% OFF
1.5 T 3* Inverter AC MRP ₹78990 EFFECTIVE PRICE ₹26990* ₹82/Day*
1.5 T 5* Inverter AC MRP ₹78490 EFFECTIVE PRICE ₹32490* ₹97/Day*
upto 61% OFF
1.5 T 3* Inverter AC MRP ₹64850 EFFECTIVE PRICE ₹25490* ₹78/Day*
1.5 T 5* Inverter AC MRP ₹75850 EFFECTIVE PRICE ₹34990* ₹104/Day*
upto 54% OFF
1.5 T 3* Inverter AC MRP ₹58400 EFFECTIVE PRICE ₹26990* ₹82/Day*
1.5 T 5* Inverter AC MRP ₹67200 EFFECTIVE PRICE ₹35990* ₹107/Day*
upto 59% OFF
1.5 T 3* Inverter AC MRP ₹50900 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹67900 EFFECTIVE PRICE ₹34490* ₹103/Day*
upto 63% OFF
1.5 T 3* Inverter AC MRP ₹62200 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹71900 EFFECTIVE PRICE ₹26490* ₹81/Day*
upto 24% OFF
1.5 T 3* Inverter AC MRP ₹56790 EFFECTIVE PRICE ₹42490* ₹125/Day*
1.5 T 5* Inverter AC MRP ₹70520 EFFECTIVE PRICE ₹53990* ₹157/Day*
upto 52% OFF
MRP ₹47990 1.5 T 3* Window AC EFFECTIVE PRICE ₹22990* ₹71/Day*
upto 47% OFF
MRP ₹41900 1.5 T 3* Window AC EFFECTIVE PRICE ₹21990* ₹68/Day*
upto 49% OFF
MRP ₹45090 1.5 T 3* Window AC EFFECTIVE PRICE ₹22990* ₹71/Day*
upto 35% OFF
184 L Single Door MRP ₹17260 EFFECTIVE PRICE ₹11190* ₹31/Day*
upto 35% OFF
235 L Double Door MRP ₹30690 EFFECTIVE PRICE ₹19790* ₹55/Day*
upto 48% OFF
596L Side By Side + 24L OTG MRP ₹101990 EFFECTIVE PRICE ₹52890* ₹110/Day*
upto 40% OFF
HAVELLS Deseart Cooler MRP ₹22390 EFFECTIVE PRICE ₹13490* ₹37/Day*
upto 36% OFF
USHA Air Cooler MRP ₹13190 EFFECTIVE PRICE ₹8490* ₹24/Day*
upto 27% OFF
230L Deep Freezer MRP ₹32890 EFFECTIVE PRICE ₹23990* ₹67/Day*
BRING HOME THE GAME
upto 59% OFF
32 (81.28cm) Smart TV MRP ₹28390 EFFECTIVE PRICE ₹11490* ₹32/Day*
upto 55% OFF
43 (109.7cm) Smart TV MRP ₹50490 EFFECTIVE PRICE ₹22490* ₹62/Day*
upto 49% OFF
55 (139.7cm) UHD TV MRP ₹66990 EFFECTIVE PRICE ₹34490* ₹103/Day*
upto 45% OFF
65 (165.1cm) Google TV MRP ₹101990 EFFECTIVE PRICE ₹55790* ₹162/Day*
upto 55% OFF
75 (190.5cm) UHD TV MRP ₹199900 EFFECTIVE PRICE ₹89990* ₹178/Day*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA GLEN hindware FABER Sunflame USHA
UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹3,500 per card; Also valid on EMI Trxns.; Validity: 15 Mar - 13 Apr 2025. T&C Apply.
SCAN FOR MORE OFFERS
Widest Range Of Products*
Extended Warranty*
Easy Finance Available
HDB FINANCIAL SERVICES
BAJAJ FINSERV EMI
IDFC FIRST Bank
www.greateasternretail.com | Great Eastern Retail | HELPLINE 033 4037 2000
ବ୍ରହ୍ମପୁର ଦଳୁଆ ସାହି 9938668181
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice. 6 hrs delivery applicable only on Air Conditioners.
virtual frame

# ବିଜୟରେ ଦିଲ୍ଲୀର ହାଟ୍ରିକ

**ଚେନ୍ନାଇ, ୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶନିବାର ଅନୁଷ୍ଠିତ ଡବଲ ହେଡର ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୫ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୮୪ ରନ ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୫୮ ରନ କରିବାକୁ ସକ୍ଷମ ହୋଇଛି। ନିଜର ପୂର୍ବ ୨ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇଥିବା ଦିଲ୍ଲୀ ଏଠାରେ ବିଜୟରେ ହାଟ୍ରିକ କରି ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଫଳରେ ୩ ମ୍ୟାଚରୁ ଦଳର ପଏଣ୍ଟ ସଂଖ୍ୟା ୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଚେନ୍ନାଇ ୪ ମ୍ୟାଚରୁ ୩ୟ ପରାଜୟ ବରଣ କରିଛି। ଦୀର୍ଘ ୧୫ ବର୍ଷ ପରେ ଚେନ୍ନାଇ ପିଚ୍‌ରେ ସୁପର କିଙ୍ଗ୍ସକୁ ପରାସ୍ତ କରିଛି ଦିଲ୍ଲୀ। ୨୦୧୦ରେ ଆଇପିଏଲ୍‌ର ତୃତୀୟ ସଂସ୍କରଣ ପରେ ଚେନ୍ନାଇରେ ଆଉ ବିଜୟ ସ୍ୱାଦ ଚାଖିପାରି ନ ଥିଲା କ୍ୟାପିଟାଲ୍ସ। ଧୋନୀଙ୍କ ଦଳ ଏଠାରେ ଦିଲ୍ଲୀ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଆସୁଥିଲା। ମାତ୍ର ଏଥର ତାହାର ପୁନରାବୃତ୍ତି ହୋଇପାରିନାହିଁ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଦିଲ୍ଲୀ ଲୋକେଶ ରାହୁଲଙ୍କ ଦ୍ରୁତ ୭୧ (୫୧ ବଲ, ୬ ଚୌକା, ୩ ଛକା) ରନ ସହାୟତାରେ ୬ ଉଇକେଟ ହରାଇ ୧୮୩ ରନ କରିଥିଲା। ଅଭିଷେକ ପୋରେଲ ୩୩ ରନର ଉପଯୋଗୀ ଅବଦାନ ଦେଇଥିବାବେଳେ ୧୨ ବଲ୍‌ରୁ ୨୪ ରନକରି ଅପରାଜିତ ରହିଥିଲେ ଟ୍ରିଷ୍ଟନ ଷ୍ଟବ୍ସ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଖଲିଲ ଅହମଦ ୨ଟି ଏବଂ ରବୀନ୍ଦ୍ର ଜାଡେଜା, ନୁର ଅହମଦ ଓ ମାଥିସା ପଥିରାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରନ ଚେଜ୍‌ରେ ଚେନ୍ନାଇ ୨୦ ରନରେ ୨ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିବା ଚେନ୍ନାଇ ଶେଷ ପର୍ଯ୍ୟନ୍ତ ସେଥିରୁ ମୁକୁଳି ପାରି ନ ଥିଲା। ବିଜୟ ଶଙ୍କର ଓ ମହେନ୍ଦ୍ର ସିଂ ଧୋନୀ ୬ଷ୍ଠ ଉଇକେଟରେ ୮୪ ରନ ଯୋଗ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ତେବେ ଶଙ୍କର ଓ ଧୋନୀ ଚେନ୍ନାଇ ପାଇଁ ୬ଷ୍ଠ ଉଇକେଟରେ ସର୍ବାଧିକ ଭାଗୀଦାରି ରେକର୍ଡର ଅଧିକାରୀ ହୋଇଥିଲେ। ପୂର୍ବରୁ ମାଇକେଲ ହସୀ ଓ ଏସ. ବଦ୍ରିନାଥ ୭୩ ରନକରି ରେକର୍ଡର ଅଧିକାରୀ ଥିଲେ। ବିଜୟ ଶଙ୍କର ୬୯ ଓ ଧୋନୀ ୩୦ ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ଭିପରାଜ ନିଗମ ୨ଟି ଏବଂ ମିଚେଲ ଷ୍ଟାର୍କ, ମୁକେଶ କୁମାର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲୋକେଶ ରାହୁଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୩/୬ (ଲୋକେଶ ରାହୁଲ-୭୭, ଅଭିଷେକ ପୋରେଲ ୩୩, ଟ୍ରିଷ୍ଟନ ଷ୍ଟବ୍ସ-୨୪*, ଖଲିଲ ଅହମଦ-୨/୨୫, ରବୀନ୍ଦ୍ର ଜାଡେଜା-୧/୧୯, ନୁର ଅହମଦ-୧/୩୬, ମାଥିସା ପଥିରାନା-୧/୩୧)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୫୮/୫ (ବିଜୟ ଶଙ୍କର-୬୯*, ମହେନ୍ଦ୍ର ସିଂ ଧୋନୀ-୩୦*, ଭିପରାଜ ନିଗମ-୨/୨୭, ମିଚେଲ ଷ୍ଟାର୍କ-୧/୨୭, ମୁକେଶ କୁମାର-୧/୩୬, କୁଲଦୀପ ଯାଦବ-୧/୩୦)।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ହାଇଦ୍ରାବାଦ**
**ବନାମ ଗୁଜରାଟ**
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | +୦.୧୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୨ | -୦.୮୯୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | -୧.୬୧୨ |

# ରୟାଲ୍ସର ଚ୍ୟାଲେଞ୍ଜିଂ ସ୍କୋର

**ଚଣ୍ଡିଗଡ଼, ୫।୪**

ମୁଲାନପୁର ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଛି ରାଜସ୍ଥାନ ରୟାଲ୍ସ। ଯଶସ୍ୱୀ ଜୟସ୍ୱାଲଙ୍କ ଅର୍ଦ୍ଧଶତକ ସହାୟତାରେ ରାଜସ୍ଥାନ ଦଳ ୨୦ ଓଭରରେ ୪ ଉଇକେଟ ହରାଇ ୨୦୫ ରନ ସ୍କୋର କରିଛି। ମୁଲାନପୁର ଗ୍ରାଉଣ୍ଡରେ ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର ହେବା ଏହା ପ୍ରଥମ।

ଟସ୍ ହାରି ରୟାଲ୍ସ ବ୍ୟାଟିଂ ଆମନ୍ତ୍ରଣ ପାଇଥିବାବେଳେ ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ସଞ୍ଜୁ ସାମସନ ଓପନିଂ ଯୋଡ଼ିରେ ୮୯ ରନର ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ସାମସନ ୩୮ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଜୟସ୍ୱାଲ କିନ୍ତୁ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ସର୍ବାଧିକ ୬୭ ରନ ସ୍କୋର କରିଥିଲେ। ରିୟାନ ପରାଗ ଦ୍ରୁତ ହାରରେ ରନ ସଂଗ୍ରହ କରି ୨୫ ବଲ୍‌ରୁ ୪୩ ରନରେ ଅପରାଜିତ ରହି ଦଳକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନୀତୀଶ ରାଣା ୧୨ ଓ ଶିମରନ ହେଟମେର ୨୦ ରନ କରିଥିଲେ। ପଞ୍ଜାବ ପକ୍ଷରୁ ଲୋକି ଫର୍ଗୁସନ ୨ଟି ଏବଂ ଅର୍ଶଦୀପ ସିଂ ଓ ମାର୍କୋ ଜାନସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୦୫/୪ (ଯଶସ୍ୱୀ ଜୟସ୍ୱାଲ-୬୭, ରିୟାନ ପରାଗ-୪୩, ସଞ୍ଜୁ ସାମସନ-୩୮, ଲୋକି ଫର୍ଗୁସନ-୨/୩୭, ଅର୍ଶଦୀପ ସିଂ-୧/୩୫, ମାର୍କୋ ଜାନସେନ-୧/୧/୪୫)।



ଶଟ୍ ଖେଳିବା ଅବସରରେ ଯଶସ୍ୱୀ ଜୟସ୍ୱାଲ।

# ପନ୍ତଙ୍କୁ ୧୨ ଲକ୍ଷ ଜରିମାନା

**ଲକ୍ଷ୍ନୌ, ୫।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଶୁକ୍ରବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ୧୨ରନ ବିଜୟ ମ୍ୟାଚରେ ଗୋଟିଏ ସ୍ଲୋ-ଓଭର ରେଟ୍ ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା ହୋଇଛି। ଆଇପିଏଲ୍‌ରେ ଗୋଟିଏ ଦଳକୁ ନିର୍ଦ୍ଧାରିତ ୯୦ ମିନିଟ୍ ଭିତରେ ୨୦ ଓଭର ବୋଲିଂ କରିବାକୁ ହୋଇଥାଏ। ମାତ୍ର ଏହି ସମୟ ମଧ୍ୟରେ ଲକ୍ଷ୍ନୌ ୧୯ ଓଭର ବୋଲିଂ କରିପାରିଥିଲା। ଆଇପିଏଲ୍ ଆଚରଣ ସଂହିତାର ଧାରା୨.୨୨ ଅଧୀନରେ ଚଳିତ ସିଜନରେ ଦଳର ଏହା ହେଉଛି ପ୍ରଥମ ଅପରାଧ। ସର୍ବନିମ୍ନ ଓଭର ରେଟ୍ ଅପରାଧ ପାଇଁ ରିଷଭ ପନ୍ତଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା ହୋଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କହିଛି। ଅନ୍ୟପକ୍ଷରେ ଲକ୍ଷ୍ନୌ ଦଳର ଟ୍ରମ୍ପ କାର୍ଡ ଦିଗ୍‌ଭେଶ ରାଠୀ କ୍ରମାଗତ ଦ୍ୱିତୀୟ ଥର ଆଇପିଏଲ୍ ଆଚରଣ ସଂହିତାର ଲେଭଲ-୧ ଉଲ୍ଲଂଘନ କରିଥିବାରୁ ତାଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଛି। ପୂର୍ବରୁ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଉଇକେଟ ନେବା ପରେ ସେ ଅଭଦ୍ରୋଚିତ ଢଙ୍ଗରେ ଖୁସି ମନାଇଥିବାରୁ ତାଙ୍କୁ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଥିଲା। ଶୁକ୍ରବାର ମୁମ୍ବାଇ ଇଣ୍ଡିଆନ୍ସର ନମନ ଧୀରଙ୍କ ଉଇକେଟ ନେବା ପରେ ସେ ଅନୁରୂପ ଆଚରଣ ପ୍ରଦର୍ଶନ କରିଥିଲେ। ଫଳରେ ତାଙ୍କ ଶୃଙ୍ଖଳାଗତ ଖାତାରେ ୨ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ପୂର୍ବରୁ ଏପ୍ରିଲ-୧ରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ତାଙ୍କ ଆଚରଣ ପାଇଁ ତାଙ୍କର ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ